


ଯା ଦେବୀ ସର୍ବଭୂତେଷୁ...........

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୧୫ ଫେବୃଆରୀ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 15 FEBRUARY 2024

Vol.No. 35 ■ No.45 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


## ଗଞ୍ଜାମ ଜିଲ୍ଲାର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମର ଶୁଭ ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୪/୨ (ନି.ପ୍ର): ବିଶ୍ୱର ବଡ଼ବଡ଼ ଆଇଟି କମ୍ପାନି ଓଡ଼ିଶାରେ ସେମାନଙ୍କର କମ୍ପାନି ପ୍ରତିଷ୍ଠା କରୁଛନ୍ତି। କ୍ରୀଡ଼ା ଓ ବିପର୍ଯ୍ୟୟ ପରିଚାଳନା କ୍ଷେତ୍ରରେ ଓଡ଼ିଶା ସୁନାମ ଅର୍ଜନ ଆଣୁଛି। ଆମର ୫-ଟି ଉପକ୍ରମ ଶିକ୍ଷା-ସ୍ୱାସ୍ଥ୍ୟ ଭିତ୍ତିଭୂମି କ୍ଷେତ୍ରରେ ବ୍ୟାପକ ରୂପାନ୍ତର ଆଣିଛି। ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ, ସମଲେଇ ପ୍ରକଳ୍ପ ଓ ମା' ତାରାତାରିଣୀ ପୀଠର ରୂପାନ୍ତର ଓଡ଼ିଶାକୁ ଗୌରବାନ୍ୱିତ କରିଛି। ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଲୋକଙ୍କ ଚିକିତ୍ସା ଚିନ୍ତା ଦୂର କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ ଗଞ୍ଜାମ ଜିଲ୍ଲାରେ ବିଭିନ୍ନ ଉନ୍ନୟନମୂଳକ



ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ଅନେକ ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ ପ୍ରଥମେ ହିଞ୍ଜିଳି-ଶେରଗଡ଼ ଯାଇ ସେଠାରେ ୧୮୧.୭୮ କୋଟି ଟଙ୍କା ବିନିଯୋଗରେ ନିର୍ମିତ ୭ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ୧୩୬.୭୮ କୋଟି ଟଙ୍କାର ୮ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ଶୀତଳାପଲ୍ଲୀଠାରେ ୬୩୯.୮୧ କୋଟି ଟଙ୍କା ମୂଲ୍ୟର ୨୪ ଟି ପ୍ରକଳ୍ପର ଶୁଭ ଉଦ୍‌ଘାଟନ କରିବା ସହିତ ୨୯୯୪ କୋଟି ଟଙ୍କାର ୫୪ଟି ପ୍ରକଳ୍ପ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ଶେରଗଡ଼ଠାରେ ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆପଣମାନଙ୍କ ସହଯୋଗରେ ହିଞ୍ଜିଳି-ଶେରଗଡ଼ ଦେଶର ଶ୍ରେଷ୍ଠ ବ୍ଲକ୍ ଭାବେ ପରିଚୟ ପାଇଛି ଏବଂ ଏହି ନିର୍ବାଚନ ମଣ୍ଡଳୀ ଏକ ଆଦର୍ଶ ନିର୍ବାଚନ ମଣ୍ଡଳୀରେ ମଧ୍ୟ ପରିଣତ ହୋଇଛି। ୫-ଟି ଉପକ୍ରମରେ ରୂପାନ୍ତର ଅଭିଯାନର ଭିତ୍ତି ପ୍ରଥମେ ହିଞ୍ଜିଳି-ଶେରଗଡ଼ରୁ ହିଁ ଆରମ୍ଭ ହୋଇଥିଲା। ମା'ତାରାତାରିଣୀ ପୀଠର ଉନ୍ନତି ସହିତ ହାଇସ୍କୁଲ ରୂପାନ୍ତରଣ କାର୍ଯ୍ୟ ଏଠାରୁ ଆରମ୍ଭ ହୋଇଥିଲା। ଏହିସବୁ ରୂପାନ୍ତର କାର୍ଯ୍ୟ ଆଜି ଦେଶବିଦେଶକୁ ଆକର୍ଷିତ କରୁଛି। ଆଜି ହାଇସ୍କୁଲ ରୂପାନ୍ତର କାର୍ଯ୍ୟ ଶେଷହୋଇ ସାରା ରାଜ୍ୟରେ ୮୦୦୦ରୁ ଅଧିକ ହାଇସ୍କୁଲ ରୂପାନ୍ତରିତ ହୋଇଛି। ▶▶ପୃଷ୍ଠା ୭

## ଓଏଏସ୍ ବଦଳି: ଗଙ୍ଗାଧର ନାୟକ ହେଲେ ରାଜ୍ୟ ମାନବାଧିକାର କମିଶନ ସଚିବ

ଭୁବନେଶ୍ୱର, ୧୪/୨ (ନି.ପ୍ର): ରାଜ୍ୟ ସରକାର ଓଏଏସ୍ ଅଫିସରସ୍ତରରେ ବଦଳି କରିଛନ୍ତି। ମତ୍ସ୍ୟ ଓ ପଶୁସମ୍ପଦ ବିଭାଗର ସ୍ୱତନ୍ତ୍ର ସଚିବ ବରିଷ୍ଠ ଓଏଏସ୍ ଗଙ୍ଗାଧର ନାୟକଙ୍କୁ ଓଡ଼ିଶା ମାନବାଧିକାର କମିଶନଙ୍କ ସଚିବ ଭାବେ ବଦଳି ହୋଇଛି। ସାଧାରଣ ପ୍ରଶାସନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଓଡ଼ିଶା ମାନବାଧିକାର କମିଶନଙ୍କ ସଚିବ ଭାବେ ବରିଷ୍ଠ ଓଏଏସ୍ ସୁଦର୍ଶନ ପରିଡ଼ାଙ୍କ ପୂର୍ବ ବଦଳି ନିର୍ଦ୍ଦେଶକୁ ବାତିଲ କରାଯାଇଛି। ଶ୍ରୀ ପରିଡ଼ା ଏବେ ଗ୍ରାମ୍ୟ ଉନ୍ନୟନ ବିଭାଗର ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଛନ୍ତି। ▶▶ପୃଷ୍ଠା ୭

## ନେତା ଗଲେ ମଧ୍ୟ କଂଗ୍ରେସର କିଛି କ୍ଷତି ହେବନି : ପିସିସି ସଭାପତି

ଭୁବନେଶ୍ୱର, ୧୪/୨ (ନି.ପ୍ର): ନିର୍ବାଚନ ପାଖେଇ ଆସୁଥିବା ବେଳେ ଜଣେ ଜଣେ ପରେ ଟାଣୁଆ ନେତା କଂଗ୍ରେସ ଛାଡୁଛନ୍ତି। ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି ଓ ପୂର୍ବତନ ଅନୁଗୋଳ ଜିଲ୍ଲା ସଭାପତି ନିହାର ମହାନନ୍ଦ କଂଗ୍ରେସରୁ ଇସ୍ତଫା ଦେଇଛନ୍ତି। ଦଳ ଉପରେ ଅସନ୍ତୋଷ ଝାଡ଼ି ଉଭୟ କଂଗ୍ରେସର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ଦୁଇ ନେତାଙ୍କ ଇସ୍ତଫା ନେଇ ରାଜ୍ୟ କଂଗ୍ରେସ ସଭାପତି ଶରତ ପଟ୍ଟନାୟକ କହିଛନ୍ତି ସେମାନେ ବିଜେପି ଓ ବିଜେଡି ଲିଙ୍କ୍ ରେ ଅଛନ୍ତି। ଆଗକୁ ଆହୁରି ନେତା ଛାଡ଼ିବେ। ସେମାନେ ଗଲେ ମଧ୍ୟ କଂଗ୍ରେସର କିଛି କ୍ଷତି ହେବନି। ସେମାନେ ଛାଡ଼ିଲେ ନୂଆ ମୁହଁକୁ ଆମେ ସୁଯୋଗ ଦେବୁ। ▶▶ପୃଷ୍ଠା ୭

## ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ପୁଣି ରାଜ୍ୟସଭା ପ୍ରାର୍ଥୀ: ସମର୍ଥନ ଜଣାଇଲା ବିଜେଡି

ଭୁବନେଶ୍ୱର, ୧୪/୨ (ନି.ପ୍ର): କିଛି ଦିନ ହେବ ଲାଗି ରହିଥିବା ଚର୍ଚ୍ଚାରେ ପଡ଼ିଛି ପୂର୍ଣ୍ଣଚ୍ଛେଦ। ପୁଣି ଓଡ଼ିଶାରୁ ଅଶ୍ୱିନୀ ବୈଷ୍ଣବ ରାଜ୍ୟସଭା ପ୍ରାର୍ଥୀ ହୋଇଛନ୍ତି। ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ନାଁ ବିଜେପି ଘୋଷଣା କରିଛି। ଆଜି ବିଜେପି ପକ୍ଷରୁ ଏନେଇ ବିଧିବଦ୍ଧଭାବେ ଘୋଷଣା କରାଯାଇଛି।



୨୦୧୯ରେ ବିଜେଡି ସମର୍ଥନରେ ରାଜ୍ୟସଭାକୁ ଯାଇଥିଲେ ଅଶ୍ୱିନୀ। ଏଥର ବି ଅଶ୍ୱିନୀଙ୍କୁ ସମର୍ଥନ ଜଣାଇଥିବା ନେଇ ବିଧିବଦ୍ଧ ଭାବେ ଘୋଷଣା କରିଛି ବିଜେଡି। ୨୦୧୯ରେ ବି ବିଜେପିର ରାଜ୍ୟସଭା ପ୍ରାର୍ଥୀ ଅଶ୍ୱିନୀ ବୈଷ୍ଣବଙ୍କୁ ସମର୍ଥନ କରିଥିଲା ବିଜେଡି । ଚଳିତ ଥର ବି ନିଜ ସମର୍ଥନ ଦୋହରାଇବ ବୋଲି ଏପ ପ୍ରେସ୍ ରିଲିଜ ଜାରି କରି ଘୋଷଣା କରିଛି ବିଜେଡି। ରାଜ୍ୟରେ ଖାଲି ହେଉଥିବା ୩ଟି ରାଜ୍ୟସଭା ଆସନ ପାଇଁ ଦୁଇ ଦିନ ତଳେ ବିଜେଡି କଟକର ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟ ଓ ପୁରୀର ଯୁବ ବିଜେଡି ଉପସଭାପତି ଶୁଭାଶିଷ ଖୁଣ୍ଟିଆଙ୍କ ନାଁ ରାଜ୍ୟସଭା ପ୍ରାର୍ଥୀ ଭାବେ ଘୋଷଣା କରିଥିଲା। ତେବେ ତୃତୀୟ ପ୍ରାର୍ଥୀ କିଏ ହେବ ତାକୁ ନେଇ ସସପେନ୍ସ ଜାରି ରହିଥିଲା। ଅଶ୍ୱିନୀ ବୈଷ୍ଣବଙ୍କୁ ରାଜ୍ୟସଭା ପ୍ରାର୍ଥୀ କରାଯିବ ବୋଲି ଚର୍ଚ୍ଚା ହେଉଥିଲା। ଆଜି ସେହି ଚର୍ଚ୍ଚାର ଅନ୍ତ ଘଟିଛି। ଅଶ୍ୱିନୀ ବୈଷ୍ଣବ ପୁଣି ଥରେ ଓଡ଼ିଶାରୁ ରାଜ୍ୟସଭା ପ୍ରାର୍ଥୀ ହୋଇଛନ୍ତି। ୨୦୨୧ ▶▶ପୃଷ୍ଠା ୭

## କଳାକାରମାନଙ୍କ ସହାୟତା ରାଶି ବୃଦ୍ଧି : ଉପକୃତ ହେବେ ୮୦ ହଜାର କଳାକାର

ଭୁବନେଶ୍ୱର, ୧୪/୨ (ନି.ପ୍ର): ଆମର ଲୋକକଳା ଆମର ଅସ୍ମିତା ଏବଂ କଳାକାର ମାନେ ଭାଷା, ସାହିତ୍ୟ ଓ ସଂସ୍କୃତିର ପ୍ରଚାର ପ୍ରସାରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାନ୍ତି । କଳାକାର ମାନଙ୍କ ହିତକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକ ଆଜି "ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା"ରେ କଳାକାର ମାନଙ୍କ ସହାୟତା ରାଶି ବୃଦ୍ଧି ଘୋଷଣା କରିଛନ୍ତି । ଏହି ନୂଆ ଘୋଷଣା ଅନୁଯାୟୀ, ଏହି ଯୋଜନାର ହିତାଧିକାରୀ ମାନେ ଏବେ ମାସକୁ ୧୨୦୦ ପରିବର୍ତ୍ତେ ୨୦୦୦ ଟଙ୍କା ସହାୟତା ପାଇବେ। ୮୦ ବର୍ଷରୁ ଉର୍ଦ୍ଧ୍ୱ କଳାକାର ମାସକୁ ୨୫୦୦ ଟଙ୍କା ସହାୟତା ପାଇବେ। ଏହାଦ୍ୱାରା ରାଜ୍ୟର ୮୦ ହଜାର କଳାକାର ଉପକାର ପାଇବେ। ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ ୫ଟି ତଥା ନବୀନ ଓଡ଼ିଶା ଅଧ୍ୟକ୍ଷ ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ ଜିଲ୍ଲାଗସ୍ତ ସମୟରେ କଳାକାରମାନେ ସହାୟତା ରାଶି ବୃଦ୍ଧି ନିମିତ୍ତ ଅନୁରୋଧ କରିଥିଲେ ଏବଂ ସେମାନଙ୍କର ସଂଗଠନ ମାନେ ଦାବି ଉପସ୍ଥାପନ କରିଥିଲେ । ଏହା ବ୍ୟତୀତ ଲୋକସେବା ଭବନର କନଭେନସନ କେନ୍ଦ୍ରରେ ୫ଟି ଅଧ୍ୟକ୍ଷଙ୍କ ସହିତ ଯୋଗାଯୋଗ ସମୟରେ ▶▶ପୃଷ୍ଠା ୭

## ଚାଷୀଙ୍କ ବିଶାଳ ଆନ୍ଦୋଳନ ଜାରି: ଆଜି କେନ୍ଦ୍ର ସହ ପୁଣି ଆଲୋଚନା


ନୂଆଦିଲ୍ଲୀ, ୧୪/୨ : ପୁଲିସ୍ ଓ ପ୍ରଶାସନର ସବୁ ପ୍ରକାରର ବଳପ୍ରୟୋଗ ସତ୍ତ୍ୱେ ନିଜର ହକ ପାଇଁ ଲଢ଼େଇ କରୁଥିବା ଚାଷୀମାନେ ସେମାନଙ୍କ ଦିଲ୍ଲୀ ଚାଲୋ ଆନ୍ଦୋଳନ ଜାରି ରଖିଛନ୍ତି। ମଙ୍ଗଳବାର ରାତିରେ ଚାଷୀମାନେ ସେମାନଙ୍କ ଆନ୍ଦୋଳନକୁ ସାମୟିକ ଭାବେ ବନ୍ଦ ରଖିଥିଲେ। ହେଲେ ଆଜି ସକାଳୁ ସେମାନେ ପୁଣି ଦିଲ୍ଲୀ ଅଭିମୁଖେ ବାହାରିଛନ୍ତି। ପଞ୍ଜାବ-ହରିଆଣା ସୀମାରେ ପୁଲିସ୍ ସହ ସେମାନଙ୍କର ଧସ୍ତାଧସ୍ତି ହୋଇଥିଲେ ମଧ୍ୟ ଏହାକୁ ଖାତିର ନ କରି ଆଗକୁ ବଢ଼ିଛନ୍ତି। ଦିଲ୍ଲୀ ଅଭିମୁଖେ ଯିବା ପାଇଁ ଶମ୍ଭୁ ସୀମାନ୍ତରେ ଚାଷୀଙ୍କ ଶତାଧିକ ଟ୍ରାକ୍ଟର ଲାଇନ ହୋଇ ରହିଛି। ଚାଷୀମାନେ ପୁଲିସ୍ ପକ୍ଷରୁ ଲଗାଯାଇଥିବା ବ୍ୟାରିକେଡ ଆଡ଼କୁ ଆସୁଥିବାରୁ ସେମାନଙ୍କୁ ଟାର୍ଗେଟ କରି ପାଣି ଓ ଲୁହ ବୁହା ଗ୍ୟାସ ଆଜି



ମଧ୍ୟ ମାଡ଼ କରାଯାଇଛି। ତଥାପି ଚାଷୀମାନେ ହାର ମାନି ନାହାନ୍ତି। ଚାଷୀଙ୍କ ଦିଲ୍ଲୀ ଚାଲୋ ଆନ୍ଦୋଳନ ଯୋଗୁ ଦିଲ୍ଲୀ ଓ ଏହାର ଉପକଣ୍ଠରେ ଆଜି ଦ୍ୱିତୀୟ ଦିନ ପାଇଁ ମଧ୍ୟ ପ୍ରବଳ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। ଟ୍ରାଫିକ କଟକଣା ଓ ପୁଲିସ୍ ଫୋର୍ସର ମୁତୟନ ଯୋଗୁ ଲୋକମାନେ ଯିବା ଆସିବାରେ ଭୟଙ୍କ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏମଏସ୍‌ପି ଉପରେ ଆଇନଗତ ମାନ୍ୟତା ଓ ଋଣ ଛାଡ଼ ଦାବିରେ ସଂଯୁକ୍ତ କିଷାନ ମୋର୍ଚ୍ଚା ଓ କିଷାନ ମଜଦୁର ମୋର୍ଚ୍ଚା ପକ୍ଷରୁ ଦିଲ୍ଲୀ ଚାଲୋ ଶୋଭାଯାତ୍ରା ଆରମ୍ଭ କରାଯାଇଛି। ସରକାର ଏହି ଦୁଇ ସଂଗଠନର ନେତାଙ୍କ ସହ ଆଲୋଚନା କରିଥିଲେ ମଧ୍ୟ କିଛି ବି ଲାଭ ମିଳିନାହିଁ। ଆଜି ପଞ୍ଜାବରୁ ଆସୁଥିବା ଚାଷୀମାନଙ୍କୁ ହରିଆଣା ପୁଲିସ୍ ସୀମାରେ ▶▶ପୃଷ୍ଠା ୭

## କଟକରେ ଓଲଟିଲା ବସ୍: ଜଣେ ମୃତ, ଅନେକ ଆହତ


କଟକ, ୧୪/୨ (ନି.ପ୍ର): ଭୁବନେଶ୍ୱରରୁ ବାଲେଶ୍ୱର ଯାଉଥିବା ଯାତ୍ରୀବାହୀ ବସ୍ 'ଚନ୍ଦନ' କଟକରେ ଦୁର୍ଘଟଣା ଗ୍ରସ୍ତ ହୋଇଛି। ଗୋପାଳପୁର ଓଭରବ୍ରିଜ୍ ଅତିକ୍ରମ କରିବା ପରେ ବସ୍‌ଟି ଭାରସାମ୍ୟ ହରାଇ ଓଲଟି ପଡ଼ିଛି। ଏନଏଚ୍ ୧୬ରେ ଦୁର୍ଘଟଣା ଗ୍ରସ୍ତ ହୋଇଥିବା ଚନ୍ଦନ ବସ୍‌ରେ ୪୦ରୁ ଅଧିକ ଲୋକ ରହିଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ସେହିପରି ଅଧିକାଂଶ ଲୋକ ଆହତ ହୋଇଛନ୍ତି। ଆହତଙ୍କମାନଙ୍କୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ସ୍ଥାନୀୟ ଲୋକଙ୍କ



କହିବା କଥା ଯେ ବସ୍‌ଟି ଜଣେ ସାଇକେଲ ଆରୋହୀଙ୍କୁ ବଞ୍ଚାଇବାକୁ ଯାଇ ଦୁର୍ଘଟଣାଗ୍ରସ୍ତ ହୋଇଛି। ସାଇକେଲ ଆରୋହୀ ହଠାତ୍ ବସ୍ ସାମ୍ନାକୁ ଆସିଯିବାରୁ ଡ୍ରାଇଭର ଜଣଙ୍କ ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇଥିଲେ। ଫଳରେ ଏହା ଡିଭାଇଡର ଉପରେ ଚଢ଼ି ଯାଇଥିଲା। ଏହାପରେ ଗୋଟିଏ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇ ଚନ୍ଦନ ବସ୍ ଓଲଟି ପଡ଼ିଥିଲା। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେ ବସଟି ଓଲଟି ପଡ଼ିବା ପରେ ପ୍ରଥମେ ସ୍ଥାନୀୟ ଲୋକମାନେ ହିଁ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିଲେ। ସେମାନେ ବସ୍ ମଧ୍ୟରୁ ମହିଳା ଓ ପୁରୁଷ ଯାତ୍ରୀମାନଙ୍କୁ କୌଣସି ବଡ଼ ଅଘଟଣ ଘଟିବା ପୂର୍ବରୁ ସୁରକ୍ଷିତ ଭାବେ ଉଦ୍ଧାର କରି ନେଇଥିଲେ। ଏହାପରେ ପୁଲିସ୍ ଓ ଅଗ୍ନିଶମ ବିଭାଗର କର୍ମଚାରୀମାନେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଏବେ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଦୁର୍ଘଟଣା ପରେ କାଠଯୋଡ଼ି ଓଭରବ୍ରିଜ ଉପରେ ପ୍ରବଳ ଟ୍ରାଫିକ ସମସ୍ୟା ଦେଖିବାକୁ ମିଳିଛି। ଟ୍ରାଫିକ ବ୍ୟବସ୍ଥାକୁ ସ୍ୱାଭାବିକ କରିବା ପାଇଁ ପୁଲିସ୍ ପ୍ରୟାସ ଜାରି ରଖିଛି।

## ୟୁଏଇ ମାଟିରେ ଖୋଲିଲା ପ୍ରଥମ ହିନ୍ଦୁ ମନ୍ଦିର: ପ୍ରଧାନମନ୍ତ୍ରୀ ମୋଦୀ କଲେ ଉଦ୍‌ଘାଟନ

ନୂଆଦିଲ୍ଲୀ, ୧୪/୨ : ୟୁଏଇ ଆବୁଧାବିରେ ପହଁଚି ଏଠାକାର ପ୍ରଥମ ହିନ୍ଦୁ ମନ୍ଦିରର ଉଦଘାଟନ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହା ହେଉଛି ୟୁଏଇର ପ୍ରଥମ ହିନ୍ଦୁ ମନ୍ଦିର । ୫ବର୍ଷର ନିର୍ମାଣ କାମ ପରେ ଏବେ ଏହା ଶ୍ରଦ୍ଧାଳୁଙ୍କ ପାଇଁ ଖୋଲାଯାଇଛି । ବିଦେଶ ମାଟିରେ ଦେଖିବାକୁ ମିଳିଛି ଭାରତୀୟ ସଂସ୍କୃତି ପରମ୍ପରା ଐତିହ୍ୟର ଝଲକ। ୭୦୦ କୋଟି ଟଙ୍କାରେ ମନ୍ଦିରର ସମ୍ପୂର୍ଣ୍ଣ ନିର୍ମାଣରେ ଲାଗିଛି କେବଳ ଗୋଲପୀ ରଙ୍ଗ ମାର୍ବଲ ପଥର ୨୭ଏକ ଜମିରେ ମନ୍ଦିର ନିର୍ମିତ କରାଯାଇଛି । ମନ୍ଦିରର ଉଚ୍ଚତା ୧୦୮ଫୁଟ ଓ ୪୦୨ ସ୍ତମ୍ଭ ରହିଥିବାବେଳେ ଏଥିରେ କୌଣସି ପ୍ରକାର ଷ୍ଟିଲ ଓ ଲୁହାର ବ୍ୟବହାର କରାଯାଇନି । ▶▶ପୃଷ୍ଠା ୭



## ଅଶ୍ୱିନୀଙ୍କୁ ବିଜେଡିର ସମର୍ଥନ ପରେ କଂଗ୍ରେସର କଟାକ୍ଷ: ଉଭୟଙ୍କ ବୈବାହିକ ମେଣ୍ଟ ଆଗକୁ ମାଡ଼ି ଚାଲିଛି

ଭୁବନେଶ୍ୱର, ୧୪/୨ (ନି.ପ୍ର): ରାଜ୍ୟସଭା ପ୍ରାର୍ଥୀ ଭାବେ ଅଶ୍ୱିନୀ ବୈଷ୍ଣବଙ୍କୁ ବିଜେଡି ସମର୍ଥନ କରିବା ପରେ କଂଗ୍ରେସ ଏହାକୁ କଡ଼ା ସମାଲୋଚନା କରିଛି। ପିସିସି ପ୍ରଭାରୀ ଅଜୟ କୁମାର ସୋଶାଲ ମିଡିଆରେ କଟାକ୍ଷ କରିଥିବା ବେଳେ ସମ୍ବାଦିକ ସମ୍ମିଳନୀ କରି ବର୍ଷିଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ। ପିସିସି ପ୍ରଭାରୀ ଅଜୟ କୁମାର ଟ୍ୱିଟ୍‌ରେ ଉଲ୍ଲେଖ କରିଛନ୍ତି ଯେ, ବିଜେପିକୁ ବିଜେଡି ସବୁବେଳେ ସମର୍ଥନ କରିଆସିଛି। ଉଭୟଙ୍କ ବୈବାହିକ ମେଣ୍ଟ ଅତି ଚତୁରତାର ସହିତ ଆଗକୁ ବଢି ଚାଲିଛି। ଏବେ ଓଡ଼ିଶାବାସୀ ଜାଣୁଛନ୍ତି ବଡ଼ ବଡ଼ ଦୁର୍ନୀତି ସତ୍ତ୍ୱେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ତାଙ୍କର ଘନିଷ୍ଠ ସହଯୋଗୀ ପାଣ୍ଡିଆନଙ୍କ



ଉପରେ କାହିଁକି ସିବିଆଇ- ଇଡି ରେଡ୍ କରୁ ନାହାନ୍ତି। ସେହିପରି ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି, ବିଜେଡିର ମୁଖ୍ୟ ନବୀନ ପଟ୍ଟନାୟକ ସହ ବିଜେପି ଗୁପ୍ତ ସମ୍ପର୍କ ରଖିଛନ୍ତି। ବିଜେଡି ଓ ବିଜେଡି ମଧ୍ୟରେ ଲିଭ୍ ଇନ ରିଲେସନସିପ୍‌ରେ ରହିଛନ୍ତି ବୋଲି ପ୍ରମାଣିତ ହୋଇଗଲା। ସେ ଆହୁରି କହିଛନ୍ତି, ଅଣ ଓଡ଼ିଆ ଲୋକେ ଓଡ଼ିଶା ଆସି ଖଣିଖାଦାନ ଲୁଟୁଛନ୍ତି ବୋଲି ଓଡ଼ିଶାବାସୀ ଜାଣିସାରିଲାଣି। ବିଜେପି ଓ ବିଜେଡି ମଧ୍ୟରେ ଲୁଟିବାକୁ ବୁଝାମଣା ହୋଇଛି। ଗୋଟିଏ ପଟେ ପାଣ୍ଡିଆନ ଲୁଟୁଥିବା ବେଳେ ଅନ୍ୟପଟେ ଅଶ୍ୱିନୀ ଲୁଟୁଛନ୍ତି। କଂଗ୍ରେସ ଶକ୍ତିଶାଳୀ ହୋଇ ଲଢ଼ିବାକୁ ବାହାରିବା ବେଳେ ବିଜେଡି ଓ ବିଜେପି ମିଶିକି ଲଢ଼ିବାକୁ ଯୋଜନା କରୁଛନ୍ତି। କଂଗ୍ରେସ ଏକମାତ୍ର ଦଳ ଯେ ବିଜେପି ଓ ବିଜେଡି ମଧ୍ୟରେ ଲଢ଼େଇ କରୁଛି। ବିଜେପି ଯାହା କହିବ ନବୀନ ▶▶ପୃଷ୍ଠା ୭

## ହାତ ଛାଡ଼ିଲେ ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତି

ଭୁବନେଶ୍ୱର, ୧୪/୨ (ନି.ପ୍ର): କଂଗ୍ରେସକୁ ମିଳିଲା ଆଉ ଏକ ଝଟକା। ଦଳ ଛାଡ଼ିଲେ ପୂର୍ବତନ କଂଗ୍ରେସ ବିଧାୟକ ଅଂଶୁମାନ ମହାନ୍ତି। ଦଳର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି ଅଂଶୁମାନ। ଆଜି ସକାଳେ ସେ ତାଙ୍କ ଇସ୍ତଫା ପତ୍ର ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ନିକଟକୁ ପଠାଇ ଦେଇଛନ୍ତି। ୨୦୧୪ରୁ ୨୦୧୯ ଯାଏଁ କେନ୍ଦ୍ରାପଡ଼ା ରାଜନଗରରୁ କଂଗ୍ରେସର ବିଧାୟକ ଥିଲେ। ତେବେ ସେ କାହିଁକି ଦଳ ଛାଡ଼ିଲେ ସେ ସମ୍ପର୍କରେ ସବିଶେଷ ସୂଚନା ମିଳିପାରିନି। ଅଂଶୁମାନ କେନ୍ଦ୍ରାପଡ଼ା ଜିଲ୍ଲାରେ କଂଗ୍ରେସର ଜଣେ ଟାଣୁଆ ଯୁବ ଚେହେରା ଥିଲେ। ଅଂଶୁମାନ କଂଗ୍ରେସ ଛାଡ଼ିବା ପରେ କେଉଁ ଦଳକୁ ଯିବେ ତାହା ଜଣାପଡ଼ିନାହିଁ। ଗତ ଦୁଇ ଦିନ ତଳେ ବରଗଡ଼ ଅତାବିରାର ପୂର୍ବତନ କଂଗ୍ରେସ ବିଧାୟକ ନିହାର ମହାନନ୍ଦ ଦଳ ଛାଡ଼ିଥିଲେ।

# ଚାଷୀଙ୍କ କାମରେ ଲାଗୁନି କଲିନାଜୁ, ମଧୁଝରି ଡ୍ୟାମ୍: ପାଣି ନମିଳିବାରୁ ଚାଷୀ ହନ୍ତସନ୍ତ



ଘୁ.ଉଦୟଗିରି, ୧୪/୨ (ନି.ପ୍ର): ହଜାର ହଜାର ଚାଷୀ ଚାଷ କରି ଉପକୃତ ହେବା ସହିତ ଆର୍ଥିକ କ୍ଷେତ୍ରରେ ସୁଦୃଢ ହେବେ ବୋଲି ସରକାରଙ୍କର କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିନରେ ରଟିଙ୍ଗିଆ ପଞ୍ଚାୟତରେ ଦୁଇଟି(କଲିନାୟୁ ଓ ମଧୁଝରି) ଡ୍ୟାମ ନିର୍ମାଣ କରିଥିଲେ। ତାହା ଏବେ ଶୁଖି ଫାଟିଲା ପଡିଆ ସଦୃଶ ରହିଛି। ଏହି କଲିନାଜୁ ଡ୍ୟାମର ପାଣିରେ କଲିନାଜୁ, ସାରଙ୍ଗଧରପୁର, ଝିମାଙ୍ଗିଆ, ଡକେଡି, ମଗରଗୁଡ଼ା, ଆର.ପଡିକିଆ, ଜେ.ପଡ଼ିକିଆ ଓ ବାକିକାମ୍ବା ଏବଂ ମଧୁଝରି ଡ୍ୟାମର ପାଣିରେ ଧାଙ୍ଗାଡ଼ାମାହା, ରଟିଙ୍ଗିଆ (୫ ଖଣ୍ଡ ଗ୍ରାମ) କିରାମହା ଓ ବାଉଡ଼ିନାୟୁର ହଜାର ହଜାର ସଂଖ୍ୟକ ଚାଷୀମାନେ ନିଜର ଚାଷ ପାଇଁ ଏହି ଡ୍ୟାମର ପାଣି ଉପରେ ନିର୍ଭର କରନ୍ତି। ପ୍ରତିବର୍ଷ ଏହାର କେନାଲ ଏବଂ ଅନ୍ୟାନ୍ୟ ମରାମତି ଓ ସାଜସଜ୍ଜା ପାଇଁ ଅର୍ଥ ଆସୁଥିବା ବେଳେ ବିଭାଗୀୟ ଅଧିକାରୀମାନେ ଏହାର ଅର୍ଥ ପାଣ୍ଠିକୁ ଧୂଳିସାତ କରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଡ୍ୟାମର ଗେଟ୍ ଖରାପ ଥିବା ହେତୁ ଏଠାରେ ପାଣି ସଞ୍ଚିତ ହୋଇ ରହୁନଥିବା ବେଳେ ଅନେକ ଥର ବା ବର୍ଷକୁ ଦୁଇ ତିନିଥର ଲିଖିତ ଅଭିଯୋଗ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ବିଭାଗୀୟ ଅଧିକାରୀଙ୍କୁ ଦେଉଥିଲେ ସୁଦ୍ଧା କୌଣସି ଅଧିକାରୀ କର୍ଣ୍ଣପାତ କରୁନଥିବା ପ୍ରକାଶ କରିଛନ୍ତି ସମସ୍ୟା ଭୋଗୁଥିବା ଏହି ସବୁ ଗ୍ରାମର ଚାଷୀମାନେ। ଏହି ଅଞ୍ଚଳର ଚାଷୀମାନେ ବର୍ଷକୁ ଦୁଇଥର (ରବି ଓ ଖରିଫ) ଫସଲ କରି ଚାଲୁଥିବା ବେଳେ ଦୀର୍ଘ ୬ ବର୍ଷ ହେଲାଣି ପାଣି ଅସୁବିଧା ଭୋଗୁଥିବା ସୂଚନା ଦେଇଛନ୍ତି। ସେହିପରି ଚଳିତ ବର୍ଷ ଖରାଦିନ (ଡାଲୁଆ ଧାନ) ଚାଷ କରିପାରିନଥିବା ହେତୁ ଚାଷୀମାନଙ୍କର ଦୁଃଖ କହିଲେ ନସରେ। ବିଭାଗୀୟ ଅଧିକାରୀଙ୍କ ଏଭଳି ମନମୁଖୀ କାର୍ଯ୍ୟକୁ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଲିଖିତ ଅଭିଯୋଗ କରି ଏହାର ତୁରନ୍ତ ସମାଧାନ ପାଇଁ ଦାବି କରିଛନ୍ତି। ସରକାର କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି ଚାଷୀର ଏବଂ ଚାଷର ବିକାଶ ପାଇଁ ମାଳ ମାଳ ପ୍ରକଳ୍ପ ମାଳ ମାଳ ଯୋଜନା ହେଲେ ଯୋଜନା ଯୋଜନାରେ ରହୁଥିବା ବେଳେ ନିର୍ମିତ ପ୍ରକଳ୍ପ ସବୁ ଖତ ଖାଉଛି। ଜଳସେଚନ ନିମନ୍ତେ ରାଜ୍ୟ ସରକାର କୋଟି କୋଟି ଟଙ୍କା ବ୍ୟୟ ବରାଦ କରୁଥିବା ବେଳେ ଆଦିବାସୀ ଅଧ୍ୟୁଷିତ କନ୍ଧମାଳ ଜିଲ୍ଲାରେ ଏହାର କାଣିଚାଏ ମଧ ଖର୍ଚ୍ଚ ହେବା କିମ୍ବା ଏଥିରୁ ଚାଷୀ ଉପକୃତ ହେବା ଭଳି ଦୃଶ୍ୟ ଦେଖୁବାକୁ ମିଳୁନି।ବିଭିନ୍ନ ସମସ୍ୟା ଭିତରେ ଚାଷୀ ଗତି କରୁଥିବା ବେଳେ ସ୍ଥାନୀୟ ଅଞ୍ଚଳର ଚାଷୀମାନେ ଚାଷ କ୍ଷେତ୍ରରୁ ମୁଁହ ଫେରେଇ ଦାଦନ ଖଟିବାକୁ ବାହାର ରାଜ୍ୟ ମୁଁହା ହେବାରେ ଲାଗିଛନ୍ତି। ପ୍ରଶାସନ ସବୁ ଦେଖୁଛି ସବୁ ଜାଣୁଛି ହେଲେ ନିରବ ଦ୍ରଷ୍ଟା ସାଜି ବସିଛି। ଅନ୍ୟପକ୍ଷରେ ଜଳସେଚନ ନିମନ୍ତେ ପର୍ଯ୍ୟାପ୍ତ କ୍ଷେତ୍ର ଥିବା ସତ୍ତ୍ୱେ କ୍ଷୁଦ୍ର ଜଳ ସେଚନ ବିଭାଗ ଅଧିକାରୀ ମାନେ ଏହାର ସଦ ଉପଯୋଗ କରିବାରେ ବ୍ୟର୍ଥ ହୋଇ ସରକାରୀ ଦରମା ଖାଇ ବସିରହିଛନ୍ତି। ସରକାରୀ ଅଧିକାରୀଙ୍କ ବେପରୁଆ କାର୍ଯ୍ୟ ଯୋଗୁଁ ଚାଷୀକୁଳ ନିଜ ପାରମ୍ପରିକ ଚାଷ କାମ ଛାଡ଼ି ଦାଦନ ଖଟିବାକୁ ବାଧ ହେଉଛନ୍ତି।

# ବଡ଼ଦାଣ୍ଡ ସେବା ଅନୁଷ୍ଠାନ ପକ୍ଷରୁ ବିଶ୍ୱ ରେଡ଼ିଓ ଦିବସ

ପୁରୀ, ୧୪/୨ (ନି.ପ୍ର): ରେଡିଓ ସାଧାରଣ ଲୋକ ମାନଙ୍କର ବନ୍ଧୁ। ସୂଚନା, ଶିକ୍ଷା, ମନୋରଞ୍ଜନ ମାଧ୍ୟମରେ ସେ ଶିଶୁ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଆପଣାର କରିନିଏ ବୋଲି କହିଛନ୍ତି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠୀ। ଆଜି ପୂର୍ବାହ୍ନରେ ମରିଚିକୋଟ ଛକଠାରେ ସାମାଜିକ ସଂଗଠନ ''ବଡ଼ଦାଣ୍ଡ ସେବା'' ର ଚତୁର୍ଥ ବାର୍ଷିକୋତ୍ସବ ଅବସରରେ ବିଶ୍ୱ ରେଡିଓ ଦିବସ ପାଳିତ ହୋଇଯାଇଛି। ଏଥିରେ ଯୋଗଦେଇ ଶ୍ରୀ ସେଠୀ ସରକାରଙ୍କ ଜନ ହିତକର ଯୋଜନା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇବା ଓ ଲୋକ ମାନଙ୍କ ଆବଶ୍ୟକତାକୁ ସରକାର ଓ ପ୍ରଶାସନ ନିକଟରେ ଉପସ୍ଥାପନ କରିବାରେ ରେଡ଼ିଓର ଭୂମିକା ଗୁରୁତ୍ୱପୂର୍ଣ୍ଣ। ବିପର୍ଯ୍ୟୟ ସମୟରେ ଅନ୍ୟ ମାଧ୍ୟମ ପ୍ରଭାବିତ ହେଉଥିବା ବେଳେ ବେତାର ମାଧ୍ୟମ ହିଁ ଲୋକ ମାନ ଙ୍କୁ ବିବିଧ ଜରୁରୀ ଓ ସତର୍କ ସୂଚନା ପ୍ରଦାନରେ ସହାୟକ ହୋଇଥାଏ ବୋଲି କହିଥିଲେ।ଆକାଶବାଣୀ ପୁରୀର କେନ୍ଦ୍ର ନିର୍ଦ୍ଦେଶକ ମାନସ ରଞ୍ଜନ ନାୟକ ରେଡିଓ ପାଖରେ ଥିଲେ କେବେହେଲେ କିଏ ଏକଲା ଅନୁଭବ କରିବ ନାହିଁ। ରେଡିଓ ସହିତ ବିଶ୍ୱବାସୀ ଅଧିକ ପରିଚିତ।୧୮୯୫ ରୁ ଆରମ୍ଭ ହୋଇ ଥିବା ରେଡ଼ିଓ ସମାଜ କଲ୍ୟାଣରେ ତାହାର ଜୟ ଯାତ୍ରା ଜାରି ରଖିଛି ବୋଲି ସେ କହିଥିଲେ। ଟାଉନ ଥାନା ଆଇଆଇସି ସୁନୀଲ କୁମାର ପ୍ରଧାନ ରେଡ଼ିଓ ସବୁ ସମୟରେ ସମସ୍ତଙ୍କୁ ସେବା ଯୋଗାଇ ଆସିଛି ବୋଲି କହିବା ସହ ଅନୁଷ୍ଠାନର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଅବସରରେ ବର୍ଷିୟାନ୍ ରେଡିଓ ପ୍ରେମୀ କୁମୁଦିନୀ ପାଢୀ, ବାଳକୃଷ୍ଣ ମହାପାତ୍ର ଓ ଜଗନ୍ନାଥ ପାଢୀଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ମନୋଜ କୁମାର ସାହୁ କାର୍ଯ୍ୟକ୍ରମର ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ସାମାଜିକ କର୍ମୀ ଶ୍ୟାମ ପ୍ରକାଶ ସେନାପତି ସଂଚାଳନ କରିଥିଲେ।

# ୫ ମାସ ହେବ ଆହାର କେନ୍ଦ୍ରରେ ଝୁଲୁଛି ତାଲା

ଜୟପୁର, ୧୪/୨ (ନି.ପ୍ର): ସରକାର ଗ୍ରାମାଂଚଳ ଗରିବ ଶ୍ରେଣୀର ଲୋକଙ୍କ ପାଇଁ ଅନେକ ଯୋଜନା କରୁଛନ୍ତି। ହେଲେ ସେସବୁ ଯୋଜନାର ସଠିକ ପରିଚାଳନା କରିପାରୁ ନାହିଁ ପ୍ରଶାସନ। ଅଧାରେ ବନ୍ଦ ହେଉଛି ସରକାରୀ ଯୋଜନା। ଗରିବ ଶ୍ରେଣୀର ଲୋକେ ସୁବିଧା ସୁଯୋଗ ପାଇବାରୁ ବଂଚିତ ହେଉଛନ୍ତି। ଯାହାର ଉଦାହରଣ ହେଉଛି ବୋରିଗୁମ୍ମାର ଆହାର କେନ୍ଦ୍ର। ୫ ମାସ ହେବଣି ବନ୍ଦ ହୋଇ ରହିଛି ଆହାର କେନ୍ଦ୍ର। ଏହି ଆହାର କେନ୍ଦ୍ର ଗତ ୨୬/୯/୨୦୨୨ ରେ ଆରମ୍ଭ ହୋଇଥିଲା। ତରା ତାରିଣୀ ଏସଏଚଜି ଗ୍ରୁପ ଏହାକୁ ପରିଚାଳନା କରୁଥିଲେ। ଦୈନିକ ୨୦୦ ଜଣଙ୍କୁ ମାତ୍ର ୫ ଟଙ୍କାରେ ଏମାନେ ଭୋଜନ ଦେଉଥିଲେ। ଏମାନଙ୍କୁ ୬ ମାସର ପାଖା ପାଖି ୭ ଲକ୍ଷ ଟଙ୍କା ପ୍ରଶାସନ ଦେଇନାହିଁ। ଫଳରେ ବାଧ ହୋଇ ଏହି ଗ୍ରୁପର ମହିଳା ମାନେ ଗତ ଅକ୍ଟୋବର ମାସ ଠାରୁ ଆହାର କେନ୍ଦ୍ର ବନ୍ଦ କରିଦେଇଛନ୍ତି। ଆହାର କେନ୍ଦ୍ର ବନ୍ଦ କାରଣରୁ ଅନେକ ଗରିବ ରୋଗୀ ଏବଂ ଦିନ ମଜୁରିଆ ମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଆହାର କେନ୍ଦ୍ରକୁ ପୁଣି କାର୍ଯ୍ୟକ୍ଷମ କରିବାକୁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।

# ସପ୍ତଧାରା କେବେ ପାଇବ ପର୍ଯ୍ୟଟନସ୍ଥଳୀର ମାନ୍ୟତା ?

ମାଲକାନଗିରି, ୧୪/୨ (ନି.ପ୍ର): ମାଲକାନଗିରି ଜିଲ୍ଲା ପ୍ରବେଶପଥ ଗୋବିନ୍ଦପାଲ୍ଲୀ ଘାଟିରେ କୂଳୁ କୂଳୁ ନାଦରେ ପାହାଡର ବୁକୁ ଚିରି ବୋହି ଯାଇଥିବା ଚିରସ୍ରୋତା ସପ୍ତାଧାରା ନଦୀ ଏବେ ଖୋଜୁଛି ନିଜ ପରିଚୟ। କଥା ଦେଇ କଥା ରଖିଲେ ନାହିଁ ମୁଖ୍ୟମନ୍ତ୍ରୀ। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶୃତି ପାଣିର ଗାର। ମୁଖ୍ୟମନ୍ତ୍ରୀଙ୍କ ଆଗ୍ରହ ଥିବା ସତ୍ତ୍ୱେ ପର୍ଯ୍ୟଟନସ୍ଥଳୀ ମାନ୍ୟତରୁ ବଂଚିତ ସପ୍ତଧାରା। ନବୀନ ସରକାରଙ୍କ ୫ ବର୍ଷ ସରିଗଲା ହେଲେ ବି ସପ୍ତଧାରା ପର୍ଯ୍ୟଟନ ମାନଚିତ୍ରରେ ନିଜର ଜାଗା ବନେଇ ପାରିଲା ନାହିଁ। ଏଥିପାଇଁ ଦାୟୀ କିଏ ? ନିଜେ ମୁଖ୍ୟମନ୍ତ୍ରୀ ନା ସ୍ଥାନୀୟ ବିଧାୟକ। ୨୦୧୯ ମସିହାରେ ଏକ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହେଲିକେପ୍ଟରରେ ମାଲକାନଗିରି ଜିଲ୍ଲାକୁ ଆସିଥିଲେ। କାର୍ଯ୍ୟକ୍ରମ ସାରି ଫେରୁଥିବା ସମୟରେ ତାଙ୍କର ନଜର ପଡିଥିଲା ଗୋବିନ୍ଦପାଲି ପାଖରେ ଥିବା ସପ୍ତଧାରା ନଦୀ ଉପରେ। ସପ୍ତଧାରା ନଦୀର ମନୋରୋମ ଦୃଶ୍ୟକୁ ଆକାଶ ମାର୍ଗରୁ ନିରୀକ୍ଷଣ କରି ମନମୁଗ୍ଧ ହୋଇଯାଇଥିଲେ ଏବଂ କିଛି ଫଟୋ ନେଇ ଟୁଇଟ କରିଥିଲେ। ତାକୁ ନେଇ ବିଭିନ୍ନ ପ୍ରକାର କଳ୍ପନାଜଳ୍ପନା ହେଲା ଯେ, ପର୍ଯ୍ୟଟନ ବିକାଶ କ୍ଷେତ୍ରରେ ଓଡିଶା ସରକାର ସପ୍ତଧାରାରେ ପର୍ଯ୍ୟଟନସ୍ଥଳୀ କରିବେ ବୋଲି। ମାଲକାନଗିରି ଜିଲ୍ଲାରେ ଖୁସିର ଲହରୀ ଖେଳି ଯାଇଥିଲା, କିନ୍ତୁ ବର୍ତ୍ତମାନ ୫ ବର୍ଷ ବିତିଗଲା ହେଲେ ସରକାର ତା' ବାବଦରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ନେଲା ନାହିଁ। ଏଠାରେ ଅନେକ ସମୟରେ ପର୍ଯ୍ୟଟକ ମାନେ ଆସନ୍ତି ଏବଂ ଭୋଜି ଭାତର ଆସର ଜମିଥାଏ। ଯାତ୍ରୀମାନେ ମଧ ଗାଡି ରଖି କିଛି ସମୟ ଏହି ପର୍ଯ୍ୟଟନସ୍ଥଳୀରେ ବୁଲାବୁଲି କରିବା ସହ ସପ୍ତଧାରା ନଦୀର ସୌନ୍ଦର୍ଯ୍ୟ ଉପଭୋଗ କରିଥାନ୍ତି। ଯଦି ଏହି ଜାଗାର ଉନ୍ନତି ପ୍ରକୃତରେ ପର୍ଯ୍ୟଟନର ବିକାଶ ପାଇଁ କରାଯାଇଥାନ୍ତା ତାହେଲେ ଆଖପାଖ ରାଜ୍ୟର ଲୋକ ବି ଏଠାକୁ ଆସିପାରନ୍ତେ ଏବଂ ଏଠିକାର ବ୍ୟବସାୟ ଉପରେ ବହୁତ ଭଲ ପ୍ରଭାବ ପଡନ୍ତା। ସପ୍ତଧାରା ଆଜି ପର୍ଯ୍ୟନ୍ତ ପର୍ଯ୍ୟଟନ ମାନଚିତ୍ରରେ ନିଜର ଜାଗା ବନେଇ ପାରିଲା ନାହିଁ। ନିଜେ ମୁଖ୍ୟମନ୍ତ୍ରୀ ଟୁଇଟ କରି ନିଜର କଥା ରଖି ପାରିଲେ ନାହିଁ ତାହେଲେ ଜନସାଧାରଣ ଦେଇଥିବା ଅଭିଯୋଗକୁ କିପରି ସମାଧାନ କରିବେ ବୋଲି ସାଧାରଣରେ ପ୍ରଶ୍ନ ଉଠିଛି।

# ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ପାତ୍ରପୁଟ ଗ୍ରାମକୁ ନାହିଁ ରାସ୍ତା

ମାଲକାନଗିରି, ୧୪/୨ (ନି.ପ୍ର): ସ୍ୱାଧୀନତାର ସାତ ଦଶନ୍ଧି ପରେ ମଧ ଗାଁକୁ ଫିଟିନି ରାସ୍ତା। ଜନଜାତିଙ୍କୁ ସହ ବାରମ୍ବାର ପ୍ରତାରଣା କେବଳ ବିକାଶ ନୁହେଁ ରୋଜଗାର ପନ୍ଥା ମଧ ଏବେ ଅପହଂଚ। ସରକାରଙ୍କ ମାଳ ମାଳ ଯୋଜନା ସତ୍ତ୍ୱେ ଏବେବି କାଉଡ଼ିରେ ବୁହା ହେଉଛନ୍ତି ମା। ମା କୁ ସମ୍ମାନ ନାରା ଦେଉଛନ୍ତି ରାଜ୍ୟ ସରକାର, ହେଲେ ତାହା କେତେଦୂର ଫଳପ୍ରଦ ହେଉଛି। ରାଜ୍ୟ ସରକାରଙ୍କ ଯୋଜନା ପ୍ରବଳ କାମ ଦୁର୍ବଳ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ଉପାନ୍ତ ମାଲକାନଗିରି ଜିଲ୍ଲା, ଖଇରପୁଟ ବ୍ଲକ, ହନ୍ତ୍ରାହାଲ ପଂଚାୟତର ପାତ୍ରପୁଟ ଗ୍ରାମରେ। ବଣ ପାହାଡ ଘେରା ମଧରେ ରହିଛି ପାତ୍ରପୁଟ ଗାଁ /ସମୁଦ୍ର ପତନ ଠାରୁ ପ୍ରାୟ ଛଅ ହଜାର ଫୁଟ ଉପରେ ରହିଛି ଏହି ଗାଁ। ଗାଁକୁ ଲାଗିକି ରହିଛି ଆନ୍ଧ୍ରପ୍ରଦେଶ ରାଜ୍ୟ। ଏଠାରେ ବର୍ଷ ବର୍ଷ ଧରି ବସବାସ କରି ଆସୁଛନ୍ତି ଆଦିମ ଜନଜାତି। ଗାଁକୁ ଯିବା ପାଇଁ ଏକ ପଥୁରିଆ ରାସ୍ତା ହିଁ ସେମାନଙ୍କର ସାହଭରଷା। ତାହା ମଧ ଖାଲଖମାରେ ପରିପୂର୍ଣ୍ଣ ମେଟଲ ଗୁଡିକ ଉଠି ଯାଇ ରାସ୍ତା ପାଲଟିଛି ମରଣଯନ୍ତା। ବିପଦ ସଂକୁଳ ଅବସ୍ଥାରେ ସେହି ରାସ୍ତାରେ ନିତିଦିନ ଯିବା ଆସିବା କରନ୍ତି ସେଠାକାର ଲୋକେ। ସେହି ରାସ୍ତାରେ ଦୁଇ ଚକିଆ ଗାଡି ଯିବା ମୁସ୍କିଲ ହୋଇ ପଡୁଥିବା ବେଳେ ଚାରି ଚକିଆ ଯିବ ବା କୁଆଡେ। ଏହି ଗାଁରେ ୬୫ ପରିବାର ବସବାସ କରୁଛନ୍ତି। ସରକାରଙ୍କ ମୌଳିକ ସୁବିଧା କହିଲେ ଗାଁରେ କେବଳ ଗୋଟିଏ ନଳକୂପ ନିର୍ମାଣ କରାଯାଇଛି ସେଥିରୁ ମଧ ଯଥେଷ୍ଟ ପରିମାଣରେ ପାଣି ବାହାରୁ ନାହିଁ। ଗୋଟିଏ ହାଣ୍ଡି ବାହାରିଲେ ବନ୍ଦ ହୋଇଯାଉଛି। ଖରାଦିନ ଆସିଲେ କଥା ସରିଲା ଲୋକେ କୌଣସି ବିକଳ୍ପ ନପାଇ ଆନ୍ଧ୍ର ସୀମାନ୍ତରେ ବହି ଯାଇଥିବା ନଦୀ ପାଣି ଉପରେ ନିର୍ଭର କରୁଛନ୍ତି / ପାଣି ହାଣ୍ଡି ମୁଣ୍ଡରେ ବୋହି ପ୍ରାୟ କୋଡିଏ ଫୁଟ ଘାଟି ଚଢିବାକୁ ପଡିଥାଏ। ଘାଟି ଚଢିବା ସମୟରେ ପାଣି ହାଣ୍ଡି ସହିତ ପଡି ଅନେକ ସମୟରେ ଖଣ୍ଡିଆ ଖାବରା ହେଉଛନ୍ତି ମହିଳା। ବର୍ଷା ଦିନ ଆସିଲେ ନଦୀ ପାଣି ଦୂଷିତ ହୋଇଯାଏ। କୌଣସି ବିକଳ୍ପ ନପାଇ ସେହି ଦୂଷିତ ପାଣି ପିଇ ନାନା ପ୍ରକାର ରୋଗର ଶିକାର ହେଉଛନ୍ତି। ପିଡ଼ିଏସ ଚାଉଳ ଓ ବାର୍ଦ୍ଧକ୍ୟ ଭତା ପାଇଁ ପ୍ରତିମାସ ସଂଘର୍ଷ କରିବାକୁ ପଡୁଛି। ପ୍ରାୟ ପନ୍ଦର କିଲୋମିଟର ପାହାଡ ଚଢିବାକୁ ପଡୁଛି। ଗାଁର କୌଣସି ଲୋକ ରୋଗରେ ପଡିଲେ କିମ୍ବା ଗର୍ଭବତୀ ମହିଳାଙ୍କ ଗର୍ଭଯନ୍ତ୍ରଣା ହେଲେ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେବାକୁ ହେଲେ ଭାରରେ ବାହି ନେବାକୁ ପଡୁଛି। ସାତ କିଲୋମିଟର ପଥୁରିଆ ରାସ୍ତାରେ ଗଲା ପରେ ଆମ୍ବୁଲାନ୍ସ ପାଖରେ ପହଂଚିବାକୁ ପଡୁଛି। ନେବା ସମୟରେ ଅନେକ ଥର ବାଟରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ନଥିବାରୁ ଗାଁରେ ଆମ୍ବୁଲାନ୍ସ ଆସିପାରୁନାହିଁ। ବର୍ଷ ବର୍ଷ ଧରି ଦୁର୍ବିସହ ଜୀବନ କାଟୁଛନ୍ତି ଲୋକେ। ରାଜ୍ୟ ସରକାର ଅଂଚଳର ବିକାଶ କରିବା ବଦଳରେ ଯୋଜନା ଉପରେ ଯୋଜନା କରିଚାଲିଛନ୍ତି। କିନ୍ତୁ, ଏହି ଯୋଜନା ଲୋକଙ୍କ କାମରେ ଆସୁନାହିଁ। ଯୋଜନା ପ୍ରବଳ କାମ ଦୁର୍ବଳ ପାତ୍ରପୁଟ ଗାଁ ସରକାରଙ୍କ ଦୃଷ୍ଟି ଆଢୁ ଆଳରେ ରହିଯାଇଛି। ଏଠାରେ ବାବୁ ମାନଙ୍କ ପାଦ ପଡେ ନାହିଁ କେବଳ ଭୋଟ ସମୟରେ ହିଁ ନେତା ମନ୍ତ୍ରୀଙ୍କ ପାଦ ପଡେ ଏବଂ ସେମାନଙ୍କୁ ନାନା ପ୍ରକାର ପ୍ରତିଶୃତି ଦିଅନ୍ତି, ଭୋଟ ସରିଗଲେ କାହାର ଦେଖା ମିଳେନି ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଗ୍ରାମରେ ସରକାରଙ୍କ ମୌଳିକ ସୁବିଧା କହିଲେ କେବଳ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ପୋଷ୍ଟର ବ୍ୟାନର ପହଂଚି ପାରିଛି। ଏନେଇ ବାରମ୍ବାର ଅଭିଯୋଗ କରି ଆସୁଛନ୍ତି ଗ୍ରାମବାସୀ, କିନ୍ତୁ କୌଣସି ସୁଫଳ ମିଳିନାହିଁ। ଯଦି ଆଗାମୀ ଦିନରେ ସରକାର ଗାଁ ପ୍ରତି ଦୃଷ୍ଟି ନଦିଅନ୍ତି ତାହେଲେ ଭୋଟ ବର୍ଜନ କରିବେ ବୋଲି କଡା ଚେତାବନୀ ଦେଇଛନ୍ତି ଗ୍ରାମବାସୀ।

# ଗର୍ତ୍ତ ମରାମତି କଲା ପୌରସଂସ୍ଥା

ବଲାଙ୍ଗିର, ୧୪/୨ (ନି.ପ୍ର): ଗତକାଲି ବଲାଙ୍ଗିର ଠିକାଦାର ପଡା ଲକ୍ଷ୍ମୀଜୋର ପୋଲ ମୁଖ୍ୟ ରାସ୍ତାରେ ଗୋଟିଏ ବଡ ଗାତ ଜେସିବି ଗଲା ପରେ ବିରାଟ ଗର୍ତ ଗଡାଣି ପରେ ହୋଇଥିବା ଖବର ବିଭିନ୍ନ ଖବର କାଗଜ ଗଣମାଧ୍ୟମରେ ପ୍ରସାରଣ ହୋଇଥିଲା। ଏହି ଖବର ପ୍ରକାଶନ ପରେ ବଲାଙ୍ଗିର ପୌରାଧ୍ୟକ୍ଷ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ନଜରକୁ ଆସିବା ପରେ ତୁରନ୍ତ ଏହାର ମରାମତି କରି ଆଜି ଗର୍ତକୁ ବନ୍ଦ କରାଯାଇଛି। ଫଳରେ ଅନେକ ଦୁର୍ଘଟଣାକୁ ଏଡ଼ାଇ ଜନଜୀବନ ସୁରକ୍ଷିତ କରିଥିବା ଯୋଗୁଁ ଅଂଚଳର ଜନସାଧାରଣ ପୌରାଧ୍ୟକ୍ଷ, କାର୍ଯ୍ୟନିର୍ବାହୀ ଅଧିକାରୀ ଓ ବିଭାଗୀୟ କର୍ମଚାରୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# କେଲୁଅ ନଦୀରୁ ଅଜଣା ବ୍ୟକ୍ତିର ବାଇକ୍ ଉଦ୍ଧାର

ଧର୍ମଶାଳା, ୧୪/୨ (ନି.ପ୍ର): ନଦୀ ପାଣି ଭିତରୁ କଳା ରଂଗର ବାଇକ୍ ଉଦ୍ଧାର । ଏଭଳି ଘଟଣା ଦେଖିବାକୁ ମିଳିଛି ଯାଜପୁର ଜିଲା ଧର୍ମଶାଳା ଥାନା ଦେଓଦା ପଂଚାୟତ ଅନ୍ତର୍ଗତ ମାଝିପାଟଣା-ସ୍ୱାଇଁସାହି ଗ୍ରାମ ମଧ୍ୟସ୍ଥଳ ବ୍ରାହ୍ମଣୀର ଶାଖା କେଲୁଅ ନଦୀରେ । ଏହା ଏକ ଟିଭିଏସ୍ କମ୍ପାନୀ ଆପାଚି (ଓଆର୦୫ଏଲ ୧୪୩୩) କଳା ରଂଗର ବୋଲି ଜଣାପଡିଛି । ସୂଚନା ମୁତାବକ, ଆଜି ମଧ୍ୟାହ୍ନରେ ମାଝିପାଟଣା ଗ୍ରାମର ତପନ ତରାଇ ତାଙ୍କର ଅନ୍ୟ ୪ ଜଣ ସାଂଗଙ୍କ ସହ ଗାଁ ନିକଟସ୍ଥ କେଲୁଅ ନଦୀରୁ ମାଛ ଧରିବା ପାଇଁ ଯାଇଥିଲେ । ନଦୀରେ ଜାଲ ପକାଇବା କିଛି ସମୟ ପରେ ଜାଲ ଲାଖି ଯାଇଥିଲା । ଫଳରେ ତପନ ଓ ତାର ସାଂଗମାନେ ପାଣି ଭିତରକୁ ଯାଇ ଏକ ଗାଡି ଲାଗି ଥିବା ଜାଣିବାକୁ ପାଇଥିଲେ । ଏହାକୁ ନେଇ ସେମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ । ଗ୍ରାମବାସୀ ପାଣି ଭିତରୁ ବାଇକଟିକୁ ବାହାର କରିଥିଲେ । ଏକ କଳା ରଂଗର ଟିଭିଏସ୍ ଆପାଚି ଗାଡି ବୋଲି ଜଣାପଡିଥିଲା । ତେବେ ଗାଡିର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ବେଳେ ବାଇକ ପାଣି ଭିତରକୁ କାହିଁକି ଆସିଲା ତାହାକୁ ନେଇ ଲୋକେ ସନ୍ଦେହ ପ୍ରକାଶ କରିଛନ୍ତି । ଏହି ଘଟଣାକୁ ନେଇ ଗ୍ରାମବାସୀ ଧର୍ମଶାଳା ପୋଲିସକୁ ଖବର ଦେଇଥିବା ଜଣାପଡିଛି ।

# ଲୁଟ୍ ଘଟଣାର ପର୍ଦ୍ଦାଫାସ କଲା ପାଟଣା ପୋଲିସ : ୭ ଆନ୍ତଃ ରାଜ୍ୟ ଲୁଟେରା ଗିରଫ

କେନ୍ଦୁଝର, ୧୪/୨ (ନି.ପ୍ର): ଲୁଟ୍ ଘଟଣାରେ ପାଟଣା ପୋଲିସ ୭ ଆନ୍ତଃରାଜ୍ୟ ଲୁଟେରାଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି । ଗତ ୨୦ ତାରିଖରେ ପାଟଣା ବଜାରରୁ ଧାନବେଣି ଗ୍ରାମର ହେମାନନ୍ଦ ମହାନ୍ତ ସୁନା ଗହଣା କିଣି ବାଇକ୍ ଯୋଗେ ଘରକୁ ଫେରୁଥିବା ସମୟରେ ଚଳନ୍ତା ବାଇକ୍ ରୁ ସୁନା ବ୍ୟାଗ୍ କୁ ଝାମ୍ପି ନେଇ ଦୁର୍ବୃତ ଫେରାର୍ ହୋଇଯାଇଥିଲେ । ଏନେଇ ପାଟଣା ଥାନାରେ ଧାନବେଣି ଗ୍ରାମର ହେମାନନ୍ଦ ମହାନ୍ତ ଅଭିଯୋଗ କରିବା ପରେ ପୋଲିସ ଲୁଟେରାଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଛାନ୍ ଭିନ୍ ଜାରି ରଖି ଗଞ୍ଜାମ ସମେତ ଆନ୍ଧ୍ରପ୍ରଦେଶ ଅଂଚଳରେ ଚଢ଼ଉ କରି ୭ ଆନ୍ତଃ ରାଜ୍ୟ ଲୁଟେରାଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ଗଞ୍ଜାମ ଜିଲ୍ଲା କୋଟିନଡା ଥାନା ଡୁକୁଣିସାହାପୁର ଗ୍ରାମର ଏ, ସିନୁ, ସୋରଡା ଥାନା ଅଂଚଳର କ୍ରିଷ୍ଣା ଦାସ, ଆଡେଲ ଏସୁ, ଭଞ୍ଜନଗର ଥାନା ଜାମପେଲି ଗ୍ରାମର ବିଜୟ ଦାଶ, ଆସ୍କା ଥାନା ଡୁଙ୍କୁଣି ଗ୍ରାମର ଏ. ଅବାବ, ଆନ୍ଧ୍ରପ୍ରଦେଶ ରାଜ୍ୟ ବିଶାଖାପାଟଣା ଥାନା ନରସିଙ୍ଗପାଟଣାର ଏ. ମାଲିଙ୍ଗା ଏବଂ ଯାଜପୁର ଜିଲ୍ଲା ମୁଣ୍ଡମାଳର ଏ.ଶେଖର । ଏମାନଙ୍କ ଠାରୁ ନଗଦ ୫୪ ହଜାର ଟଙ୍କା, ଦୁଇ ଭରି ଓଜନର ସୁନା ଗହଣା ସହ ଦୁଇ ବାଇକ୍ ଓ ୫ ମୋବାଇଲ ଫୋନ୍ ଜବତ କରି ସମସ୍ତ ଅଭିଯୁକ୍ତଙ୍କୁ ପୋଲିସ କୋର୍ଟଚାଲାଣ କରିଥିବା ଘଟଗାଁ ଏସଡିପିଓ ସୁଦର୍ଶନ ଗାଙ୍ଗଇ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

# ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ଅନୁଷ୍ଠିତ

ଜୟପୁର, ୧୪/୨ (ନି.ପ୍ର): ଜୟପୁର ପୌରାଂଚଳରେ ଆମ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଜୟପୁର ପୌରାଂଚଳର ପୁରୁଣାଗଡ, ପାରାବେଢା ସହ ଜେଇଏସସି ଚର୍ଚ୍ଚ ପରିସରରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ଆୟୋଜିତ କାର୍ଯ୍ୟକ୍ରମରେ ପୌର ଅଧକ୍ଷ ନରେନ୍ଦ୍ର କୁମାର ମହାନ୍ତି, ଉପାଧକ୍ଷ ବି. ସୁନିତା , କାଉନସିଲରମାନେ ଉପସ୍ଥିତ ଥିଲେ । ଆମ ଓଡିଶା ନବିନ ଓଡିଶା କାର୍ଯ୍ୟକ୍ରମରେ ଜୟପୁର ସହରରେ ଥିବା ବସ୍ତି ଅଂଚଳରେ ଲୋକମାନଙ୍କୁ ଓ ସହରବାସୀଙ୍କୁ ସଚେତନ କରାଯାଇଛି । ଗତ ୩ ବର୍ଷରେ ମୁଖ୍ୟମନ୍ତ୍ରୀଙ୍କ ବିକାଶ ମୂଳକ କାର୍ଯ୍ୟ ଉପରେ ସଚେତନ କରାଯାଇଛି । ମୁକ୍ତା ଯୋଜନା, କାଳିଆ ଯୋଜନା, ଜାଗା ମିଶନ, ସ୍ୱଚ୍ଛ ଭାରତ ଆଦି ଯୋଜନା ଉପରେ ସଚେତନ କରାଯାଇଛି ।

# ଡାହାଣୀ ପ୍ରଥା ନିରୋଧ ଆଇନ-୨୦୧୩ ଉପରେ ଜିଲ୍ଲାସ୍ତରୀୟ କର୍ମଶାଳା

କେନ୍ଦ୍ରାପଡ଼ା, ୧୪/୨ (ନି.ପ୍ର): ଅନ୍ଧ ବିଶ୍ୱାସ ପ୍ରଭାବ ଯୋଗୁଁ ଆଦିବାସୀ ବହୁଳ ଗ୍ରାମାଂଚଳରେ ଡାହାଣୀ, ନଖ, ଦର୍ପଣ, ଖଟ ବୁଲାଇବା, ଝଡ଼ାଫୁଙ୍କା ତଥା ଗୁଣୀ ଗାରେଡି ଭଳି ଘଟଣା ଓଡିଶାର କିଛି ଜିଲ୍ଲାରେ ଦେଖାଯାଉଛି। ଏହାଯୋଗୁଁ ମହିଳାମାନଙ୍କ ଉପରେ ଘଟୁଥିବା ଅଭାବନୀୟ ଘଟଣାକୁ ପ୍ରତିହତ କରିବା ପାଇଁ ଓଡିଶାରେ ୨୦୧୩ ମସିହାରେ ଡାହାଣୀ ପ୍ରଥା ନିରୋଧ ଆଇନ ପ୍ରଣୟନ ହୋଇଥିଲା । ଏହି ଆଇନ ୨୦୧୪ ମହିହା ଏପ୍ରିଲ ୨୫ ତାରିଖରେ କାର୍ଯ୍ୟକାରୀ ହୋଇଥିଲା । ସର୍ଭେରୁ ଜଣାଯାଇଛି ଯେ ବିଧବା ଓ ସ୍ୱାମୀ ପରିତ୍ୟକ୍ତା ମହିଳା ତଥା ଅଶିକ୍ଷିତ ମହିଳା ଯାହାର କେହି ନଥିବେ ସେମାନେ ଏହି ପ୍ରଥା ଯୋଗୁଁ ସାମାଜିକ ଓ ଅର୍ଥନୈତିକ ଭାବେ ବେଶି କ୍ଷତିଗସ୍ତ ହେଉଛନ୍ତିବୋଲି ଜିଲ୍ଲା ସଦ୍‌ଭାବନା ଗୃହରେ ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଅଧକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଆଲୋଚନା କରାଯାଇଛି । ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡିଶା ହାଇକୋର୍ଟ ବାର ଆସୋସିଏସନର ପୂର୍ବତନ ଉପ ସଭାପତି କ୍ଷୀରୋଦ କୁମାର ରାଉତ, ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ କାର୍ଯ୍ୟ କରୁଥିବା ମହିଳା ହିଂସା ବିରୋଧୀର ତଦନ୍ତ ଶାଖା ଡିଏସ୍‌ପି ଶ୍ରୀମତୀ ସରିତା ମହାପାତ୍ର ଆଇନର ବିଭିନ୍ନ ଦିଗ ସଂପର୍କରେ ନିଜ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବହୁ କଲେଜ ଛାତ୍ରଛାତ୍ରୀମାନେ ଗାଁ ଗହଳି ବା ଆଖପାଖ ଅଂଚଳରେ ଡାହାଣୀ ପ୍ରଥା ଜନିତ ଘଟଣା ଘଟୁଥିଲେ ଟୋଲ ଫି ନମ୍ବର ୧୧୨ରେ ପୋଲିସକୁ ଜଣାଇବାକୁ କର୍ମଶାଳାରେ ଆହ୍ୱାନ ଦିଆଯାଇଛି । କେନ୍ଦ୍ରାପଡ଼ା ଜିଲ୍ଲାରେ ଡାହାଣୀ ପ୍ରଥା ଜନିତ ଘଟଣା ଦେଖା ଯାଇନଥିଲେ ମଧ ଜିଲ୍ଲା ପ୍ରଶାସନ ଓ ପୋଲିସ ପ୍ରଶାନ ପକ୍ଷରୁ ନାଚ, ଗୀତ ଓ ପଥପ୍ରାନ୍ତ ନାଟକ ମାଧ୍ୟମରେ ସଚେତନତା ସୃଷ୍ଟି କରାଯାଉଛି ।

# ମନରେଗା ଯୋଜନାରେ କାର୍ଯ୍ୟ କରିଥିବା ଶ୍ରମିକଙ୍କୁ ମିଳୁନି ମଜୁରୀ: ବାଧହୋଇ ଖଟିବାକୁ ଗଲେ ଦାଦନ



ରାଇରଙ୍ଗପୁର, ୧୪/୨ (ନି.ପ୍ର): ମନରେଗା ଯୋଜନାରେ ପୂର୍ବରୁ ଶ୍ରମିକମାନେ ଗଛ ଲଗାଇବା ପରେ ବୃକ୍ଷ ଗୁଡ଼ିକ ନଷ୍ଟ ହୋଇଯାଉଥିବା ଘଟଣା ଦେଖିବାକୁ ମିଳୁଥିଲା, ଯାହା ଶ୍ରମିକ ଏବଂ ଜମି ମାଲିକଙ୍କ ଅବହେଳା ପାଇଁ ହେଉଥିଲା ବୋଲି ବିଭାଗୀୟ ଅଧିକାରୀମାନେ ଦୋଷ ଲଦୁଥିଲେ। ତେବେ କିଛି ଗ୍ରାମରେ ଶ୍ରମିକମାନେ ମନରେଗା ଯୋଜନାରେ ଉଦ୍ୟାନ କୃଷି ବିଭାଗ ପକ୍ଷରୁ ବୃକ୍ଷ ରୋପଣ, ବାଡ଼ ଘେରିବା ସହିତ ରକ୍ଷଣା ବେକ୍ଷଣା ନିମନ୍ତେ ବର୍ଷ ବର୍ଷ କାମ କରି ଶ୍ରମିକମ ମାନେ ମଜୁରୀ ପାଇନଥିବା ଅଭିଯୋଗ ହେଉଛି। ଏଭଳି ଅଭିଯୋଗ ଆସିଛି ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ କୁଲେଇଶିଳା ଗ୍ରାମପଞ୍ଚାୟତ କୁକୁଡ଼ିମୁଣ୍ଡି ଗ୍ରାମରେ। ୨୦୨୨-୨୩ ମସିହାରେ ୪ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଗ୍ରାମର ଯଦୁମାଝୀ ଏବଂ ଅନ୍ୟ ଦୁଇଜଣଙ୍କ ୪ ହେକ୍ଟର ଜମିରେ ୪ ଶହରୁ ଉର୍ଦ୍ଧ୍ୱ ଆମ୍ବ ବୃକ୍ଷ ରୋପଣ କରାଯାଇଥିଲା। କୁକୁଡ଼ିମୁଣ୍ଡି, ଉଦୟପୁର ଓ ମାର୍ଚାଗୋଡାର ଶ୍ରମିକମାନେ ସେଥିରେ ଗାତ ଖୋଳିବା ଠାରୁ ଆରମ୍ଭ କରି ବୃକ୍ଷ ରୋପଣ ଏବଂ ରକ୍ଷଣା ବେକ୍ଷଣ ନିମନ୍ତେ ବାଡ଼ ମଧ ଘେରିଥିଲେ। ଏହାବ୍ୟତୀତ କିଛି ଶ୍ରମିକ ଗୋରୁଗାଇ ଓ ଛେଳି ମେଣ୍ଢାଙ୍କ ଦାଉରୁ ରକ୍ଷା କରିବା ପାଇଁ ଜଗୁଆଳୀ ମଧ ରହିଥିଲେ।

ତେବେ ସେଥିମଧ୍ୟରୁ କିଛି ଶ୍ରମିକଙ୍କୁ ମଜୁରୀ ମିଳିଥିବା ବେଳେ କିଛି ଶ୍ରମିକ ବର୍ଷ ତମାମ କରି ମାତ୍ର ଗୋଟିଏ ମାସର ମଜୁରୀ ତାଙ୍କ ବ୍ୟାଙ୍କ୍ ଆକାଉନ୍ଟରେ ପାଇଥିବା ଅଭିଯୋଗ କରିଛନ୍ତି। ସେଠାରେ କାର୍ଯ୍ୟ କରିଥିବା ଶ୍ରମିକ ସାଲଗେ ସୋରେନ୍, ଉର୍ମିଳା ପାତ୍ର, ରାମେଶ୍ୱର ପାତ୍ର,ସହଦେବ ପାତ୍ରଙ୍କ ସମେତ ବହୁ ଶ୍ରମିକଙ୍କ ବ୍ୟାଙ୍କ୍ ଖାତାରେ ମାତ୍ର ଗୋଟିଏ ମାସର ମଜୁରୀ ଆସିଥିବା ଅଭିଯୋଗ କରିଛନ୍ତି। ଉକ୍ତ କାର୍ଯ୍ୟର ମଜୁରୀ ପାଇନଥିବା ବେଳେ ସେହି ସମାନ ସ୍ଥାନରେ ପୁଣି ଥରେ ଗତ ଅକ୍ଟୋବର ମାସଠାରୁ ୨ ଲକ୍ଷ ଟଙ୍କା ଅଟକଳ ବ୍ୟୟରେ ଆମ୍ବ ଗଛ ଶ୍ରମିକମାନେ ରୋପଣ କରିଛନ୍ତି କିନ୍ତୁ ବର୍ତ୍ତମାନ ସୁଦ୍ଧା ଟଙ୍କାଟିଏ ବି ମଜୁରୀ ପାଇନଥିବା ଅଭିଯୋଗ କରିଛନ୍ତି।

ଉଦୟପୁର ଗ୍ରାମର ଯୁବ ଶ୍ରମିକ ରାମେଶ୍ୱର ପାତ୍ର ସେଠାରେ କାର୍ଯ୍ୟ କରି ଟଙ୍କା ନପାଇବାରୁ ବାଧ ହୋଇ ପରିବାର ଭରୋଣ ପୋଷଣ ନିମନ୍ତେ ଦାଦନ ଖଟିବାକୁ ବାଙ୍ଗାଲୋର ପଳାଇଥିବା ନେଇ ସମ୍ବାଦକୁ କହିଛନ୍ତି। ଅନ୍ୟ ଯୁବକମାନେ ମଧ ବାଧ ହୋଇ ଦାଦନ ଖୋଟିବାକି ଯାଉଥିବା ସୂଚନା ମିଳୁଛି। ଏସମ୍ବନ୍ଧରେ ମନରେଗା ଯୋଜନାରେ କାର୍ଯ୍ୟର ତଦାରଖ କରୁଥିବା ଗ୍ରାମସାଥୀ ରାମଚନ୍ଦ୍ର ମାରାଣ୍ଡିଙ୍କୁ ଯୋଗାଯୋଗ କରିବାରୁ କିଛି ଶ୍ରମିକଙ୍କ ବ୍ୟାଙ୍କ୍ ଖାତାକୁ ଟଙ୍କା ଆସିନାହିଁ । ତେବେ ମାଷ୍ଟର ରୋଲ କରାହୋଇଛି ଆଉ ଅଳ୍ପଦିନ ମଧ୍ୟରେ ମଜୁରୀ ମିଳିଯିବ ଏବଂ ଯେଉଁମାନେ ପୂର୍ବରୁ କାର୍ଯ୍ୟ କରିଛନ୍ତି ସେମାନେ ଟଙ୍କା ପାଇନାହାଁନ୍ତି ତାହା ମଧ ତଦନ୍ତ କରିବେ ବୋଲି ମତ ରଖିଛନ୍ତି। ଏ ସମ୍ବନ୍ଧରେ ରାଇରଙ୍ଗପୁରସ୍ଥ ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶକ ସୂର୍ଯ୍ୟକାନ୍ତ ମଲ୍ଲିକଙ୍କ ସହିତ ଯୋଗାଯୋଗ କରିବାରୁ ଏନେଇ ତାଙ୍କ ପାଖକୁ କୌଣସି ଅଭିଯୋଗ ଆସିନାହିଁ। ଘଟଣା ସମ୍ପର୍କରେ ତଦନ୍ତ କରିବେ। ଯଦି କୌଣସି ଶ୍ରମିକ ମଜୁରୀ ପାଇ ନାହାଁନ୍ତି ତାହେଲେ ସେମାନେ କେମିତି ମଜୁରୀ ପାଇବେ ତାହାର ବ୍ୟବସ୍ଥା କରିବେ ବୋଲି କହିଛନ୍ତି।

## ଶରୀର ଓ ପ୍ରୋଟିନ



ଖାଇବାବେଳେ କ'ଣ ଖାଇବୁ ଓ କେତେ ଖାଇବୁ ତାହା ଆମେ ସବୁବେଳେ ହିସାବ ରଖୁ। କେତେବେଳେ କ'ଣ ଖାଇବୁ ତାହାର ବି ଏକ ତାଲିକା ରଖିଥାଉ, କିନ୍ତୁ କେଉଁ ଖାଦ୍ୟରେ କେତେ ପ୍ରୋଟିନ ରହିଛି ତାହା ଆମକୁ ଜଣାନଥାଏ। ଫ୍ୟାଟ୍ କେମିତି କମ ଖାଇ ସ୍ଲିମ ରହିବୁ ସେ କଥାକୁ ସବୁବେଳେ ନଜର ଦେଇ ଶରୀର ପାଇଁ ଆବଶ୍ୟକ ପ୍ରୋଟିନକୁ ଅଣଦେଖା କରୁ। ଏକ ଅନୁଧ୍ୟାନରୁ ଜଣାପଡ଼ିଛି ଯେ, ୧୦ ଜଣ ଭାରତୀୟଙ୍କ ମଧ୍ୟରୁ ୯ ଜଣଙ୍କ ଖାଦ୍ୟରେ ଆବଶ୍ୟକ ମୁତାବକ ପ୍ରୋଟିନ ନଥାଏ। ୯୦ ପ୍ରତିଶତ ନିରାମିଷାଶୀଙ୍କ ଖାଦ୍ୟରେ ପ୍ରୋଟିନ ଅଭାବ ରହିଛି । ଅନ୍ୟ ପକ୍ଷରେ, ଆମିଷ ଖାଉଥିବା। ୮୫ ପ୍ରତିଶତ ଲୋକଙ୍କ ଖାଦ୍ୟରେ ଏହାର ଅଭାବ ରହିଥିବା ଲକ୍ଷ୍ୟ କରାଯାଉଛି। ସବୁଠୁ ଆଶ୍ଚର୍ଯ୍ୟ କଥା ହେଉଛି ଦିଲ୍ଲୀରେ ୯୯ ପ୍ରତିଶତ ଲୋକଙ୍କର ପ୍ରୋଟିନ ଅଭାବ ରହିଥିବା ଦେଖାଯାଉଛି।

### ଅତି ଦରକାରୀ

ପ୍ରୋଟିନ ଅଭାବ ରହିଲେ ଅଳସୁଆମି ଓ ଦୁର୍ବଳତା ଲକ୍ଷଣ ପ୍ରକାଶ ପାଏ। ଚୁଟି ଝଡ଼ିଯାଏ ଏବଂ ମାଂସପେଶୀର ଦୃଢ଼ତା ହ୍ରାସ ପାଏ। ଏଣୁ ଏଭଳି ସମସ୍ୟାରୁ ମୁକ୍ତି ପାଇବା ପାଇଁ ପ୍ରୋଟିନର ଆବଶ୍ୟକତା ରହିଛି। ଆମେ ଭାବୁ ଯେ- କେବଳ ବଡ଼ି ବିଲ୍ଡରଙ୍କ ପ୍ରୋଟିନ ବେଶୀ ଦରକାର, ଆମର ନୁହେଁ- କିନ୍ତୁ ଏଭଳି ଚିନ୍ତାଧାରା ଠିକ୍ ନୁହେଁ। ଏହା ସମସ୍ତଙ୍କ ପାଇଁ ଦରକାର। କାରଣ ପ୍ରୋଟିନ୍ ଶରୀରର ବିଲ୍ଡିଙ୍ଗ୍ ବ୍ଲକ୍। ସମସ୍ତ ମାଂସପେଶୀ ଗଠନ ଓ କ୍ଷତିକୁ ଭରଣା କରିବାରେ ପ୍ରୋଟିନ୍‌ର ଭୂମିକା ବି ରହିଛି। ଏହି ମାକ୍ରୋନ୍ୟୁଟିଣ୍ଟ୍ ଯାହା ଶରୀର ପ୍ରତିଦିନ ଯଥେଷ୍ଟ ପରିମାଣରେ ଆବଶ୍ୟକ କରେ। ଏହା ଶରୀରରେ ଠିକ୍ ରହିଲେ ଶରୀର ସଠିକ ଭାବେ କାର୍ଯ୍ୟ କରେ। ଖାଦ୍ୟରେ ପ୍ରୋଟିନ୍ ଶରୀର ଭିତରକୁ ଯିବାପରେ ତାହା ଆମିମୋଏସିଡରେ ପରିଣତ ହୋଇ ବିଭିନ୍ନ କାର୍ଯ୍ୟରେ ଲାଗେ। ଚୁଟିଠୁ ଆରମ୍ଭ କରି ନଖ ଓ ମାଂସପେଶୀଠୁ ଆରମ୍ଭ କରି ବିଭିନ୍ନ ଅଙ୍ଗ ସବୁଠି ପ୍ରତ୍ୟେକ କୋଷରେ ପ୍ରୋଟିନ ରହିଛି । ଏହା ଶରୀର ଗଠନରେ ଭୂମିକା ନିଭାଉଥିବାରୁ ଏହାକୁ ଷ୍ଟ୍ରକ୍‌ଚରାଲ ପ୍ରୋଟିନ୍ କୁହାଯାଏ। ଏହି ପ୍ରୋଟିନ୍ ଅଭାବରେ ଚାଲିବା, ଦୌଡ଼ିବା ଏପରିକି ଠିଆହେବା ବି କଷ୍ଟକର। ଶରୀରରେ ମିଳୁଥିବା ଯଥେଷ୍ଟ ପରିମାଣର ପ୍ରୋଟିନ ହେଉଛି କୋଲାଜେନ୍। ଏହା ତ୍ୱଚା, ଲିଗାମେଣ୍ଟ, ପେଶୀରଜ୍ଜୁ ଓ ଅସ୍ଥିରେ ରହିଥାଏ ବୋଲି କହନ୍ତି ନ୍ୟୁଟ୍ରିସନିଷ୍ଟ ତଥା ଫିଟନେସ ଏକ୍ସପର୍ଟ ଡକ୍ଟର ବିଭାଗ ସେଙ୍ଗୀ।

ନ୍ୟୁଟ୍ରିଣ୍ଟ ବି ନ୍ୟୁଟ୍ରିଣ୍ଟକୁ ଶରୀରରେ ବିଭିନ୍ନ ଅଙ୍ଗକୁ ନେବା ଆଣିବାରେ ସହାୟକ ହୋଇଥାଏ। ରକ୍ତର ଲୋହିତ ରକ୍ତ କଣିକାରେ ଥିବା ଏକ ପ୍ରକାରର ପ୍ରୋଟିନ ହିମୋଗ୍ଲୋବିନ ଫୁସ୍‌ଫୁସ୍‌ରୁ ଅମ୍ଳଜାନ ବିଭିନ୍ନ କୋଷକୁ ନେଇଥାଏ। ହର୍ମୋନାଲ ପ୍ରୋଟିନ୍ ଇନସୁଲିନ ଓ ଅକ୍ସିଟୋସିନ ବ୍ଲଡ ସୁଗାର କନସନ୍‌ଟ୍ରେସନ୍‌କୁ ନିୟନ୍ତ୍ରଣ କରେ।

### ଓଜନ କମାଇଦିଏ

ମେଦ ଓ ଓଜନ ହ୍ରାସ କରିବାରେ ପ୍ରୋଟିନ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଶରୀର ଆବଶ୍ୟକ କରୁଥିବା ପ୍ରୋଟିନ ପାଇଲେ ତାହା ଭୋକ କମାଇଦିଏ, ଖାଦ୍ୟହଜମ କରିବାରେ ସାହାଯ୍ୟ କରେ ଓ ବ୍ଲଡ ସୁଗାର ସ୍ତର ସ୍ଥିର ରଖେ। ଖାଦ୍ୟ ଖାଇବାର ଆବେଗ ଯେତେବେଳେ କମ୍ ରହେ ସେତେବେଳେ ଆମେ ପୂର୍ଣ୍ଣତା ଅନୁଭବ କରୁ ଓ ଖାଦ୍ୟ ଖାଇବାରେ ତୃପ୍ତିଲାଭ କରୁ। ଓଜନ କମିବା ପ୍ରକ୍ରିୟାରେ ଶରୀର ମାଂସପେଶୀ ଓ ଫ୍ୟାଟ କ୍ଷୟ କରେ ଯାହାର ଭରଣା ଲାଗି ଆମକୁ ଆବଶ୍ୟକ ପ୍ରୋଟିନ ଖାଇବାକୁ ପଡ଼େ ବୋଲି କହନ୍ତି ଡ. ସେଙ୍ଗୀ। ଓଜନ ହ୍ରାସ କରିବା ପାଇଁ ବ୍ୟାୟାମ କରିବାଦ୍ୱାରା ମାଂସପେଶୀର କ୍ଷତି ହେବା ଆରମ୍ଭ ହୋଇଯାଏ ଓ ତାହାକୁ ଶକ୍ତିଶାଳୀ କରିବା ପାଇଁ ଆହୁରି ଅଧିକ ପ୍ରୋଟିନ ଦରକାର ହୁଏ। ଅଧିକ ପ୍ରୋଟିନ ଖାଦ୍ୟରେ ଖାଇଲେ ତାହା ହଜମ ହେବାକୁ ଅଧିକ କ୍ୟାଲୋରୀ ଆବଶ୍ୟକ କରେ।

### ତ୍ୱଚାରେ ଚମକ ଆଣେ

ତ୍ୱଚା ଓ କେଶରେ ଚମକ ଚାହୁଁଥିଲେ ପ୍ରୋଟିନ ଉପରେ ଗୁରୁତ୍ୱ ଦିଅନ୍ତୁ। ତ୍ୱଚାପାଇଁ କୋଲାଜେନ ପ୍ରୋଟିନ ଆବଶ୍ୟକ। ମୃତ କୋଷ ଜାଗାରେ ନୂତନ କୋଷ ତିଆରି କରିବାରେ, ତନ୍ତୁ ଗଠନ ଓ ରିପେୟାର କରିବାରେ ଏହାର ଆବଶ୍ୟକତା ଢ଼େର୍ ବେଶୀ। ପ୍ରୋଟିନ ଆମିନୋ ଏସିଡ ଓ ଗ୍ଲୁଟାଥାଇଓନର ଉତ୍ସ। ଗ୍ଲୁଟାଥାଇଓନ ଏକ ପ୍ରକାର ଆଣ୍ଟି ଅକ୍ସିଡାଣ୍ଟ ଓ ଏହା ବୟସ ବୃଦ୍ଧିର ପ୍ରଭାବକୁ ରୋକିଥାଏ। ବୟସ ବୃଦ୍ଧିହେବା ସମୟରେ ଏହା ମାଂସପେଶୀର କ୍ଷୟକୁ ରୋକି ତାହାକୁ ଶକ୍ତିଶାଳୀ କରିବାରେ ସାହାଯ୍ୟ କରେ।

### କେତେ ଖାଇବେ ?

ନର୍ମାଲ ବଡ଼ି ୱେଟ ପାଇଁ ପ୍ରୋଟିନ୍ ୦.୮ଗ୍ରାମ୍/କେଜି ରହିବା ଦରକାର। ୭୫କେଜି ଓଜନର ବ୍ୟକ୍ତିଙ୍କ ଲାଗି ଦିନକୁ ୫୬ ଗ୍ରାମ୍, ୬୦ କେଜି ମହିଳାଙ୍କ ପାଇଁ ୪୮ ଗ୍ରାମର ପ୍ରୋଟିନ ଦରାକର। ଏକ ପ୍ରକାର ଉନ୍ନତ ଧରଣର ଖାଦ୍ୟରେ ୫୦ ପ୍ରତିଶତ କାର୍ବୋହାଇଡ୍ରେଟ, ୩୦-୩୫ ପ୍ରତିଶତ ପ୍ରୋଟିନ, ଫ୍ୟାଟ ୧୦ ପ୍ରତିଶତ ଓ ତନ୍ତୁ ୫ ପ୍ରତିଶତ ରହିବା ଉଚିତ। ଏହି ପରିମାଣଠୁ ବେଶୀ ହେଲେ ତାହା କ୍ଷତିକାରକ ବୋଲି ମନେ ରଖନ୍ତୁ। ବେଶୀ ପ୍ରୋଟିନ ଖାଦ୍ୟରେ ରହିଲେ ତାହା ଏସିଡିଟି ଓ ଡିହାଇଡ୍ରେସନର କାରଣ ପାଲଟେ। କିଡନୀ ସମସ୍ୟା, ବ୍ରଣ ଓ ଚୁଟି ଝଡ଼ିବା ସମସ୍ୟା ଦେଖାଦିଏ। ସବୁବେଳେ ଡିନର କି ଲଞ୍ଚରେ ବେଶୀ ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରିବା ଅନୁଚିତ। କେବଳ ଥରେ ଭଲ ପ୍ରୋଟିନଯୁକ୍ତ ଖାଦ୍ୟ ଖାଇବାରେ ଶରୀର ଏହାକୁ ଭଲ ଭାବେ ଉପଯୋଗ କରିପାରେ। ବେଳେବେଳେ ମାଂସ ସହ ଦହି ଖାଇବା ହୁଏତ ଭଲ ବୋଲି କେହି ଭାବୁଥାଇପାରନ୍ତି, କିନ୍ତୁ ଏହା ଏସିଡିଟି ସହ ଅସ୍ୱିସ୍ତୁଶୀରତା ସୃଷ୍ଟି କରିଥାଏ। ଏହା ସହ ଆହୁରି ବହୁତ ରୋଗୁ ମଧ୍ୟ ଆମନ୍ତ୍ରଣ କରେ। କାର୍ବୋହାଇଡ୍ରେଟ ଓ ଫାଇବରଯୁକ୍ତ ଖାଦ୍ୟରେ ପ୍ରୋଟିନ ଖାଇଲେ ତାହା ସହଜରେ ହଜମ ହୋଇଯାଏ।

ଅନେକ ସମୟରେ ଆମେ ପ୍ରୋଟିନ ସପ୍ଲିମେଣ୍ଟ ନେଇଥାଉ ଓ ତାହା ନିଜ ଇଚ୍ଛାରେ ଗ୍ରହଣ କରୁ, ଯାହା ଠିକ୍ ନୁହେଁ। ସବୁବେଳେ ନ୍ୟୁଟ୍ରିସନିଷ୍ଟଙ୍କ ପରାମର୍ଶରେ ପ୍ରୋଟିନ ସପ୍ଲିମେଣ୍ଟ ନେବା ଆବଶ୍ୟକ। ସପ୍ଲିମେଣ୍ଟରେ ଶରୀରକୁ ବିକାଶ କରାଇବାରେ ଭୂମିକା ନେଉଥିବା ହର୍ମୋନ ଓ କୃତ୍ରିମ ସୁଇଟନର୍ ରହିଥାଏ ଯାହା କ୍ଷତି କରିପାରେ। ଏଣୁ ଜଣେ ନ୍ୟୁଟ୍ରିସନିଷ୍ଟ ହିଁ କହିପାରିବେ ଆପଣଙ୍କ ପାଇଁ କେତେ ସପ୍ଲିମେଣ୍ଟ ଦରକାର। ଏହା ସହ ବ୍ୟାୟାମ ବି କରିବା ଜରୁରୀ। ନଚେତ ପ୍ରୋଟିନ୍ ଫ୍ୟାଟରେ ପରିଣତ ହୋଇଯାଏ।

### ପାନୀୟ

ଗ୍ରୀନ ମଟର ୪୦୦ ଗ୍ରାମ, ତରଭୁଜ ୨୦୦ ଗ୍ରାମ, ମହୁ ୩୦ ଗ୍ରାମ ଓ ବରଫ ଖଣ୍ଡ ୧୦୦ଗ୍ରାମ ନେଇ ସେଥିରେ ପୋଦିନା ପତ୍ର ପକାଇ ତାହାକୁ ଗ୍ରାଇଣ୍ଡ କରି ପିଅନ୍ତୁ।

ଟୋଫୁ (ସୋୟାବିନ୍‌ରୁ ପ୍ରସ୍ତୁତ) ୫୦୦ଗ୍ରାମ, ସୋୟାମିଲ୍କ ୫୦ମିଲି, ଜିରା ୫ ଗ୍ରାମ, ବରଫ ୧୦୦ଗ୍ରାମ ଓ ମହୁ ୬୦ ଗ୍ରାମକୁ ଗ୍ରାଇଣ୍ଡ କରି ସେଥିରେ, କାଲିଫର୍ଣ୍ଣିୟା ପ୍ରୁନେସ ଡାଇସ (ଏକ ପ୍ରକାର ପ୍ରୋଟିନ ପ୍ରଡକ୍ଟ) ମିଶାଇ ପିଅନ୍ତୁ।

### ଖାଦ୍ୟ

ସକାଳେ ଜଳଖିଆରେ ଅଣ୍ଡା ଖାଆନ୍ତୁ ସିଝା, ଅଧା ଫ୍ରାଏ ବା ଓମ୍‌ଲେଟ କରି ଖାଇପାରିବେ। ଓମ୍‌ଲେଟ ଅଲିଭ ଅଏଲରେ ହେଲେ ଭଲ।

ଛେନା ଓଲହୁଣି ପ୍ରତିଦିନ ଖାଆନ୍ତୁ। ଏଥିରେ ପ୍ରଚୁର କ୍ୟାଲସିୟମ ରହିଛି। ଏହାକୁ ବ୍ରେଡ ସହ ଖାଇଲେ ଭଲ ଲାଗେ। ସ୍ନାକ୍ସରେ ବି ଖିଆଯାଇ ପାରିବ।

ମଟରରୁ ପ୍ରସ୍ତୁତ ଲହୁଣି ନିରାମିଷାଶୀଙ୍କ ପାଇଁ ଖୁବ୍ ଦରକାରୀ।

ବୁଟ ଛତୁଆରେ ପ୍ରଚୁର ପ୍ରୋଟିନ ଓ ଫାଇବର ରହିଛି। ଏଥିରେ ଆଳମଣ୍ଡ ମିଶାଇ ଖାଇଲେ ଆହୁରି ସ୍ୱାଦିଷ୍ଟ ହୋଇଯାଏ। ଗାଜର, କାକୁଡ଼ି, ଗୋଲମରିଚ, ଟମାଟୋ ଏବଂ କିଛି ଶସ୍ୟ ଜାତୀୟ ଖାଦ୍ୟ ମିଶାଇ ଖାଆନ୍ତୁ।



କୁକୁଡ଼ା ମାଂସ ଓ ମାଛକୁ ଗ୍ରୀଲ୍‌ଡ, ବେକ୍ ଓ ରୋଷ୍ଟ୍ କରି ଖାଆନ୍ତୁ। ଅଧିକ ଫ୍ରାଏ କଲେ ସେଥିରେ ଫ୍ୟାଟ୍ ଭାଗ ବୃଦ୍ଧିପାଏ ଓ କ୍ୟାଲୋରି କମିଯାଏ। ଗ୍ରୀଲ୍‌ଡ ଚିକେନ ଓ ମାଛ ଡିନର ପାଇଁ ସବୁଠୁ ସ୍ୱାସ୍ଥ୍ୟପ୍ରଦ।

## ଯଲଗୁରେଶ ହନୁମାନ୍



କର୍ଣ୍ଣାଟକର ଐତିହାସିକ ନଗରୀ ବୀଜାପୁର ନିକଟସ୍ଥ ଯଲଗୁର 'ଯଲଗୁରେଶ ହନୁମାନ୍ ମନ୍ଦିର' ପାଇଁ ଭାରତ ପ୍ରସିଦ୍ଧ। କୃଷ୍ଣା ନଦୀ କୂଳରେ ଯଲଗୁର ଅବସ୍ଥିତ। କିମ୍ବଦନ୍ତି ଅନୁଯାୟୀ ଏଠାରେ ପ୍ରଭୁ ରାମଚନ୍ଦ୍ରଙ୍କ ପାଦ ପଡ଼ିଥିଲା। 'ଯଲଗୁରେଶ' ଅର୍ଥ 'ସାତ ଗାଁର ଭଗବାନ୍'। ଏହି ଅ*ଳରେ ମୁସଲମାନ ଆକ୍ରମଣ ବେଳେ ଯଲଗୁରେଶ ପ୍ରତିମାଙ୍କୁ ଅନ୍ୟତ୍ର ନେଇ ଲୁଚାଯାଇଥିଲା। ଏହି ସମୟରେ ଅସାବଧାନତା ଯୋଗୁଁ ପ୍ରତିମା ଖଣ୍ଡ-ବିଖଣ୍ଡିତ ହୋଇଯାଇଥିଲା। ଏହା ମୁଖ୍ୟ ପୂଜକଙ୍କୁ ବ୍ୟଥିତ କରିଥିଲା। କିଛି କାଳ ପରେ ଖଣ୍ଡିତ ପ୍ରତିମାଙ୍କୁ ମୂଳ ମନ୍ଦିରକୁ ଫେରାଇଆଣି, ଗର୍ଭଗୃହରେ ରଖି, ଦ୍ୱାର ବନ୍ଦ କରି, ବାହାରେ ସାତ ଦିନ ପୂଜା-ପାଠ କରିବା ନିମନ୍ତେ ତାଙ୍କୁ ସ୍ୱପ୍ନାଦେଶ ହେଲା। ପୂଜକ ସ୍ୱପ୍ନାଦେଶ ପାଳନ କଲେ। ଛଅ ଦିନ ବିତିଗଲା। ସପ୍ତମ ଦିନ ପୂଜବ କୌତୂହଳୀ ହୋଇ ଦ୍ୱାର ଖୋଲିଦେଲେ। ସେତେବେଳକୁ କେବଳ ନିମ୍ନାଂଶ ଛଶଡ଼ି ଭଙ୍ଗା ପ୍ରତିମାର ଅବଶିଷ୍ଟ ଅଂଶ ଯୋଡ଼ି ହୋଇସାରିଥିଲା। ଯଲଗୁରେଶ ହନୁମାନଙ୍କ ଉଚ୍ଚତା ସାତ ଫୁଟ୍। ପ୍ରସ୍ତର ଓ ଧାତୁ ନିର୍ମିତ ପ୍ରତିମା ଅତି ସୁନ୍ଦର।

## ସ୍ୱାସ୍ଥ୍ୟ ଉପରେ ଗନ୍ଧର ପ୍ରଭାବ




ପଶୁ-ପକ୍ଷୀମାନଙ୍କ ମଧ୍ୟରେ ଗନ୍ଧ ବାରିବାର ଶକ୍ତି ମନୁଷ୍ୟମାନଙ୍କଠାରୁ ଅଧିକ ତୀବ୍ର। ସେଥିପାଇଁ ସେମାନଙ୍କର ରେପ୍ଟିଲିୟନ ବ୍ରେନ ଅଧିକ ବିକଶିତ। ଏହି ଗନ୍ଧ ଆଘ୍ରାଣ ସାମର୍ଥ୍ୟ ସାହାଯ୍ୟରେ ସେମାନଙ୍କ ଜୀବନର ବିଭିନ୍ନ କାର୍ଯ୍ୟ ତଥା ବ୍ୟବହାର ନିୟନ୍ତ୍ରିତ ହୋଇଥାଏ। ହିଂସ୍ର ପଶୁମାନେ ଗନ୍ଧବାରିକା ସାମର୍ଥ ଯୋଗୁଁ ଜଙ୍ଗଲରେ ସେମାନଙ୍କର ଶିକାରକୁ ଖୋଜି ବାହାର କରନ୍ତି। କୁକୁରମାନେ ନିଜର ପ୍ରବଳ ଆଘ୍ରାଣ ଶକ୍ତି ଯେଗୁଁ ସନ୍ଦିଗ୍ଧ ବ୍ୟକ୍ତି ବା ଚୋର ଧରିବାକୁ ସମର୍ଥ ହୋଇଥାନ୍ତି। ଏହାଛଡ଼ା, କୁକୁର, ଘୋଡ଼ା ଓ ମେଣ୍ଢା ଆଦି ପଶୁମାନେ ନିଜର ଆଘ୍ରାଣ ଓ ଶୁଙ୍ଘିବା ଶକ୍ତି ଦ୍ୱାରା ଯୌନସାଥୀ ଚୟନ କରିପାରନ୍ତି। ତେଣୁ ପଶୁ-ପକ୍ଷୀଙ୍କ ମଧ୍ୟରେ ସୁଗନ୍ଧ ବା ଗନ୍ଧ ଏକ ପ୍ରମୁଖ ନିୟନ୍ତ୍ରକ ତତ୍ତ୍ୱ। ପଶୁପକ୍ଷୀଙ୍କ ଭଳି ମନୁଷ୍ୟମାନଙ୍କଠାରେ ମଧ୍ୟ ସୁଗନ୍ଧ ଏକ ପ୍ରମୁଖ ନିୟନ୍ତ୍ରକ ତତ୍ତ୍ୱଭଳି କାର୍ଯ୍ୟ କରିଥାଏ। ବୈଜ୍ଞାନିକମାନଙ୍କ ମତରେ ମନୁଷ୍ୟଠାରେ ଅତିକମରେ ୪୦୦୦କିସମର ଏବଂ ଅତିବେଶୀରେ ୧୦,୦୦୦ପ୍ରକାରର ଗନ୍ଧ ବାରିବା କ୍ଷମତା ରହିଛି। ଜର୍ଜଟାଉନ ୟୁନିଭରସିଟି ମେଡିକାଲ ସେଣ୍ଟର ରବର୍ଟ ହେନକନିଙ୍କ ମତାନୁସରେ ଗନ୍ଧ ଦ୍ୱାରା ମାନସିକ ବିଚଳିତ ଅବସ୍ଥା ଓ ଦୁଃଶ୍ଚିନ୍ତାକୁ ଅନେକାଂଶରେ କମ କରାଯାଇପାରିବ। ଶ୍ରମିକମାନଙ୍କର କାର୍ଯ୍ୟକ୍ଷମତା ବଢ଼ାଯାଇପାରିବ। ଅପରାଧିମାନଙ୍କର ହିଂସାଚରଣ ଓ ଅପରାଧ ପ୍ରବଣତାକୁ ଅନେକାଂଶରେ କମ କରାଯାଇପାରିବ। ଗନ୍ଧଶକ୍ତି ମାଧ୍ୟମରେ ମନଃସ୍ଥିତି ଓ ପରିସ୍ଥିତିକୁ ପ୍ରଭାବିତ କରୁଥିବା ଏହି ବିଦ୍ୟାକୁ ସ୍ମୋଜିୟାଲୋଜି ନାମ ଦିଆଯାଇଛି ଏବଂ ଏହି ତତ୍ତ୍ୱ ଆଧାରରେ ଏକ ନୂଆ ଚିକିତ୍ସା ପଦ୍ଧତି 'ଆରୋମା ଥେରାପୀ' ପ୍ରଚଳିତ ହୋଇଛି। ଯେଉଁଥିରେ ବିଭିନ୍ନ ବନସ୍ପତିର ସତ୍ତ୍ୱ, ଫୁଲର ଅର୍କ ଏବଂ ତେଲର ଗନ୍ଧ ପ୍ରୟୋଗ ଦ୍ୱାରା ଚିକିତ୍ସା କରାଯାଉଛି।

## ଲାଭଜନକ ସେବତୀ ଚାଷ



ସେବତୀ ଫୁଲର ଚାହିଦା ସୁବୁବେଳେ ରହି ଆସିଛି। ସେବତୀ ଗଛକୁ ସହଜରେ ଘର ବଗିଚାରେ, ଅଗଣଶାରେ ଓ ଛାତ ଉପରେ ରଖି ଫୁଲ ଫୁଟାଇ ପାରିବ। ଏହା ସହ ବ୍ୟାବସାୟିକ ଭାବେ କୁଣ୍ଡରେ ତିଆରି କରି ବିକ୍ରି କରି ଜଣେ ଚାଷୀ ମଧ୍ୟ ଯଥେଷ୍ଟ ଲାଭବାନ୍ ହୋଇପାରିବ।

ସେବତୀର ପ୍ରକାର ଭେଦ: ସେବତୀ ଦୁଇ ପ୍ରକାର ବରଷକିଆ ଓ ବହୁ ବର୍ଷୀୟା। ବରଷକିଆ ସେବତୀ ମଧ୍ୟରେ କ୍ରାଇଜାନଥେମମ କରୋନାରୀଅମର ଆଦର ବହୁତ। ଫୁଲ ଅନେକ ପାଖୁଡ଼ା ଯୁକ୍ତ, ରକ୍ତ ଧଳା, ହଳଦିଆ, ଲାଲ ଖଇରିଆ କିମ୍ବା ମିଶାମିଶା। ମଞ୍ଜିରୁ ଗଛ ସହଜରେ କରି ହୁଏ। ଫୁଲ ଆକାରରେ ଗେଣ୍ଡୁ ସହିତ ମିଶିଯାଏ। ଗେଣ୍ଡୁ ସହିତ ମିଶାଇ ମାଳ କଲେ ସୁନ୍ଦର ଦେଖାଯାଏ। ଚାଷର ପଦ୍ଧତି ମଧ୍ୟ ଗେଣ୍ଡୁ ଫୁଲର ଚାଷ ପରି।

ବହୁ ବର୍ଷୀୟ ସେବତୀ: ଏଇ ଶ୍ରେଣୀର କ୍ରାଇଜାନଥେମମ, ଇଣ୍ଡିକମ, କ୍ରାଇମ-ନଥେମମ ମାକ୍ସିମମ ଆଦି ଆସିଥାଏ। ସେବତୀ ଗଛର ଫୁଲ ଫୁଟି ସାରିବା ପରେ ଏପ୍ରିଲ ମାସରେ ଏହାର ଉପର ଅଂଶ କାଟି ଦିଆଯାଏ। ଏକ ଗଛରେ ମୂଳରୁ ନୂଆ ଡାଳ ବାହାରେ। ପରେ ଜୁନ୍ ଜୁଲାଇ ମାସରେ ଏହା ଉପରୁ ୮-୧୦ ସେମି ଅଗ୍ରଭାଗ କାଟି ଚେର ବୃଦ୍ଧିକରକ ଗୁଣ୍ଡ ଉପଚାର କରି ନୂଆ ଚାରା ଗଛ ତିଆରି କରିହୁଏ। ଏବେ ବ୍ୟାବସାୟିକ ନର୍ସରିମାନେ ବିଭିନ୍ନ କିସମର ସେବତୀର ଚାରା ବିକ୍ରି କରୁଛନ୍ତି।

ଚାଷ ପ୍ରଣାଳୀ: ଜୁଲାଇ ମାସରେ ସେବତୀ ଫୁଲ ଚାରା ଗଛକୁ ଫୁଲ କୁଣ୍ଡରେ କିମ୍ବା ଫୁଲ ପଟାଳିରେ ଲଗାଯାଇପାରେ। ଆଜିକାଲି କୁଣ୍ଡରେ ସମସ୍ତେ ସେବତୀ ଲଗାଉଛନ୍ତି ସଠିକ ମୃତ୍ତିକା ନପାଇଲେ ଗଛ ଭଲ ବଢ଼େ ନାହିଁ। ଏଥିପାଇଁ ଦୋରସା ମାଟି ୧ ଭାଗ, ପୁରୁଣା ସଢ଼ା ଗୋବର ଖତ କିମ୍ବା ଭର୍ମି କମପୋଷ୍ଟ ୨ ଭାଗ, ସଢ଼ା ପତ୍ର କମପୋଷ୍ଟ ଗୁଣ୍ଡ ୨ ଭାଗ ସହିତ କିଛି ଏସଏସପି ସାର (ପାଞ୍ଚ ଝୁଡ଼ି ମିଶ୍ରଣରେ ୧୦ ଚାମଚ ଏସଏସପି) ଏଇ ମିଶ୍ରଣ ସହିତ ଜୁଲାଇ ମାସରେ ଚାରା ଗଛ ଲଗାଇ ଦିଆଯାଏ। ଏହାପରେ ଅଗଷ୍ଟ ମାସ ଶେଷ ଆଡ଼କୁ ଜିଆଖତ, ପାଉଁଶ ଓ ନିମ୍ବପିଡ଼ିଆର ମିଶ୍ରଣରୁ ୨-୩ ମୁଠା କୁଣ୍ଡର ଉପରି ଭାଗରେ ଦିଆଯାଏ। ଗମଲାରେ ପୋତିବା ପରେ ଗଛରେ ନୂଆ ପତ୍ର ବାହାରେ। ଗଛରେ ୮ରୁ ୧୦ଟି ନୂଆ ପତ୍ର ବାହାରିବା ପରେ ଅଗ୍ର ମୁକୁଳାକୁ ନଖ ଦ୍ୱାରା ଛିଣ୍ଡାଇ ଦିଆଯାଏ। ଯଦ୍ୱାରା ଗଛରେ ଅଧିକରୁ ଅଧିକ ଡାଳ ସୃଷ୍ଟି ହୋଇ ଗଛ ଏକ ନିର୍ଦ୍ଦିଷ୍ଟ ଆକୃତି ଧାରଣ କରେ।

ଡି ସକରିଙ୍ଗ: ଗଛର ମାଟିତଳ ଅଂଶରୁ ବାହାରୁଥିବା ନୂଆ ଡାଳକୁ ସକର କୁହାଯାଏ। ଏମାନେ ଗଛର ଖାଦ୍ରକୁ ଭାଗ କରିଦିଅନ୍ତି। ଏପରି ଡାଳ ବାହାରିଲେ ତାହାକୁ ମାଟି ଦିଆଯାଏ। ଏହି କାର୍ଯ୍ୟକୁ ଡି ସକରିଙ୍ଗ କୁହାଯାଏ। ଏହାଦ୍ୱାରା ୨ଟି ଲାଭ ହୁଏ। ମୂଳ ଗଛ ବଳବାନ୍ ହୁଏ। ସକରରୁ ନୂଆ ଗଛ ତିଆରି କରି ହୁଏ।

ଷ୍ଟେକିଙ୍ଗ: କୁଣ୍ଡରେ ଥିବା ସେବତୀ ଗଛ ଡାଳ ପବନରେ ଆନ୍ଦୋଳିତ ହୋଇ ଭାଙ୍ଗି ଯିବାର ସମ୍ଭାବନା ଥାଏ। କୁଣ୍ଡ ଚାରିପଟେ ୪ଟି ଛୋଟ ବାଉଁଶ କାଠି ପୋତି ଗଛ ଚାରିପଟେ ସୂତା ବାନ୍ଧି ଗଛ ଡାଳମାନଙ୍କୁ ଆଶ୍ରା ଦିଆଯାଏ। ଏହି ପଦ୍ଧତିକୁ ଷ୍ଟେକିଙ୍ଗ କୁହାଯାଏ।

ଲାଭ କ୍ଷତି: ସେବତୀର ଫୁଲ କିଆରି ଫୁଲ ବିକ୍ରି କରିବା ପାଇଁ କିମ୍ବା ଘର ଆଗଣା କିମ୍ବା ପାର୍କର ଶୋଭା ବଢ଼ାଇବା ପାଇଁ କରାଯାଏ। ଗଛକୁ ଗଛ ଦୂରତା ୩୦ ସେମି X ୩୦ ସେମି ରହେ। ଫୁଲ ତୋଡ଼ା ଓ ମାଳ ପାଇଁ ଏହାର ବ୍ୟବହାର କରାଯାଏ। ଫୁଟିବା ଫୁଲର କୁଣ୍ଡ ୫୦ରୁ ୨୦୦ଟଙ୍କା ମଧ୍ୟରେ ବିକ୍ରି ହୁଏ। ୧୦୦୦ଟି ମା' ଗଛ ରଖି ଥିବା ଚାଷୀ ଗୋଟିଏ ଋତୁରେ ୨୦୦୦ରୁ ଅଧିକ ଫୁଲକୁଣ୍ଡ ପ୍ରସ୍ତୁତ କରି ୨ ଲକ୍ଷରୁ ଅଧିକ ଲାଭ କରିପାରିବ।



## ଚାଖିଲେ ୨୫ ଲକ୍ଷ

କଥାଟା ମଗଜରେ ପଶୁନଥିବ। ଲୋକମାନେ କେବଳ ପାଟି ସୁଆଦ ପାଇଁ ବହୁ ଅର୍ଥ ବ୍ୟୟ କରିଦେଉଛନ୍ତି। ତା'ଛଡ଼ା ଆଜିକାଲି ଲୋକଙ୍କ ପାଖରେ ପଇସାର କୋଉ ଅଭାବ ରହିଛି ଯେ। ହେଲେ ଏଠାରେ ଏମିତି ଏକ ଡିସ୍ କଥା ପଡ଼ିଛି, ଯାହାକୁ ଖାଲି ଚାଖିବାକୁ ଦେବାକୁ ପଡୁଛି ୨୫ ଲକ୍ଷ। ଏହି ଡିସ୍ ପ୍ରସ୍ତୁତ ହୋଇଛି ଦୁର୍ଲଭ ଆଲବିନୋ ମାଛର ଅଣ୍ଡା ଏବଂ ୨୨ କ୍ୟାରେଟ ସୁନାରୁ। ବର୍ତ୍ତମାନ ସମୟରେ ଗୋଟିଏ ଚାମଚ ଆଲବିନୋ ମାଛ ଅଣ୍ଡାର ମୂଲ୍ୟ ହେଉଛି ୨୪ ଲକ୍ଷ ୮୫ ହଜାର ଟଙ୍କା। ନ୍ୟୁୟର୍କ ସମେତ ବହୁ ବଡ଼ବଡ଼ ରେଷ୍ଟୁରାଣ୍ଟରେ ଏହି ଡିସ୍ ମିଳିଥାଏ। ଏଠାରେ ସୂଚାଇ ଦେବା ଜରୁରୀ ଯେ ଏହି ଡିସ୍‌ର ସମ୍ପୂର୍ଣ୍ଣ ନାମ ହ୍ୱାଇଟ୍ ଗୋଲ୍ଡ ଆଲବିନୋ କ୍ୟାଭିଅର। କିଛିଲୋକ ଏହାକୁ ବ୍ରେଡ ଏବଂ ବଟର ସହିତ ଖାଇବାକୁ ପସନ୍ଦ କରନ୍ତି। ଏହି ଡିସ୍ ପ୍ରସ୍ତୁତ କରିବାରେ ଓସ୍ତାଦ ହେଉଛନ୍ତି ଅଷ୍ଟ୍ରେଲିଆର ଫିସ୍ ଫାର୍ମର ୱାଲ୍ଟର ଗୃଏଲ ଏବଂ ତାଙ୍କ ୨୫ ବର୍ଷର ପୁଅ ପାଟ୍ରିକ। ଏହି ଡିସ୍ ବିଷୟରେ ପାଟ୍ରିକଙ୍କ କହିବା କଥା ହେଲା ଯେଉଁ ମାଛ ଦ୍ୱାରା ଏହି ଡିସ୍ ପ୍ରସ୍ତୁତ ହେଉଛି ସେହି ମାଛ ମିଳିବା ଅତି କଷ୍ଟକର। ତେଣୁ ଏହାର ମୂଲ୍ୟ ଏତେ ଅଧିକ।

## ବମ୍ବେ ମିଠେଇ: ପାଟିକୁ ମିଠା, ଦେହକୁ ପିତା

ଆଖିକୁ ଆକର୍ଷଣୀୟ ଓ ବଡ଼ ଦିଶୁଥିବା ବମ୍ବେ ମିଠେଇ ପ୍ରତି ବିଶେଷ କରି ପିଲାମାନଙ୍କର ଆଗ୍ରହ କହିଲେ ନସରେ। ତେବେ ଚିନିରୁ ପ୍ରସ୍ତୁତ ହେଉଥିବା ଏହି ମିଠା ସାମଗ୍ରୀକୁ ପୁଡୁଚେରି ସରକାର ନିଷିଦ୍ଧ ଘୋଷଣା କରିଛନ୍ତି। ଏହି ହାଲୁକା ମିଷ୍ଟାନ୍ନକୁ ପ୍ରସ୍ତୁତ କରିବାରେ ଏକ ବିଷାକ୍ତ ରାସାୟନିକ ପଦାର୍ଥ ମିଶାଯାଉଥିବାରୁ ସରକାର ଏଭଳି ପଦକ୍ଷେପ ନେଇଛନ୍ତି। ପୁଡୁଚେରି ଉପରାଜ୍ୟପାଳ ତାମିଲସାହି ସୌନ୍ଦରାରାଜନ୍ ଗତ ଗୁରୁବାର ନିଜେ ଏହି ମର୍ମରେ ଏକ ଭିଡିଓ ବାର୍ତ୍ତା ତାଙ୍କ ସରକାରୀ ଇନ୍‌ଷ୍ଟାଗ୍ରାମ୍ ପୃଷ୍ଠାରେ ଛାଡ଼ି ଜନସାଧାରଣଙ୍କୁ ସତର୍କ କରାଇଛନ୍ତି। ସହରର ଗଳିକନ୍ଦିରେ ବୁଲାବିକାଳି ବିକୁଥିବା ଏହି ଲୋଭନୀୟ ବମ୍ବେ ମିଠେଇକୁ କିଣିବାରୁ ଲୋକେ ନିବୃତ୍ତ ରହିବା ଲାଗି ସେ ପରାମର୍ଶ ଦେଇଛନ୍ତି। ସୂଚନାନୁଯାୟୀ, ଏହି ମିଠା ପ୍ରସ୍ତୁତିରେ 'ରୋଡାମାଇନ୍-ବି' ନାମକ ଏକ ପ୍ରକାର ରାସାୟନିକ ପଦାର୍ଥ ମିଶୁଛି ଯାହା ସ୍ୱାସ୍ଥ୍ୟ ପକ୍ଷେ ଅତ୍ୟନ୍ତ ହାନିକାରକ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଜାଣିପାରିଛନ୍ତି। 'ଆରଏଚ୍‌ବି' ନାମରେ ପରିଚିତ ଏହି ରାସାୟନିକ ସାଧାରଣତଃ ରଙ୍ଗ ଭାବରେ ବ୍ୟବହୃତ ହୋଇଥାଏ। ତେବେ ବମ୍ବେ ମିଠେଇ ସହ ମିଶି ଏହା ଆମ ଶରୀରକୁ ପ୍ରବେଶ କଲେ ତାହା ବିଭିନ୍ନ କୋଷ ଓ ତନ୍ତୁଠାରେ ଜାରକ କ୍ରିୟାରେ ବାଧା ଉପୁଜାଇଥାଏ। ଏପରିକି ଶରୀରରେ ଏହାର ଦୀର୍ଘକାଳୀନ ଅବସ୍ଥାନ ଯକୃତକୁ ଅକାମୀ କରିଦେବା ସହ କର୍କଟ ପରି ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି ବୋଲି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ (ଏନ୍‌ଆଇଏଚ୍) ସୂତ୍ରରୁ ଜଣାଯାଇଛି।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଜନତାଙ୍କ ରାୟ...

ଏକ ଗଣତାନ୍ତ୍ରିକ ରାଷ୍ଟ୍ର ଭାବରେ ପାକିସ୍ତାନ ନିଜକୁ ଘୋଷଣା ତ କରେ, କିନ୍ତୁ ବାସ୍ତବରେ ଏହାର ଶାସନର ଡୋରି ଯେ ସେନା ହାତରେ, ଏହା ସମଗ୍ର ବିଶ୍ୱର ଜନତା ଦେଖନ୍ତି । ଫେବ୍ରୁଆରୀ ୮ ତାରିଖରେ ଏହି ରାଷ୍ଟ୍ରରେ ସମ୍ପନ୍ନ ହେଲା ସାଧାରଣ ନିର୍ବାଚନ। ପରନ୍ତୁ, ଏଥିରୁ ଯେଉଁ ଫଳାଫଳ ମିଳିଲା, ତାହା ପୁଣିଥରେ ଚର୍ଚ୍ଚାକୁ ନେଇ ଆସିଲା ଏହାର ସେନାର ଭୂମିକାକୁ, କାରଣ କୌଣସି ଗୋଟିଏ ରାଜନୀତିକ ଦଳ ସପକ୍ଷରେ ସ୍ପଷ୍ଟ ଜନମତ ଗଲାନାହିଁ, ଯାହା ବରଣ କରି ଆଣିଲା ଅନିଶ୍ଚିତତାକୁ- କିଏ ହେବ ପାକିସ୍ତାନର ପରବର୍ତ୍ତୀ ଶାସନକର୍ତ୍ତା । ଦେଶର ଏହି ଦ୍ୱାଦଶ ନିର୍ବାଚନରେ ଦୁଇଜଣ ପୂର୍ବତନ ପ୍ରଧାନମନ୍ତ୍ରୀ, ନୱାଜ୍ ଶରିଫ୍ ଏବଂ ଇମ୍ରାନ୍ ଖାନ୍, ଉଭୟ ବିଜୟ ଲାଭ କରିଥିବା ଦାବି କରିବା ଭଳି ପରିସ୍ଥିତି ସୃଷ୍ଟି ହେଲା, ଯଦିଓ ଏମାନଙ୍କ ମଧ୍ୟରୁ କେହି ଜଣେ ହେଲେ ନିଜ ବଳରେ ସରକାର ଗଠନ କରିବା ସ୍ଥିତିରେ ନାହାନ୍ତି । ଶ୍ରୀଯୁକ୍ତ ଖାନ୍, ଯିଏକି ଅନେକଗୁଡ଼ିଏ ଅଦାଲତି ମାମଲାରେ ଛନ୍ଦିହୋଇ ବର୍ତ୍ତମାନ କାରାଗାରରେ କାଳ କାଟୁଛନ୍ତି, ଯେ କୌଣସି ରାଜନୀତିକ ପଦ ପଦବୀରେ ଆଇନଗତ ଭାବରେ ସେ ଅଧିଷ୍ଠିତ ହୋଇ ପାରିବେ ନାହିଁ । ରାଜନୀତିକ ଦଳମାନେ ନିର୍ବାଚନୀ ମତଦାନ ସମୟରେ ତଥା ଏହା ପରେ ଭୋଟ୍ ଗଣନା ବେଳେ ହେରଫେର ମାମଲାକୁ ନେଇ ଆଇନର ଆଶ୍ରୟ ନେବାରେ ବ୍ୟସ୍ତ ରହିଥିବା ବେଳେ ଏସବୁ ମଧ୍ୟରେ କିନ୍ତୁ ଜଣେ ସ୍ପଷ୍ଟ ରୂପରେ ବିଜେତାଙ୍କର ଆବିର୍ଭାବ ଘଟିଛି : ପାକିସ୍ତାନର ସାଧାରଣ ଜନତା। ଏକ ଦେଶର ସାଧାରଣ ମାନକ ଭାବରେ ଯଦି ଦେଖାଯାଏ, ତା'ହେଲେ ଯେଉଁଠି ସାମରିକ ବାହିନୀ କେବେହେଲେ ଗଣତନ୍ତ୍ରକୁ ଏହାର ମୂଳ ଦୃଢ଼ କରିବାକୁ ସୁଯୋଗ ଦେଇନାହିଁ, ଉପରୋକ୍ତ ନିର୍ବାଚନକୁ ପଥ କଢ଼ାଇ ନେଇଥିବା କାର୍ଯ୍ୟକ୍ରମଗୁଡ଼ିକ ସ୍ପଷ୍ଟ ଭାବରେ ଲୋକମାନଙ୍କୁ ସେମାନଙ୍କର ଭାଗ୍ୟକୁ ଆଦରି ନେବାର ପ୍ରକ୍ରିୟା ଭାବରେ ପ୍ରତୀୟମାନ ହୋଇଥିଲା । ଶ୍ରୀଯୁକ୍ତ ଶରିଫ୍, ଯାହାଙ୍କର ଅତୀତରେ ଦେଶର ସେନା ସହିତ ବିବାଦ ଲାଗି ରହିଥିଲା, ଯେଉଁଥିପାଇଁ ୧୯୯୯ରେ ତାଙ୍କୁ ନିଜର ପଦରୁ ବହିଷ୍କାର କରାଯାଇଥିଲା, ସେ ନିର୍ବାଚନ ପୂର୍ବରୁ ନିର୍ବାସନରୁ ଫେରିଥିଲେ ଏବଂ ଦେଖିବାକୁ ପାଇଥିଲେ ଯେ ତାଙ୍କ ବିରୁଦ୍ଧରେ ଥିବା ଦୁର୍ନୀତି ଅଭିଯୋଗ ଓ ମାମଲାଗୁଡ଼ିକରେ ପୂର୍ଣ୍ଣଚ୍ଛେଦ ପଡ଼ି ସାରିଛି। ଉପରୋକ୍ତ ଫଳାଫଳର ଅର୍ଥ ନୁହେଁ ଯେ ପିଟିଆଇ, ଯାହାର ସ୍ୱାଧୀନ ପ୍ରାର୍ଥୀମାନେ ଅଧିକ ସଂଖ୍ୟାରେ ବିଜୟୀ ହୋଇଛନ୍ତି, ତାହା ପାକିସ୍ତାନରେ ସରକାର ଗଠନ କରିବାକୁ ସକ୍ଷମ ହେବ । ନିର୍ବାଚନ ଫଳାଫଳ ଆସିବା ପରେ ଯେତେବେଳେ ସ୍ପଷ୍ଟ ହୋଇଗଲା ଯେ କୌଣସି ଦଳ ସରକାର ଗଠନ କରିବା ନିମନ୍ତେ ଏକକ ସଂଖ୍ୟାଗରିଷ୍ଠତା ହାସଲ କରି ନାହାନ୍ତି, ସେତେବେଳେ ପିଟିଆଇକୁ ଛାଡ଼ି ଅନ୍ୟ ସମସ୍ତ ଦଳଙ୍କୁ ଶ୍ରୀଯୁକ୍ତ ଶରିଫ୍ ଡକାଇଲେ ଏକ ମେଣ୍ଟ ସରକାର ଗଠନ କରିବା ପାଇଁ । ତାଙ୍କର ଏହି କାର୍ଯ୍ୟ ପଛରେ ସମର୍ଥନ ରହିଥିଲା ପାକ୍ ସେନା ମୁଖ୍ୟ ଜେନେରାଲ ଅସୀମ୍ ମୁନୀରଙ୍କର, ଯାହା ପରେ ପିଏମ୍ଏଲ୍-ଏନ୍ ଏବଂ ପିପିପି ମଧ୍ୟରେ 'ରାଜନୀତିକ ସ୍ଥିରତା ପାଇଁ ଏକାଠି କାମ କରିବାକୁ' ଏକ ରାଜିନାମା ସମ୍ପନ୍ନ ହେଲା। ଏସବୁର ଅର୍ଥ ହେଲା, ଶ୍ରୀଯୁକ୍ତ ଇମ୍ରାନ୍ ଖାନ୍ଙ୍କ ପିଟିଆଇକୁ କ୍ଷମତାରୁ ବାହାରେ ରଖିବା ନିମନ୍ତେ ରାଜନୀତିକ ଚାଲ ଚଲେଇବା। ପିଟିଆଇ, ଯାହାକି ନିର୍ବାଚନରେ ଅନିୟମିତତା ହୋଇଥିବାର ଅଭିଯୋଗ ଉଠାଇ ସାରିଛି, ତାହା ବର୍ତ୍ତମାନ ସଡ଼କରେ ପ୍ରତିବାଦକୁ ଓହ୍ଲାଇବା ପାଇଁ ଆହ୍ୱାନ ଦେବା ବ୍ୟତୀତ ତା' ହାତରେ ଅନ୍ୟ କିଛି ବିକଳ୍ପ ନଥିଲା, ଯାହାର ପରିଣତିରେ ୨୦୨୩ରେ ଶ୍ରୀଯୁକ୍ତ ଖାନ୍ଙ୍କ ଗିରଫ ପରେ ପାକିସ୍ତାନ ଯେଉଁ ଧରଣର ବ୍ୟାପକ ହିଂସାକାଣ୍ଡକୁ ପ୍ରତ୍ୟକ୍ଷ କରିଥିଲା, ତାହା ଏବେ ପୁଣିଥରେ ଦେଖିବାକୁ ଅନୁକୂଳ ପରିସ୍ଥିତି ସୃଷ୍ଟି ହୋଇଛି । ପାକ୍ ସେନା ହୁଏତ ଶ୍ରୀଯୁକ୍ତ ଖାନ୍ଙ୍କ ଆହ୍ୱାନକୁ ମୁକାବିଲା କରିବା ସହିତ ଏକ ନୂଆ ରାଜନୀତିକ ବାସ୍ତବତା ସୃଷ୍ଟି କରିବାକୁ ଉଦ୍ୟମ କରି ପାରନ୍ତି, କିନ୍ତୁ ପାକିସ୍ତାନରେ ପୂର୍ବତନ କ୍ରିକେଟ ଖେଳାଳି ଶ୍ରୀଯୁକ୍ତ ଇମାନ୍ ଖାନ୍ଙ୍କର କେତେ ଲୋକପ୍ରିୟତା ରହିଛି, ତାହା ଦେଶର ନିର୍ବାଚନ ଦର୍ଶାଇ ସାରିଛି । କହିବା ବାହୁଲ୍ୟ, ଏହି ସମସ୍ୟାର ଏକ ଦୀର୍ଘକାଳୀନ ସମାଧାନ ପାଇଁ ପାକ୍ ସେନାଧ୍ୟକ୍ଷମାନେ ଶ୍ରୀଯୁକ୍ତ ଖାନ୍ଙ୍କ ସହିତ ଶାନ୍ତି ସ୍ଥାପନ କରିବା ଆବଶ୍ୟକ; ଗଣତନ୍ତ୍ର ଖାତିରରେ ସେମାନେ ଜନମତକୁ ସମ୍ମାନ ଦେବା ଉଚିତ। ସମ୍ପ୍ରତି ପିଟିଆଇ ଏହାର ସ୍ୱାଧୀନ ପ୍ରାର୍ଥୀମାନେ କିପରି ସଂସଦରେ ଏକ ସମ୍ମିଳିତ ଗୋଷ୍ଠୀ ଭାବରେ କାର୍ଯ୍ୟ କରି ପାରିବେ, ଏବଂ ସମ୍ଭବତଃ ଏକ ସରକାର ଗଠନ କରି ପାରିବେ, ତାହା କରିବାର ଉଦ୍ୟମ କରୁଛି। ପାକିସ୍ତାନର ବୁଦ୍ଧିଜୀବୀ ଗୋଷ୍ଠୀ ଦେଶର ଲୋକମାନଙ୍କର ମନୋବସ୍ଥାକୁ ଅଧ୍ୟୟନ କରିବାକୁ ଶିକ୍ଷା କରିବା ଉଚିତ, ତେଣିକି ଦେଶରେ ସରକାର ଯିଏ ବି ଗଠନ କରନ୍ତୁ ନା କାହିଁକି। ଭାରତଠାରୁ ଇଣ୍ଡୋନେସିଆ ପର୍ଯ୍ୟନ୍ତ ଏବଂ ଏହାଠାରୁ ଯୁକ୍ତରାଷ୍ଟ୍ର ଆମେରିକା ଭଳି ଅନେକଗୁଡ଼ିଏ ବଡ଼ ଧରଣର ନିର୍ବାଚନ ସମ୍ପନ୍ନ ହେବାକୁ ଯାଉଥିବା ଏକ ବର୍ଷରେ ପାକିସ୍ତାନ ନିର୍ବାଚନ ସମଗ୍ର ବିଶ୍ୱକୁ ଏକ ଗୁରୁତ୍ୱପୂର୍ଣ୍ଣ ବାର୍ତ୍ତା ପ୍ରଦାନ କରିଛି : ଯେ ଏମିତିକି ଏକ ଏକପାଖିଆ ନିର୍ବାଚନ ଭଳି ମନେ ହେଉଥିଲେ ସୁଦ୍ଧା, ଲୋକମାନଙ୍କ ନିକଟରେ ସମସ୍ତଙ୍କୁ ଚମକାଇ ଦେବା ଭଳି ଶକ୍ତି ରହିଛି ।

# ଭାରତ ଯୋଡ ନ୍ୟାୟ ଯାତ୍ରା



## ଅଧ୍ୟାପକ ଗୋପବନ୍ଧୁ

ରାହୁଲ ଗାନ୍ଧୀଙ୍କ 'ଭାରତ ଯୋଡ ନ୍ୟାୟ ଯାତ୍ରା' କଂଗ୍ରେସ ପାଇଁ ତଥା ଇଣ୍ଡିଆ ଗୋଠବନ୍ଧନ ପାଇଁ ସମ୍ଭାବନାକୁ ଅଧିକ ମଜଭୁତ କରିଛି। ଯେଉଁ ବାଟଦେଇ ତାଙ୍କ ପଦଯାତ୍ରା ଯାଉଛି ସେ ସମସ୍ତ ଅଞ୍ଚଳରେ ପ୍ରବଳ ଜନସମାଗମ ହେଉଥିବାର ଦେଖାଯାଉଛି। ତାଙ୍କର ଏ ଦ୍ୱିତୀୟ ସୋପାନର ଯାତ୍ରା ଉତ୍ତର-ପୂର୍ବ ମଣିପୁରରୁ ଆରମ୍ଭ ହୋଇ ମୁମ୍ବାଇରେ ସମାପ୍ତ ହେବ। ଏ ଯାତ୍ରା ଓଡ଼ିଶା ଅତିକ୍ରମ କରିସାରିଛି। ରାଜ୍ୟରେ ଏହାକୁ ଭଲ ସମର୍ଥନ ମିଳିଛି। ଏହି ଯାତ୍ରାରେ ଦେଖାଯାଉଥିବା ଜନସମାଗମ କେତେ ପରିମାଣରେ ସପକ୍ଷ ଭୋଟକୁ ରୂପାନ୍ତରିତ ହେବ ତାହା ଭିନ୍ନ କଥା, କିନ୍ତୁ ଏହି ସମୟରେ ସେ ଦେଉଥିବା ବକ୍ତବ୍ୟ ବେଶ ଚର୍ଚ୍ଚାର ବିଷୟ ହୋଇଛି। ବିଭିନ୍ନ ସଭାରେ ସେ 'ଯୋଡ' ଓ 'ନ୍ୟାୟ'ର ପରିଭାଷା ଲୋକଙ୍କୁ ବୁଝାଉଛନ୍ତି, ଯାହା ଲୋକଙ୍କ ମନକୁ ପାଉଛି।

ପ୍ରଥମେ ଭାରତବର୍ଷର ସମସ୍ତ ଅଞ୍ଚଳ ଓ ସମସ୍ତ ଜନସମୁଦାୟକୁ ପ୍ରେମର ସୂତ୍ରରେ ବା ଭଲପାଇବାର ସୂତ୍ରରେ ବାନ୍ଧିବାର କଥା ସେ କହୁଛନ୍ତି। ଦେଶବାସୀ ଅନୁଭବ କରୁଛନ୍ତି କେଉଁଠି ନା କେଉଁଠି ତାଙ୍କ ମଧ୍ୟରେ ଥିବା ଭାଇଚାରା ଓ ଭଲ ପାଇବା ଆସ୍ତେ ଆସ୍ତେ ଲୋପ ପାଉଛି। ଧର୍ମ, ଜାତି, ଗୋଷ୍ଠୀ ଓ ଅଞ୍ଚଳ ନାମରେ ବିଦ୍ୱେଷ ଓ ହିଂସାର ମଞ୍ଜି ବୁଣାଯାଉଛି। ରାଜନୈତିକ ବ୍ୟକ୍ତିମାନେ ଏହା ପଛରେ ମୁଖ୍ୟଭୂମିକା ଗ୍ରହଣ କରୁଛନ୍ତି। ଏପରି ଅବସ୍ଥା ଲାଗି ରହିଲେ ଦିନେ ଦେଶରେ ଭୟଙ୍କର ପରିସ୍ଥିତି ତିଆରି ହେବ। ନାକାରାତ୍ମକ ରାଜନୀତି ଦେଶକୁ ଅରାଜକତା ଆଡକୁ ଟାଣିନେବ। ତେଣୁ ଦେଶରେ ଭାଇଚାରାର ରାଜନୀତି, ଭଲପାଇବାର ରାଜନୀତି ଆଣିବାକୁ ପଡିବ। ତେଣୁ ସେ ତାଙ୍କ ଅଭିଭାଷଣରେ କହୁଛନ୍ତି ଯେ ତାଙ୍କର ଏ ଯାତ୍ରା ଭଲପାଇବାର ଯାତ୍ରା, ହିଂସା ବିରୁଦ୍ଧରେ ପ୍ରେମର ଯାତ୍ରା। ଘୃଣା-ଦ୍ୱେଷ ଗୋଟିଏ ଦେଶକୁ ଆଦୌ ଆଗକୁ ନେଇପାରିବ ନାହିଁ। ପରସ୍ପରକୁ ଭଲପାଇବା ଓ ପ୍ରେମର ବିତରଣ ଦ୍ୱାରା ରାଷ୍ଟ୍ରକୁ ଆଗକୁ ନେଇ ହେବ। ତେଣୁ ପ୍ରେମର ଡୋରୀରେ ସେ ସମସ୍ତଙ୍କୁ ବାନ୍ଧିବା ପାଇଁ ସେ ଏ ଯାତ୍ରାରେ ବାହାରିଛନ୍ତି।

ସମାଜିକ ନ୍ୟାୟ ଉପରେ ତାଙ୍କର ବକ୍ତବ୍ୟ ବେଶ୍ ଆଦୃତ ହେଉଛି। ଦେଶରେ ସାମାଜିକ ନ୍ୟାୟ ପାଇଁ ଆନ୍ଦୋଳନରତ ସାମାଜିକ ସଂଗଠନମାନେ ଏହାକୁ ଭରପୁର ସମର୍ଥନ କରୁଛନ୍ତି। ରାହୁଲ ଗାନ୍ଧୀ ବିଭିନ୍ନ ସ୍ଥାନରେ କହିଛନ୍ତି ଇଣ୍ଡିଆ ଗୋଠବନ୍ଧନ କ୍ଷମତାକୁ ଆସିଲେ ସାମାଜିକ ନ୍ୟାୟ ଉପରେ ଅଧିକ ଗୁରୁତ୍ୱ ଦେବ। 'ଯାହାର ଯେତିକି ସଂଖ୍ୟା ତାହାର ସେତିକି ଭାଗ' ନୀତିର ଅନୁସରଣ କରିବ। ସଂରକ୍ଷଣ କ୍ଷେତ୍ରରେ ଯେଉଁ ଶତକଡା ୫୦ ଭାଗ ସଂରକ୍ଷଣର ସୀମା ରହିଛି ତାକୁ ଫୋପାଡି ଦେବ। ଫଳରେ ଓବିସି ମାନେ ନିଜର ସଂଖ୍ୟାନୁପାତରେ ସଂରକ୍ଷଣ ସୁବିଧା ପାଇପାରିବେ। ୧୯୩୧ ମସିହା ଜାତିଭିତ୍ତିକ ଜନଗଣନା ଅନୁଯାୟୀ ଦେଶରେ ଅନ୍ୟାନ୍ୟ ପଛୁଆବର୍ଗ ବା ଓବିସିଙ୍କ ସଂଖ୍ୟା ଶତକଡ଼ା ୫୨ ଭାଗ। କିନ୍ତୁ ମଣ୍ଡଳ କମିଶନ ଏମାନଙ୍କୁ ୨୭% ସଂରକ୍ଷଣ ଦେଇଥିଲେ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ। କାରଣ ପୂର୍ବରୁ ଏସଟି ଓ ଏସସିଙ୍କ ପାଇଁ ୨୨.୫% ସଂରକ୍ଷଣ ରହିଛି। ଯେହେତୁ ସଂରକ୍ଷଣ ସୀମା ୫୦%ରୁ ଅଧିକ ହୋଇପାରିବ ନାହିଁ ବୋଲି ସୁପ୍ରିମକୋର୍ଟ କହିଛନ୍ତି। ଏହି ପରିପ୍ରେକ୍ଷୀରେ ରାହୁଲ ଗାନ୍ଧୀ କହିଛନ୍ତି କ୍ଷମତାକୁ ଆସିଲେ ଏହି ବାଧାକୁ ନିୟମ ଜରିଆରେ ଉଚ୍ଛେଦ କରାଯିବ। ଫଳରେ ଓବିସିମାନେ ସଂଖ୍ୟାନୁପାତିକ ସଂରକ୍ଷଣ ପାଇପାରିବେ। ଆଗରୁ ଅନୁସୂଚିତ ଜାତି ଓ ଜନଜାତିମାନେ ନିଜ ସଂଖ୍ୟା ଅନୁସାରେ ଚାକିରୀ, ଶିକ୍ଷା ଓ ରାଜନୀତି କ୍ଷେତ୍ରରେ ସଂରକ୍ଷଣ ସୁବିଧା ପାଉଛନ୍ତି। କିନ୍ତୁ ଅନେକ ସମୟରେ ତାଙ୍କୁ ମଧ ଏ ସୁବିଧାରୁ ବଞ୍ଚିତ କରାଯାଉଛି। କେତେକ ରାଜ୍ୟରେ ସଂଖ୍ୟାନୁପାତିକ ସଂରକ୍ଷଣ ମିଳୁନାହିଁ। ଏହାଛଡା ଏମାନଙ୍କ ସଂଖ୍ୟା ପୂର୍ବାପେକ୍ଷା ଅଧିକ ହୋଇଛି। ତେଣୁ ତାଙ୍କ ସଂରକ୍ଷଣ ହାର ମଧ ବୃଦ୍ଧି ହେବା ଉଚିତ୍ ବୋଲି ତାଙ୍କ ବକ୍ତବ୍ୟରୁ ସୂଚୀତ ହେଉଛି।

ଦ୍ୱିତୀୟରେ ସେ ଜାତିଭିତ୍ତିକ ଜନଗଣନା ଉପରେ ଗୁରୁତ୍ୱ ଦେଉଛନ୍ତି। ଇଣ୍ଡିଆ ଗୋଠବନ୍ଧନ କ୍ଷମତାକୁ ଆସିଲେ ନିଶ୍ଚିତରୂପେ ଜାତିଭିତ୍ତିକ ଜନଗଣନା କରିବ ବୋଲି ସେ କହିଛନ୍ତି। ଏହାକୁ ମଧ୍ୟ ବହୁ ସମାଜିକ ସଂଗଠନ ସମର୍ଥନ କରୁଛନ୍ତି। ଏମାନେ ଦୀର୍ଘକାଳ ଧରି ଏ ଦାବୀ କରି ଆସୁଛନ୍ତି। ଏହାର କାରଣ ହେଉଛି ଯେ ଓବିସି ସମ୍ବନ୍ଧିତ ବିଭିନ୍ନ ବିଷୟ ସୁପ୍ରିମକୋର୍ଟରେ ଯାଇ ପହଞ୍ଚିଛି ଓ କୋର୍ଟ ଏମାନଙ୍କ ସଂଖ୍ୟା ସମେତ ଆର୍ଥିକ ଓ ଶିକ୍ଷାଗତ ଅବସ୍ଥା ସମ୍ବନ୍ଧରେ ପରିସଂଖ୍ୟାନ ମାଗୁଛନ୍ତି। ଉଭୟ ରାଜ୍ୟ ଓ କେନ୍ଦ୍ର ସରକାର ଏପରି ରିପୋର୍ଟ ଦେବାକୁ ଅସମର୍ଥ ହେଉଛନ୍ତି। ଯେହେତୁ ସ୍ୱାଧୀନତା ପରେ ଜାତିଭିତ୍ତିକ ଜନଗଣନା ହୋଇନାହିଁ। ୨୦୧୧ ମସିହାରେ ୟୁପିଏ ସରକାର ଜାତିଭିତ୍ତିକ ଜନଗଣନା କରିଥିଲେ, କିନ୍ତୁ ଏହାର ରିପୋର୍ଟକୁ ସାର୍ବଜନୀନ କରାଯାଇ ନାହିଁ। ଏହି ରିପୋର୍ଟକୁ ପ୍ରକାଶ କରିବାକୁ ସେ ଦାବୀ କରୁଛନ୍ତି। ଓବିସିଙ୍କୁ ତାଙ୍କ ହକ୍ ନଦେବା ପାଇଁ ଚକ୍ରାନ୍ତ ଚାଲିଛି ବୋଲି ସେ ପରୋକ୍ଷରେ ସୂଚାଇ ଦେଇଛନ୍ତି। ଗୋଟିଏ ପଟେ କୋର୍ଟ ପରିସଂଖ୍ୟାନ ମାଗିବ ଓ ଅନ୍ୟପଟେ ଜାତିଭିତ୍ତିକ ଜନଗଣନା ଅଭାବରୁ ସରକାର ତଥ୍ୟ ଦେଇପାରିବ ନାହିଁ। ଅଧିକାର ନଦେବାର ସୁନ୍ଦର ଯୁଗଳବନ୍ଦୀ।

ରାହୁଲ ଗାନ୍ଧୀ ତାଙ୍କ ଯାତ୍ରା ସମୟରେ ସିଧାସଳଖ ବିଜେପି ଓ ପ୍ରଧାନମନ୍ତ୍ରୀଙ୍କ ନୀତିକୁ ସମାଲୋଚନା କରିଛନ୍ତି। ତାଙ୍କ ଅଭିଯୋଗ ଯେ ବିଜେପି ବିଭାଜନର ରାଜନୀତି କରୁଛି। ଧର୍ମ ନାମରେ ଦେଶକୁ ବିଭାଜିତ କରୁଛି। ସମାଜରେ ଧାର୍ମିକ ବିଦ୍ୱେଷକୁ ପ୍ରୋତ୍ସାହିତ କରୁଛି। ଧାର୍ମିକ ମୌଳବାଦ ଜରିଆରେ ବର୍ଣ୍ଣବ୍ୟବସ୍ଥାକୁ ପୁନଃ ସ୍ଥାପନ କରିବାକୁ ଚାହୁଁଛି। ଏହାଦ୍ୱାରା ଭାରତୀୟ ସମାଜ ଆହୁରି ଭାଗଭାଗ ହୋଇଯିବ। ସମାଜରେ ଘୃଣା ଓ ହିଂସା ଆହୁରି ପରିବ୍ୟାପ୍ତ ହେବ। ଦେଶର ଐକତା ବିପଦରେ ପଡ଼ିବ। ତେଣୁ ସେ ଏ ଯାତ୍ରା ଆରମ୍ଭ କରିଛନ୍ତି ପ୍ରେମର ସନ୍ଦେଶକୁ ପ୍ରସାରିତ କରିବା ପାଇଁ। ଲୋକଙ୍କ ଭିତରେ ଭଲ ପାଇବାକୁ ମଜଭୁତ କରିବା ପାଇଁ। ଲୋକମାନଙ୍କୁ ପରସ୍ପର ସହିତ ଯୋଡ଼ିବା ପାଇଁ।

ସେ ଅଭିଯୋଗ କରିଛନ୍ତି ଯେ ପ୍ରଧାନମନ୍ତ୍ରୀ ଶ୍ରୀଯୁକ୍ତ ନରେନ୍ଦ୍ର ମୋଦି ସାମାଜିକ ନ୍ୟାୟର ବିରୋଧି। ସେ ନିଜକୁ ଓବିସି ବୋଲି କହନ୍ତି, କିନ୍ତୁ ଓବିସିଙ୍କୁ ସାମ୍ବିଧାନିକ ଅଧିକାର ଦେବାକୁ ଚାହାଁନ୍ତି ନାହିଁ। ସେ ଓବିସି ଙ୍କ କଥା ଚିନ୍ତା କରୁଥିଲେ ଓବିସି ଙ୍କ ସ୍ୱାର୍ଥ ପାଇଁ ଜାତିଭିତ୍ତିକ ଜନଗଣନା କରାଇ ଥାନ୍ତେ, ଯାହାକୁ ସେ ମନା କରି ଦେଇଛନ୍ତି। ସେ ଚାହିଁଲେ ୨୦୧୧ ମସିହାର ଜନଗଣନାର ରିପୋର୍ଟ ପ୍ରକାଶ ହୋଇପାରନ୍ତା। ସେ ଚାହିଁଲେ ନିୟମ ଆଣି ସଂରକ୍ଷଣର ୫୦% ସୀମାକୁ ନାକଚ କରିପାରନ୍ତେ। ଏ ଦିଗରେ ତାଙ୍କ ଆନ୍ତରିକତା ନାହିଁ। ସେ ନିଜକୁ ଓବିସି କହନ୍ତି ଏମାନଙ୍କ ଭୋଟ ଗୋଟାଇବା ପାଇଁ, ଅଥଚ ଏମାନଙ୍କୁ ସମାନ ଅଧିକାର ଦେବାକୁ ଚାହାଁନ୍ତି ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ଅନୁସୂଚୀତ ବର୍ଗର ଅଧିକାରକୁ ମଧ ସଂକୁଚିତ କରାଯାଉଛି। ରାଷ୍ଟ୍ରୀୟ ବିକାଶ ପାଇଁ ସମାଜରେ ସମାନତା ପ୍ରତିଷ୍ଠା ଅତ୍ୟନ୍ତ ଜରୁରୀ। ସମସ୍ତ ସାମ୍ବିଧାନିକ ବର୍ଗ ସମାନୁପାତିକ ଅଧିକାର ଓ ପ୍ରତିନିଧିତ୍ୱ ପାଇବାକୁ ହକଦାର। ଏକ ନ୍ୟାୟପୂର୍ଣ୍ଣ ସମାଜ ଗଠନ ଆମ ସମ୍ବିଧାନର ନିର୍ଦ୍ଦେଶ।

ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ ନ୍ୟାୟ ଯାତ୍ରା କେତେ ନିର୍ବାଚନୀ ସଫଳତା ଆଣିବ, ତାହା ସମୟ ବତାଇବ। ତେବେ ତାଙ୍କ ଏ ଯାତ୍ରା ଭାରତବର୍ଷର ସାମାଜିକ ନ୍ୟାୟ ଆନ୍ଦୋଳନକୁ ଖୋରାକ ଯୋଗାଇଛି। ସାମାଜିକ ସ୍ତରରେ ନୂଆ ଆଶାର ସଂଚାର କରିଛି। ନିର୍ବାଚନ ବେଳକୁ ହୁଏତ ଏ ସାମାଜିକ ଚଳନ ତାର ରଙ୍ଗ ଦେଖାଇ ପାରେ ଓ ନିର୍ବାଚନ ଗଣିତକୁ ଓଲଟପାଲଟ କରିଦେଇ ପାରେ। ଏହା ଜାଣିବା ପାଇଁ ନିର୍ବାଚନ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ।


+ ବାରିପଦା, ମୟୂରଭଞ୍ଜ,
ମୋ. ୭୦୦୮୯୭୬୧୮୦


# ଘର ପିଣ୍ଡାରୁ ବିଶ୍ୱ ଜଗତରେ ସଶକ୍ତ ହେବ ଓଡ଼ିଆ ଭାଷା



## ବାଦଲ ଭୂୟାଁ

**ଓଡ଼ିଆ ଭାଷାର ଉତ୍ଥାନ ଓ ଗରିମାମୟ ଇତିହାସକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ନେତୃତ୍ୱ ନେଇଥିବା ଶ୍ରୀମତୀ କାର୍ତ୍ତିକେୟନ ଆହୁରି ମଧ୍ୟ କହିଥିଲେ ଯେ 'ଓଡ଼ିଶା ଯାହାର ମାତୃଭୂମି ଓ କର୍ମଭୂମି ଏହି ସମ୍ମିଳନୀ ସେମାନଙ୍କ ପାଇଁ ଏକ ପର୍ବ। ମାତ୍ର ଓଡ଼ିଶାପ୍ରେମୀ, ତାହା ପାଇଁ ମଧ ଏହି ପର୍ବ।**

କହିବାକୁ ଗଲେ ଶୀତ ଓ ବସନ୍ତ ଋତୁ ଭିତରେ ଓଡ଼ିଶାରେ ଭାଷାଋତୁର ଆଗମନ ହୋଇଛି। ନିକଟରେ ରାଜ୍ୟରେ ତିନିଦିନିଆ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ ହୋଇଛି। ଏହି ଅବସରରେ ସମସ୍ତେ ଗୋଟିଏ ମଞ୍ଚରେ ଓଡ଼ିଆ ଭାଷା ପାଇଁ ଏକାଠି ହେବାର ସୁଯୋଗ ମଧ ମିଳିଛି। ଦେଶ ବିଦେଶରେ ଥିବା ଓଡ଼ିଆମାନେ ମଧ ଏଥିରେ ସାମିଲ ହେବେ। ଓଡ଼ିଆ ଭାଷା ହେଉଛି ଆମ ପରିଚୟ ଓ ଗୋଟିଏ ଜାତିର ମୁକୁଟ ଏହା ସମସ୍ତଙ୍କୁ ଏକତାର ମହାମନ୍ତ୍ର ଦେଇଥାଏ। ଏବେ ବୈଷୟିକ ଜ୍ଞାନ ସହ ନୂଆ ସଂସ୍କୃତିର ପ୍ରଭାବ ଭାଷା ଉପରେ ରହୁଥିବାରୁ ଭାଷାର ସବୁ ଦିଗ ଉପରେ ମଧ ଆଲୋଚନା ହେବାସହ ବର୍ତ୍ତମାନକୁ ଦେଖି ଭବିଷ୍ୟତ ପାଇଁ ରାସ୍ତା ବି ତିଆରି ହେବାର ମାର୍ଗ ପ୍ରସ୍ତୁତ ହେବ। ସୂଚନାଥାଉକି ଓଡ଼ିଆ ଭାଷାର ଉନ୍ନତି ପାଇଁ ଓଡ଼ିଆ ବିଶ୍ୱବିଦ୍ୟାଳୟ ଖୋଲା ଯାଇଛି।

ନିକଟରେ ଭୁବନେଶ୍ୱରର ଜନତା ମଇଦାନରେ ଆରମ୍ଭ ହୋଇଥିବା ଭାଷା ସମ୍ମିଳନୀ ପର୍ବରେ ସବୁ ସାରସ୍ୱତ ସାଧକ ସାମିଲ ହୋଇଥିଲେ। ତେବେ ଏଥିରେ ଉଲ୍ଲେଖନୀୟ ଥିଲା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ସୁଜାତା ରାଉତ କାର୍ତ୍ତିକେୟନଙ୍କ ଭାଷଣ। ଜଣେ ଓଡ଼ିଆ ଝିଅ ଭାବେ ନିଜ ମାତୃଭାଷାକୁ ନେଇ ସେ ବେଶ ଗର୍ବିତ। ସେ ଉଲ୍ଲେଖ କରିଥିଲେ ଯେ 'କେବଳ ଲେଖକ, କବି ବା ଭାଷାବିତ ମାନଙ୍କର ନୁହେଁ, ଏହି ପର୍ବ ଆମ ସମସ୍ତଙ୍କର। ବଲାଙ୍ଗିରର ଚାଷୀ ଭାଇଙ୍କ ଠାରୁ ଆରମ୍ଭ କରି ବର୍ମିହାମ୍‌ରେ ବସିଥିବା ଛାତ୍ରଛାତ୍ରୀ ମାନଙ୍କର ଏହି ପର୍ବ। ଏହା ସମ୍ବଲପୁରୀ, କୁଇ ଓ ସାନ୍ତାଳୀଙ୍କର ମଧ ପର୍ବ'। ଓଡ଼ିଆ ଭାଷାର ଉତ୍ଥାନ ଓ ଗରିମାମୟ ଇତିହାସକୁ ବିଶ୍ୱବାସୀଙ୍କ ନିକଟରେ ପହଞ୍ଚାଇବା ପାଇଁ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନର ନେତୃତ୍ୱ ନେଇଥିବା ଶ୍ରୀମତୀ କାର୍ତ୍ତିକେୟନ ଆହୁରି ମଧ କହିଥିଲେ ଯେ 'ଓଡ଼ିଶା ଯାହାର ମାତୃଭୂମି ଓ କର୍ମଭୂମି ଏହି ସମ୍ମିଳନୀ ସେମାନଙ୍କ ପାଇଁ ଏକ ପର୍ବ। ମାତ୍ର ଓଡ଼ିଶାପ୍ରେମୀ, ତାହା ପାଇଁ ମଧ ଏହି ପର୍ବ। ତେଣୁ ଏହି ପର୍ବ ପାଇଁ ସମସ୍ତେ ହାତ ମିଳାଇ ମା'ମାଟି ଏବଂ ଆମ ଭାଷାର ଗୌରବ ବୃଦ୍ଧି କରିବାକୁ ଉଦ୍ୟମ କରିବା। ଆମ ମାଟିର ଭାଷାକୁ ଆମେ ସମସ୍ତେ ଘର ପିଣ୍ଡାରୁ ଆରମ୍ଭ କରି ବିଶ୍ୱ ଜଗତରେ ସଶକ୍ତ, ସମୃଦ୍ଧ ଓ ବୁଦ୍ଧିମନ୍ତ କରିବା'। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ପ୍ରଥମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଆୟୋଜନ କରାଯାଇଛି। ଆଜି ଓଡ଼ିଶାରେ ରୂପାନ୍ତରର ପ୍ରକ୍ରିୟା ଜାରି ରହିଛି। ରୂପାନ୍ତର ପ୍ରକ୍ରିୟାରେ ଭାଷାର ବହୁତ ବଡ଼ ଭୂମିକା ରହିଛି। ସେଥିପାଇଁ ଆମ ଭାଷାର ଗୌରବ ବୃଦ୍ଧି ଓ ଜୟଗାନ ପାଇଁ ମୁଖ୍ୟମନ୍ତ୍ରୀ ଏହି ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ କରିଛନ୍ତି। ସମ୍ମିଳନୀର ପ୍ରସଙ୍ଗ ରହିଛି 'ଭାଷା ହିଁ ଭବିଷ୍ୟତ'। ଆଜି ଏହି ସମ୍ମିଳନୀରେ ଚାରଟି ଦେଶର ଭାଷା ବିଶେଷଜ୍ଞଙ୍କ ସମେତ ୧୦୦ରୁ ଅଧିକ ବିଦ୍ୱାନ ଏକତ୍ରିତ ହୋଇଛନ୍ତି। ବୈଷୟିକ ଜ୍ଞାନକୌଶଳର ପ୍ରୟୋଗରେ ଆମ ଭାଷାର ଅଭିବୃଦ୍ଧି ପାଇଁ ସେମାନେ ଆମକୁ ଦିଗଦର୍ଶନ ଦେବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଆଧୁନିକ ଯୁଗରେ କିପରି ଉଚ୍ଚଶିକ୍ଷା, ବୈଜ୍ଞାନିକ ଶିକ୍ଷାରେ ଭାଷାର ପ୍ରୟୋଗ ବୃଦ୍ଧି କରାଯାଇପାରିବ, ତାହା ଉପରେ ମାନସ ମନ୍ଥନ କରାଯିବ। ସେହିପରି ସମ୍ମିଳନୀ ପରିସରରେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତି ଏବଂ ଐତିହ୍ୟକୁ ପ୍ରାଚୀନ, ମଧ୍ୟଯୁଗୀୟ ଓ ଆଧୁନିକ ଏଭଳି ତିନଟି ବିଭାଗରେ ବିଭକ୍ତ କରି ଏକ ଅଭିନବ ପ୍ରଦର୍ଶନୀର ଆୟୋଜନ କରାଯାଇଛି। ସୂଚନାଥାଉକି ଶ୍ରୀମତୀ କାର୍ତ୍ତିକେୟନ ମିଶନ ଶକ୍ତି ସଚିବ ଭାବେ ରାଜ୍ୟର ୭୦ ଲକ୍ଷ ମହିଳାଙ୍କୁ ସଶକ୍ତ ଓ ସ୍ୱାବଲମ୍ବୀ କରାଇବାରେ ବଡ଼ ଭୂମିକା ନିର୍ବାହ କରିବା ପରେ ଅଳ୍ପ କିଛି ଦିନ ପୂର୍ବେ ତାଙ୍କୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଶାସନ ସଚିବ ଭାବେ ମୁଖ୍ୟମନ୍ତ୍ରୀ ଅତିରିକ୍ତ ଦାୟିତ୍ୱ ପ୍ରଦାନ କରିଛନ୍ତି। ଶ୍ରୀମତୀ ପାଣ୍ଡିଆନ ଏହି ବିଭାଗ ଦାୟିତ୍ୱ ନେବା ପରେ ଓଡ଼ିଆ ଭାଷାର ଯଶ ଉଡାଇବା ପାଇଁ ଏକ ବଡ଼ ବିଶ୍ୱସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସଫଳ ହୋଇଛନ୍ତି। ଏଭଳି ଆୟୋଜନ ଯୋଗୁଁ ଭାଷାପ୍ରେମୀଙ୍କ ଠାରୁ ଆରମ୍ଭ କରି ରାଜ୍ୟ, ରାଜ୍ୟ ବାହରେ ରହୁଥିବା ବହୁ ଓଡ଼ିଆ ଏହି କାର୍ଯ୍ୟକ୍ରମକୁ ପ୍ରଶଂସା କରୁଛନ୍ତି। ଏହାସହ ଭାଷା ସମ୍ମିଳନୀରେ ଯୋଡ଼ି ହୋଇ ଏହି ଗୌରବମୟ ମୁହୂର୍ତ୍ତ ଓ ଓଡ଼ିଆ ଭାଷାର ଐତିହ୍ୟ ସମ୍ପର୍କରେ ଜାଣିବାକୁ ସୁଯୋଗ ପାଉଛନ୍ତି।


ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ',
୪ଜି ପ୍ରତାପ ଆପାର୍ଟମେଣ୍ଟ, ୭
ଏକ୍ସଟେନସନ ରୋଡ଼, ପୁରୁଣା
ସୋନାରୀ, ଜାମସେଦପୁର,
ମୋ: ୭୪୮୮୯୯୮୫୩୨





### ଏଇ ତ ଜୀବନ

#### ଶୁଭେନ୍ଦୁ ମେହେର

ଜନମୁ ମରଣ ଏଇତ
ସବୁ ଲାଗିଛି ଖେଳ।
କଢ଼ ହୋଇ ଆଜି ବିକସି
କାଲି ସରିବ ବଳ ।

ଆଜି ଯେ ବାଳୁତ କାଲି ସେ
ବୃଦ୍ଧ ବିକଳ ମତି ।
ଯୁବା ଯଉବନ ବାବୁରେ
ନୁହଇ ଚିର ଅତି ।

ଆରମ୍ଭ ଯେଉଁଠି ସେଇଠି
ଶେଷ ହୋଇବ ଦିନେ ।
ଯମ ଯନ୍ତ୍ରଣାକୁ ବାବୁରେ
ତୁହି ଶୁଣିବୁ କାନେ ।

ମିଛେ ସିନା ବାବୁ କହୁରେ
ଧନ ସମ୍ପତ୍ତି ମୋର ।
ଦିନ ସରିଗଲେ ବାବୁରେ
ତୋତେ ମନୁ ପାଶୋର ।

ରଖିଛୁ ଯେତେ ତୁ ବାବୁରେ
ତାହା ତୋର ନୁହଇ ।
ଯେତେ ତୁ ଭଙ୍ଗାଇ ପାରୁଛୁ
ତାହା ତୋର ଅଟଇ ।

ଯାହା ସଞ୍ଚିଅଛୁ ଧନ ତୁ
ତାର ମାଲିକ ନୋହୁ ।
ଜଗୁଆଳି ପ୍ରାୟେ ଥିବୁ ତୁ
କେହି ଆସିବ ତହୁଁ ।

ଜନମୁ ମରଣ ବାବୁରେ
ତୁହି ଅର୍ଜିଛୁ ଧନ ।
ମରଣ କାଳରେ ତୋପାଇଁ
କିଛି ଅଫୁଟା ଧାନ ।


ଯାଲୋଏ, ସୁବର୍ଣ୍ଣପୁର


### ମୋ ପ୍ରିୟା

#### କେଶବ ମେହେର



ଭୁଲିବାକୁ ଯେତେ ଚେଷ୍ଟା କଲେ
ଭୁଲିତ ପାରୁନି ସେ ଦୁଃଖକୁ
ନିଦରେ ଥାଇ ସ୍ୱପ୍ନ ଦେଖୁଥିଲି
ଭାବୁଥିଲି ପୂରଣ କରିବାକୁ।

ଭୁଲିଥିଲେ କିଛି ପୁଣି ମନେ ପଡୁଛି
ପୋଡ଼ା-ଘାରେ ସତେ ଲୁଣ ବାଜୁଛି
ତା କଥାସବୁ ମନେ ପଡୁଛି
ସେ ଦିନ ପୁଣି ଆଖି ଆଗରେ ଝୁଲୁଛି

ସବୁତ କହୁଥିଲା ହୃଦୟ ବେଦନା
ସେଦିନ ତ ପାରୁଥିଲି ମୁଁ ବୁଝି
ଏବେ ତାକୁ କଣ ପାଇଁ ଲାଗୁଛି
ପାରୁନି ମୁଁ ତାକଥା କିଛି ବିଚାରି।

ଉଚ୍ଚ ସ୍ୱରକୁ ମୁଁ ଯେ ନିୟନ୍ତ୍ରଣ କରିଥିଲି
କହିଲା କାହିଁକି ମୋ ଉପରେ ରାଗୁନ

ଦେଖ ମୋ ପ୍ରିୟାକୁ କେତେ ନୀରିହ
ରଗିଲାରୁ ତାକୁ ମାଡୁଛି କାନ୍ଦ।

ତା କାନ୍ଦିବା ଦେଖି ମୋ ଆଖି ଯୁଗଳରୁ
ଲୁହ ଝରିଯାଏ ଝର ଝର
ଏବେ ମୁଁ କାନ୍ଦିଲେ ଭାବୁଛି ସ୍ୱାର୍ଥପର ମୁଁ
ଦେଖିପାରୁନି ତା ହୃଦୟର କୋହ।

ହୃଦୟ କଥାକୁ କହିବାରେ ସେ
ଭାବି ନଥିଲା କ୍ଷଣ ମାତ୍ର
ଏବେ ଭାବୁଛି କାହାକୁ କହିବି
ମୋତେ ଲାଗେ ମରି ଗଲିଣିକି
ମୁଁ ସତକୁ ସତ।

କେତେ ହସ ଖେଳ କୁଦ
କେତେ କଳି ଝଗଡ଼ା ତା ସହ
ମନେ ପଡେ ଆଜି ଗୋଟେ ଗୋଟେ
କି
ତା କଥା ଗତ ଦିନର ।

କହୁଥିଲେ କେହି ଦି-ଦିନ ସମ୍ପର୍କ
ତା ଉପରେ ଏତେ ରାଗ ତାର
ଏବେ ପୁଣି ସେମାନଙ୍କ କଥା ନିଜେ
ସତ କଲା
ଭାବି ମୋତେ ସ୍ୱାର୍ଥପାର।

ହୃଦୟ ବେଦନା କେତେ କହିବି
ଭୁଲତ ସବୁ ଥିଲା ମୋହରି
ଜିଭ କାମୁଡି ରହିବାକୁ ପଡେ
ଚୋରକୁ କାମୁଡ଼ିଲେ ପିମ୍ପୁଡ଼ି।


ହାତୀବନ୍ଧା, ନୂଆପଡ଼ା
ମୋ: ୭୬୮୧୮୦୭୧୬୪


### ଠସାରେ ଠସାରେ ଠେସଣା...

#### ଅଶ୍ୱିନୀ ଦାଶ




କାହିଁ ସମ୍ରାଟ କାହିଁ କବି ସୂର୍ଯ୍ୟ
କାହିଁ ଏ ଯୁଗର କବି,
ଖୋଳ କରତାଳ ଝୁମର ବାଦ୍ୟ
ସଙ୍ଗୀତ ସୁଧାର ଛବି ।
କାହିଁ ସେ ଗୋହିରୀ ଗ୍ରାମ ଶୁକରୀର
ମନ୍ଦାକିନୀ ମାଟି-ଦେହ,
ଠସାରେ ଠସାରେ ଠେସଣା ମାରିକି
କବିତା ଲେଖାର ମୋହ ।

ରୀତି ଯୁଗ-ବତି ଆଜି ବି ଜଳିଲେ
ବିଭୂତି ପଡ଼ଇ ଖସି,
ବାଦୀପାଲା-ରାସ-ଚାମର-ଦୋଳନ
ଛାନ୍ଦ ଚଉପଦୀ ରାଶି....


ଆଜନ୍ମ କବି ସେ ଯୁଗଳ ବନ୍ଦୀ
ହୃଦୟ-ପଦ୍ମ ପୁରେ,
କି କବିତା କହ ରଚନା କରିବି
ଆଜିର ପୁଣ୍ୟ ଜନ୍ମ ତିଥିରେ
କି ଦେଇ ତୋଷିବି ତା'ରେ ?

କୋଣାର୍କ ମେଳାର ମହାମଞ୍ଚରୁ
କେବଳ ପ୍ରଣତି ବାଢ଼ି,
ନିଜକୁ ମଣୁଛି ଧନ୍ୟ ଧନ୍ୟ
ଧନ୍ୟ ମୁଁ ପଥଚାରୀ ।


ସୃଜନ/ସ୍ମୃତି ଓ ସ୍ୱପ୍ନର
ସିଦ୍ଧେଶ୍ୱର କଲୋନୀ
ରେମୁଣା ଗୋଲେଇ
ବାଲେଶ୍ୱର-୧୯
ମୋ: ୯୮୬୧୭୬୭୮୦୪







ଧାରାବାହିକ ଉପନ୍ୟାସ

# ଦୁରନ୍ତ ଶିଖା

ଭାଗ-୫



## ସିନ୍ଧୁ ସେନ୍

(ପୂର୍ବ ପ୍ରକାଶିତ ଉତ୍ତାରୁ)

ଭବିଷ୍ୟତ ଗଣନା କରି ବାପା କହିଥିଲେ ମୁଁ କୁଆଡ଼େ ଖୁବ୍ ପରାକ୍ରମୀ ହେବି । ଖାଲି ସେତିକି ନୁହେଁ ଭବିଷ୍ୟତରେ ହେବି ସମଗ୍ର ରାକ୍ଷସ କୁଳର ଅଧିପତି । ବହୁ ରାଜ୍ୟ ଜୟ କରି ଏକଛତ୍ରବାଦୀ ଶାସନ ଚଳାଇବି । ମୋ ନିକଟରେ ସମସ୍ତେ ନତମସ୍ତକ ହୋଇ ରହିବେ, ମୋ ସମ୍ପର୍କରେ ଭବିଷ୍ୟତବାଣୀ ଶୁଣି ମାତାମହ ଆନନ୍ଦରେ ଉତ୍‌ଫୁଲ୍ଲିତ ହୋଇ ଉଠିଥିଲେ । ମୋ ପ୍ରତି ତାଙ୍କର ଅଜସ୍ର ସ୍ନେହ ମମତା ଅଜାଡ଼ି ହୋଇପଡ଼ି ମୋର ରାବଣ ନାମ ଜନିତ ମାତାଙ୍କ ମନରେ କ୍ଷୋଭ ଥିଲା ସତ, ହେଲେ ମୋ ଶରୀରର ଆଉ ଏକ ବିଶେଷ ଗୁଣ ପାଇଁ ସେ ବେଶ୍ ଆଶାବାଦୀ ଥିଲେ । ତାହା ଥିଲା ମୋ ହସ୍ତପାପୁଲିରୁ ପଦ୍ମଗନ୍ଧର ବାସ୍ନା । ଯାହା ମୋ ପାଇଁ ଏକ ଶୁଭଲକ୍ଷଣ । ଯଦିଓ ମୋର ପିତୃଦତ୍ତା ନାମ ଥିଲା ରାବଣ । ପରବର୍ତ୍ତୀ ସମୟରେ ଅନେକଙ୍କ ପାଖରେ ମୁଁ ଥିଲି ଦଶଶିର, ଦଶଗ୍ରୀବ, ବିଂଶବାହୁ, ବିଂଶଚକ୍ଷୁ, ଲଙ୍କେଶ ଭାବେ ପରିଚିତ । ଏତିକି ମଧ୍ୟ ଜାଣିଥିଲି, ମୋର ମୁଁ ଯେତେ ନାମରେ ନାମିତ ହୁଏନା କାହିଁକି ରାବଣ ନାମରେ ହିଁ ମୋର ସର୍ବଶ୍ରେଷ୍ଠ ପରିଚୟ । ବଞ୍ଚିଥିବା ଯାକେ ସେହି ରାବଣ ନାମରେ ସାରା ବିଶ୍ୱରେ ପରିଚିତ ହୋଇ ରହିବି । ମୋ ପ୍ରତି କାହାରି ମନରେ ଯେତେ ଘୃଣା କି ଭୟ ଥାଉନା କାହିଁକି ରାବଣ ନାମକୁ ନେଇ ମୋର ମଧ୍ୟ ଦିନେ ଆତ୍ମଗର୍ବ ଥିଲା । ଥିଲା ମଧ୍ୟ ସ୍ୱାଭିମାନ ।

ମୋର ତଳ ଦୁଇଭାଇଙ୍କର ନାମ ଥିଲା କୁମ୍ଭକର୍ଣ୍ଣ ଓ ବିଭୀଷଣ । ସେମାନଙ୍କୁ ବାପା କାହିଁକି ଏମିତି ନାମକରଣ କରିଥିଲେ ମୁଁ ଜାଣେନା । ତେବେ କୁମ୍ଭକର୍ଣ୍ଣ ପ୍ରାୟ ନିଦ୍ରିତ ଅବସ୍ଥାରେ ରହୁଥିଲା । ଏମିତିକି ନିଦ୍ରିତ ମୁଦ୍ରାରେ ରହିଥିବାବେଳେ ସେ ଖାଦ୍ୟଗ୍ରହଣ କରିବାକୁ ମଧ୍ୟ ଭୁଲିଯାଉଥିଲା । ତା ଜୀବନରେ ସେ ସବୁ ଘଟିଥିଲା, ଯାହା ତାର ତପସ୍ୟାର ଫଳ । ଆଉ ବିଭୀଷଣ ପିତାଙ୍କ ଆଶୀର୍ବାଦରୁ ଧର୍ମାତ୍ମା, ସତ୍ୟ ପୂଜାରୀ । ମିଥ୍ୟା ପ୍ରତି ତାର ପ୍ରବଳ ଘୃଣା । ଏବେବି ମୋର ମନେପଡ଼େ, ମୁଁ ଲଙ୍କାର ରାଜା ହେବା ପରେ ସେ ମୋତେ ରାଜ୍ୟର ସୁଶାସନ ପାଇଁ ଅନେକ ପରାମର୍ଶ ଦେଉଥିଲା । ହେଲେ ମୁଁ ରାବଣ, କାହାରି ସତ୍ ପରାମର୍ଶ କେବ ଗ୍ରହଣ କରିନି । ମୁଁ ଥିଲି ନିଜେ ନିଜର ଅଧୀଶ୍ୱର ।

ସାନଭଉଣୀ ସୂର୍ପଣଖା । ସମସ୍ତଙ୍କର ଅଲିଅଳୀ ହେଲେ ସେ ଥିଲା ମୋର ଆଜ୍ଞାଧୀନ ଭଉଣୀ । ମୁଁ ଯେତେବେଳେ ତାକୁ ଯାହା କହିଛି, ସେ ମୁଣ୍ଡପାତି ମାନି ନେଇଛି । ମୁଁ ତେଣୁ ତାକୁ ଅନ୍ୟମାନଙ୍କ ଠାରୁ ଟିକେ ଅଧିକ ସ୍ନେହ କରୁଥିଲି । ବଡ଼ ଭାଇ ହିସାବରେ ସବୁ ଅଳି ପୂରଣ କରୁଥିଲି । ଆମେ ତିନିଭାଇ ଗୋଟିଏ ଭଉଣୀ ଏକଇ ମାଆର ସନ୍ତାନ । ଆଭ ଭିତରେ ତେଣୁ ସ୍ନେହର ବନ୍ଧନ ଥିଲା ଅତୁଟ । ମୋତେ ସମସ୍ତେ ବଡ଼ଭାଇ ଭାବେ ଯେତିକି ଭକ୍ତି କରୁଥିଲେ, ସେତିକି ସମ୍ମାନ ଦେଉଥିଲେ । ମୋ ମନରେ ତେଣୁ ଅଶେଷ ଆନନ୍ଦ । ମୋର ରାବଣ ନାମକୁ ନେଇ ମାତାଙ୍କ ମନରେ ଯେତେ ଦୁଃଖ ଥିଲେ ମଧ୍ୟ ମୁଁ କିନ୍ତୁ ସେଇ ଗୋଟିଏ ନାମକୁ ନେଇ ବେଶ୍ ସନ୍ତୁଷ୍ଟ ଥିଲି ।

ଏବେ ମୋର ଜୀବନର ଶେଷ ମୁହୂର୍ତ୍ତରେ ଏତିକି କହିବାକୁ ଦ୍ୱିଧା ପ୍ରକାଶ କରିବି ନାହିଁ ଯେ, ସାରାଜୀବନ ମୁଁ ରାବଣ ନାମକୁ ନେଇ ଗର୍ବ ଅନୁଭବ କରିଛି । ଏତିକି ବି ଜାଣିଛି, ଅମରତ୍ୱ ବର ପ୍ରାର୍ଥନା କରୁଥିବା ରାବଣ କାଳର ବକ୍ଷରେ ରହିଯିବ କାଳଜୟୀ ହୋଇ । ଆଜି ସିନା ମୋର ଚରିତ୍ର, ଗୁଣାବଳୀ ଗୁଡ଼ିକ ତର୍ଜମା କରି ଭାବୁଛି, ଆଗାମୀ ଯଗୁର ମଣିଷ ମାନଙ୍କ ଠାରେ ନିଜକୁ ଦୁରନ୍ତ ଶିଖା ଭାବେ ଅଭିହିତ କରିବି । କିନ୍ତୁ ବାସ୍ତବରେ ରାବଣ ହିଁ ସବୁବେଳେ ରାବଣ ହୋଇ ରହିଥିବ । ଯାହାକୁ ମାରିବା ପାଇଁ ସ୍ୱୟଂ ବିଷ୍ଣୁଙ୍କୁ ମଧ୍ୟ ଅବତାରୀ ଭାବେ ଧରାପୃଷ୍ଠରେ ଜନ୍ମନେବାକୁ ପଡ଼ିବ । ତେଣୁ ଆଗାମୀ ବଂଶଧର ମୋତେ 'ଦୁର୍ଦ୍ଦାନ୍ତ ବହ୍ନିଶିଖା' କହୁ କି 'ଦାବାନଳ' ଅବା 'ଦୁରନ୍ତଶିଖା' କହୁ କିନ୍ତୁ ରାବଣ କେବଳ ରାବଣ ।

॥ ତିନି ॥

ମାଆ ମୋର ରାକ୍ଷସୀ । ହେଲେ ଆମ ଜନ୍ମ ପରେ ପରେ ସେ ରହୁଥିଲେ ପିତାଙ୍କ ଆଶ୍ରମରେ । ତେଣୁ ଆମ ଭାଇ ଭଉଣୀଙ୍କର ବାଲ୍ୟ, କୈଶୋର ଅତିବାହିତ ହୋଇଥିଲା ଆଶ୍ରମରେ । ମାତାଙ୍କ ରକ୍ତରେ ଥିଲା ରାକ୍ଷସୀ ରକ୍ତ । ତେଣୁ ତାଙ୍କର ରାକ୍ଷସୀ ସୁଲଭ ଗୁଣ ସଂପୂର୍ଣ୍ଣ ଭାବେ ତ ବଦଳି ଯିବନି । ତଥାପି ଆଶ୍ରମ ଜୀବନର ଛାପ, ଆର୍ଯ୍ୟଧର୍ମର ପ୍ରଭାବ ତାଙ୍କ ଉପରେ ପଡ଼ିଥିଲା । ଆଉ ଆମମାନଙ୍କ ଉପରେ ମଧ୍ୟ, ଆଶ୍ରମରେ ଅନ୍ୟାନ୍ୟ ଋଷିକୁମାର ମାନେ ମଧ୍ୟ ଥିଲେ ଆମ ଚାରିଭାଇ, ଭଉଣୀ ଅନ୍ୟାନ୍ୟ ଋଷିକୁମାର ମାନଙ୍କ ସହ ଏକାଠି ରହୁଥିଲୁ । ବ୍ରହ୍ମଚର୍ଯ୍ୟ ପାନଳ କର ପିତାଙ୍କ ଆଜ୍ଞାଧୀନ ହୋଇ ରହିଥିଲୁ ।

ପିତା ହି ଥିଲେ ମୋର ଆଦ୍ୟ ଗୁରୁଦେବ । ତାଙ୍କର ଥିଲା ଅସାଧାରଣ ବ୍ୟକ୍ତିତ୍ୱ । ପ୍ରଚଣ୍ଡ ଧୀଶକ୍ତି ସମ୍ପନ୍ନ ଋଷିବର । ସେ ଯେଭଳି ବେଦବିତ୍, ଜ୍ଞାନୀ ଠିକ୍ ସେହିପରି ଜଣେ ପ୍ରଜ୍ଞାଦୀପ୍ତ ବ୍ୟକ୍ତିତ୍ୱ । ବାପାଙ୍କ ପାଇଁ ମୋ ମନରେ ଥିଲା ଅନେକ ଗର୍ବ । ମହର୍ଷି ବିଶ୍ରବାଙ୍କ ପୁତ୍ର ହିସାବରେ ନିଜକୁ ଭାଗ୍ୟବାନ ମନେ କରୁଥିଲି ।

ଆଶ୍ରମ ଜୀବନ ଥିଲା ବେଶ୍ ଆମୋଦଦାୟକ । ଏକ ଆଧ୍ୟାତ୍ମିକ, ଶାନ୍ତିପୂର୍ଣ୍ଣ ବାତାବରଣ ମଧ୍ୟରେ ଆମେ ଗଢ଼ି ଉଠୁଥିଲୁ । ବାପାଙ୍କର ଦିବ୍ୟଜ୍ଞାନର ପ୍ରଭାବ ଆମ ଉପରେ ପଡୁଥିଲା । ସମଗ୍ର ଆଶ୍ରମର ବାତାବରଣ ଥିଲା ଆଧ୍ୟାତ୍ମିକତାରେ ପରିପୂର୍ଣ୍ଣ । ବ୍ରାହ୍ମମୁହୂର୍ତ୍ତରେ ଶଯ୍ୟାତ୍ୟାଗ କରି ଆମେ ପ୍ରତ୍ୟେକ ବେଦଅଭ୍ୟାସ କରୁଥିଲୁ । ସମଗ୍ର ଆଶ୍ରମର ବାତାବରଣ ମଧ୍ୟରେ ଝଙ୍କାର ତୋଳୁଥିଲା ବେଦମନ୍ତ୍ରର ଧ୍ୱନି । ତ୍ରିକାଳ ସନ୍ଧ୍ୟାରେ ମୁନିଋଷି ଓ ଶିଷ୍ୟମାନେ ଏକତ୍ର ମନ୍ତ୍ର ଉଚ୍ଚାରଣ କରୁଥିଲେ । ଆଶ୍ରମର ଆଉ ଏକ ଆକର୍ଷଣ ଥିଲା ଯଜ୍ଞ, ଯଜ୍ଞାନଳରୁ ଉଠୁଥିବା ଧୂମ୍ରକୁଣ୍ଡଳୀ ଆଶ୍ରମର ପରିବେଶକୁ କରୁଥିଲା ଆହୁରି ପବିତ୍ର । ଏମିତି ଏକ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ମୋର ଆଶ୍ରମ ଜୀବନ ଅତିବାହିତ ହେଉଥିଲା ।

ସେହି ଆଶ୍ରମରେ ହିଁ ଆମ ଭାଇମାନଙ୍କର ଉପନୟନ କର୍ମ ଅନୁଷ୍ଠିତ ହୋଇଗଲା । ଆମେ ସବୁ ଭାଇମାନେ ବାପାଙ୍କୁ ଅନୁସରଣ କରି ଶିକ୍ଷାଗ୍ରହଣ କରୁଥିଲୁ । ଭଉଣୀ ସୂର୍ପଣଖା କିନ୍ତୁ ଶିକ୍ଷା ପାଉଥିଲା ମାଆଙ୍କ ଠାରୁ । କାରଣ ମାଆଙ୍କ ଲକ୍ଷ୍ୟ ଥିଲା ତାକୁ ଜଣେ ସୁଗୃହିଣୀ ଭାବେ ଗଢ଼ିତୋଳିବା । ଚାରିବେଦକୁ ଆୟତ୍ତ କରିବା ମୋ ପାଇଁ ବିଶେଷ କଷ୍ଟସାଧ୍ୟ ନଥିଲା । ଏମିତିକି ଖୁବ୍ ଅଳ୍ପଦିନ ମଧ୍ୟରେ ବେଦବିଦ୍ୟାରେ ସିଦ୍ଧିଲାଭ କରିଥିଲି । ଏପଟେ ଧନୁର୍ବିଦ୍ୟାରେ ମଧ୍ୟ ହୋଇଉଠିଲି ଧୁରନ୍ଧର, ମୋର ଏଭଳି ସିଦ୍ଧି ହାସଲରେ ବାପା ଆଚମ୍ବିତ ହୋଇ ପଡୁଥିଲେ। ମାଆ ମଧ୍ୟ ବେଶ୍ ଉତ୍‌ଫୁଲ୍ଲିତ ଥିଲେ ।

ମୁଁ ଆମ ଭାଇଭଉଣୀ ମାନଙ୍କ ମଧ୍ୟରେ ଜ୍ୟେଷ୍ଠ ତେଣୁ ମାଆଙ୍କ ସ୍ନେହଟା ମୋ ଉପରେ ଟିକେ ବେଶି । ଆଉ ବାପା, ମୋ ବିଦ୍ୟାଶିକ୍ଷାରେ ଏମିତି ଖୁସି ଥିଲେ ଯେ ମାଆଙ୍କ ଆଗରେ ମୋତେ ପ୍ରଶଂସା କରୁଥିଲେ । ଶିକ୍ଷାଦୀକ୍ଷାରେ ମୁଁ ଆଗରେ ରହୁଥିବାରୁ ମୋ ସମଧର୍ମୀ ଶିଷ୍ୟମାନଙ୍କ ଆଖିରେ ମୁଁ ଥଲି ଚକ୍ଷୁଶୀଳ । ମୋ ପ୍ରତି ସେମାନଙ୍କ ମନରେ ଈର୍ଷା ଜାତ ହେଉଥିଲା । ମାଆ ଥିଲେ ଭୀଷଣ ଭଗବତ୍ ବିଶ୍ୱାସୀ । ବାପାଙ୍କ ପ୍ରତିଟି ସୁଗୁଣ ତାଙ୍କ ଉପରେ ପ୍ରଭାବ ପକାଇଥିଲା । ଆମକୁ ମଧ୍ୟ ସେ ଈଶ୍ୱର ଉପରେ ବିଶ୍ୱାସ ରଖିବାକୁ ଉପଦେଶ ଦେଉଥିଲେ । ମୋ ସାନଭାଇ ବିଭୀଷଣ ଥିଲେ ଈଶ୍ୱରବିଶ୍ୱାସୀ । ଭଗବାନ ବିଷ୍ଣୁଙ୍କୁ ସେ ନିଜର ଆରାଧ ଦେବତା ଭାବେ ମାନି ନେଇଥିଲେ । ତାଙ୍କର ନିଷ୍ଠା, ସାଧନା, ପ୍ରଗାଢ଼ ଭକ୍ତି ତାଙ୍କୁ ଭିନ୍ନମଣିଷ ରୂପେ ଗଢ଼ି ତୋଳୁଥିଲା । ମୋର କିନ୍ତୁ ଥିଲା ଭିନ୍ନ ବ୍ୟକ୍ତିତ୍ୱ । ଭଗବାନଙ୍କ ଅସ୍ତିତ୍ୱ ଉପରେ ମୋର ଏତେଟା ବିଶ୍ୱାସ କି ଭରସା ନଥିଲା । ନଥିଲି ମଧ୍ୟ ମୁଁ ଭାଗ୍ୟବାଦୀ, ଆଧ୍ୟାତ୍ମିକତା ଉପରେ ମୋର ଆଦୌ ଆସ୍ଥା ନଥିଲା । ମୋ ମତରେ ମଣିଷ ନିଜେ ନିଜର ଭାଗ୍ୟ ଗଢ଼େ । ନିଜର ଭାଗ୍ୟ ନିଜେ ହିଁ ନିୟନ୍ତ୍ରଣ କରେ । ତେଣୁ ମୋତେ ଭାଗ୍ୟବାଦୀ ନ କହି ଦେହବାଦୀ ବୋଲି କହିଲେ କିଛି ଭୁଲ୍ ହେବନି । ବେଦ ବିଦ୍ୟା ମୋର କଣ୍ଠସ୍ଥ । ବାହାରକୁ ମୁଁ ଜଣେ ବେଦଜ୍ଞ ବ୍ରାହ୍ମଣ ସନ୍ତାନ । ମାତ୍ର ବାସ୍ତବରେ ମୁଁ ଜ୍ଞାନଶୂନ୍ୟ ଥିଲି । କାରଣ ବେଦର ଅନ୍ତର୍ନିହିତ ତତ୍ତ୍ୱକୁ ମୁଁ ଗ୍ରହଣ କରିପାରୁ ନଥିଲି । ପ୍ରାର୍ଥନା ସମୟରେ ଅନ୍ୟମାନଙ୍କ ସହ ମୁଁ ବି ଗାଉଥିଲି ଗାୟତ୍ରୀ ମନ୍ତ୍ର । ହେଲେ ଗାୟତ୍ରୀ ମନ୍ତ୍ରର ତାତ୍ତ୍ୱିକ ଅର୍ଥକୁ ବୁଝିବା ଅବସ୍ଥାରେ ନଥିଲି । ତାର ଏକମାତ୍ର କାରଣ ମୋ ଭିତରେ ରାକ୍ଷସ ପ୍ରବୃତ୍ତି ମୋତେ ଏହାର ବିରୋଧାଭାଷ ହେବାପାଇଁ ପ୍ରେରଣା ଦେଉଥିଲା । ମୋ ମନରେ ଦ୍ୱନ୍ଦ୍ୱ ଜାଗୁଥିଲା । ମୋ ଭିତରେ ଉଙ୍କି ମାରୁଥିଲା ଅନେକ ପ୍ରଶ୍ନବାଚୀ । ଭାବିପାରୁ ନଥିଲି, ଏହିସବୁ ମନ୍ତ୍ରଗୁଡ଼ିକର ସ୍ରଷ୍ଟା କ'ଣ କେବେ ଈଶ୍ୱରଙ୍କର ସନ୍ଧାନ ପାଇଛନ୍ତି ? ନା ନିଜ ମନଗଢ଼ା ଏସବୁ କହି ଆମକୁ ପ୍ରଲୋଭିତ କରୁଛନ୍ତି ।

(କ୍ରମଶଃ)

+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

## ଜ୍ୟୋତ୍ସ୍ନାମୟୀ ପଣ୍ଡା



॥ ଭାଗ-୩୨ ॥

ଏହାପରେ ମହର୍ଷି ବେଦ ବ୍ୟାସ କୌମୋଦକୀ ଗଦା ବିଷୟରେ ଚିନ୍ତା କଲେ।...

ଏହି ଗଦା ଆକାଶର ଜଳ ଦେବତା ବରୁଣ ଶ୍ରୀ ବିଷ୍ଣୁଙ୍କୁ ପ୍ରଦାନ କରି ଥିଲେ। ଶ୍ରୀକୃଷ୍ଣ ଏବଂ ଶ୍ରୀ ବିଷ୍ଣୁଙ୍କର ବିଗ୍ରହ ନୀଳ ବର୍ଣ୍ଣ। ତାଙ୍କ ସ୍ୱରୂପ ପରମ ବ୍ରହ୍ମ ଜଗନ୍ନାଥ ମଧ୍ୟ ନୀଳ ଶୈଳ ରେ ବାସ କରନ୍ତି। ତାଙ୍କ ମନ୍ଦିରର ଶୀର୍ଷରେ ଥିବା ଚକ୍ରର ନାମ ନୀଳ ଚକ୍ର। ଏହି ଆକାଶ ନୀଳ, ସମୁଦ୍ର ନୀଳ, ପୃଥିବୀ ନୀଳ, ବରୁଣ ଗ୍ରହ ମଧ୍ୟ ନୀଳ ରଙ୍ଗ। କାହିଁକି ନାଁ ଏଠାରେ ଜଳ ଅଛି। ଜଳ ହିଁ ଜୀବନ । ଏହା ଆମ ଶରୀରରେ ରକ୍ତ, କ୍ଷୀର, ଦହି, ଝାଳ ଓ ଅଶ୍ରୁ ଆକାରରେ ରହିଥାଏ। ଆମର ମସ୍ତକ ଶୀର୍ଷରେ ଥିବା ମକୁଟ ବା ସହସ୍ରାର ଚକ୍ର ଏବଂ ଏହାର ତଳେ ଗ୍ରୀବା ମଧ୍ୟରେ ଥିବା ବିଶୁଦ୍ଧ ଚକ୍ର ମଧ୍ୟ ସ୍ୱଚ୍ଛ , ବାଇଗଣି ବା ଅଧିକ ନୀଳ ରଙ୍ଗ ହୋଇଥାଏ । ଏହି ସହସ୍ରାର ଦଳ ଚକ୍ର ଲକ୍ଷ କିରଣର କେନ୍ଦ୍ରସ୍ଥଳ ଅଟେ। ଏହି ଜ୍ୟୋତି ସୂର୍ଯ୍ୟ ମଣ୍ଡଳ ପର୍ଯ୍ୟନ୍ତ ଗତି କରିପାରେ ଏବଂ ଆଧ୍ୟାତ୍ମିକ ଜଗତ ସହିତ ସମ୍ପର୍କ ଯୋଡିଥାଏ। ଏହାର ତଳେ ବିଶୁଦ୍ଧ ଚକ୍ର ଆମର କାନ୍ଧ, ଗ୍ରୀବା, ଜିଭ, ମାଢ଼ି, ( ଗ୍ଲାଣ୍ଡ) ଆଦିକୁ ଶକ୍ତି ଦିଏ। ଏହା ଆମର ଭାବନାକୁ ଓ ସୃଜନ ଶୀଳତା କୁପ୍ରକାଶ କରେ ତଥା ମସ୍ତିସ୍କ ଓ ମାନସିକ ସ୍ତରକୁ ଦୃଢ଼ ଓ ଠିକ୍ ରଖି ଏହି ଅଞ୍ଚଳକୁ ସୁରକ୍ଷିତ ରଖେ। ଆମର ଦୁଇ ଭୂଲତା ମଧ୍ୟରେ ତୃତୀୟ ନୟନ ଥାଏ। ଏହା ଅନ୍ୟର ଓ ନିଜର ଇଚ୍ଛା, ନିଜର ଆତ୍ମ ଶକ୍ତିକୁ ଚିହ୍ନାଇ ଥାଏ। ଆମର ସାମ୍ନା ବକ୍ଷରେ ଥାଏ ସବୁଜ ରଙ୍ଗର ହୃଦୟ ଚକ୍ର।

ଏହା ବ୍ୟତୀତ ଆମର ନାଭି ତଳେ ଥାଏ ମୂଳାଧାର ଚକ୍ର। ଏହି ମୂଳାଧାର ଚକ୍ର ସହିତ ଦକ୍ଷିଣରେ ସୂର୍ଯ୍ୟ ନାଡୀ ବା ପିଙ୍ଗଳ। ନାଡୀ, ବାମରେ ଚନ୍ଦ୍ର ନାଡୀ ବା ଇଡ଼ା ନାଡୀ ଏବଂ ମଧ୍ୟରେ ସୁଷୁମ୍ନା ନାଡୀ (ମେରୁ) ଯୁକ୍ତ ହୋଇଥାଏ। ଏହି ମୂଳାଧାର ଚକ୍ର ଆମର ମୂତ୍ରାଶୟ, ଯକୃତ ଓ ପାକସ୍ଥଳୀକୁ ସୁସ୍ଥ ରଖେ। ଏଠାରେ ଥିବା କୁଣ୍ଡଳିନୀ ଚକ୍ରରେ ଦେବ ଶକ୍ତି ଓ ଆତ୍ମା ଶକ୍ତି ଥାଏ। ଏହା ଚନ୍ଦ୍ର ଓ ସୂର୍ଯ୍ୟ ଦୁଇ ବିପରୀତ ଶକ୍ତିର ସମ୍ପର୍କ ଯୋଡ଼ିଥାଏ । କାମ ଶକ୍ତି, ସୃଜନୀ ଶକ୍ତିକୁ ଜାଗ୍ରତ କରେ ଓ ବାସ୍ତବ ଭାବନା ପ୍ରକାଶ କରେ। ଏହି ଇଡା।, ପିଙ୍ଗଳ। ଏବଂ ସୁଷମ୍ନା ବା ମେରୁ ନାଡୀ ମାଧ୍ୟମରେ ମୂଳାଧାରଠାରୁ ଉପରେ ଥିବା ସମସ୍ତ ଚକ୍ରକୁ ଏବଂ ମସ୍ତିସ୍କକୁ ଶକ୍ତି ଯୋଗାଣ ହୋଇଥାଏ।

ଆମର ମସ୍ତିସ୍କ ତିନି ଭାଗରେ ବିଭକ୍ତ। ଦକ୍ଷିଣ ମସ୍ତିଷ୍କ, ବାମ ମସ୍ତିସ୍କ ଓ ସାମ୍ନା ମସ୍ତିସ୍କ। ବାମ ମସ୍ତିସ୍କ ଗଣିତ ଧାରା, ଯୋଜନା, ପରିଚାଳନା, ତର୍କ ଭାବନା ତୁଳନା, ଭାଷଣ, ବାର୍ତ୍ତା, ଉଦ୍ଭଟ ଚିନ୍ତା ତଥା ଦକ୍ଷିଣ ମସ୍ତିସ୍କ ଓ ଅଙ୍ଗକୁ ନିୟନ୍ତ୍ରିତ କରିଥାଏ। ଦକ୍ଷିଣ ମସ୍ତିସ୍କ ବାର୍ତ୍ତା, ବଳ, ପ୍ରବନ୍ଧ, ସଙ୍ଗୀତ, କଳାତ୍ମକ ସୃଜନ ଶୀଳତା ପ୍ରକାଶ, ବାସ୍ତବ ଭାବନା ଆଦି ତଥା ବାମ ଭାଗକୁ ନିୟନ୍ତ୍ରଣ କରିଥାଏ। କିନ୍ତୁ ସାମ୍ନା ମସ୍ତିସ୍କ ଉଭୟ ପାଖକୁ ନିୟନ୍ତ୍ରଣ କରି ଆଶା ଓ ଚେତନାର ମିଳନ କାର୍ଯ୍ୟ କରିଥାଏ।

ଗଦା ଏକ ଭାର ଦଣ୍ଡ ସଦୃଶ। ଏହାର ତଳ ଦଣ୍ଡଟି ବ୍ୟତୀତ ଭାଣ୍ଡ ଟିଏତେ ଓଜନ ଦାର ଯେ, କେବଳ ଭାଣ୍ଡଟିକୁ ଧରି କଦାପି ଶୃଙ୍ଖଳିତ ଭାବେ ଲଢ଼େଇ କରାଯାଇ ପାରିବ ନାହିଁ। ହୁଏତ ବିଷ୍ଣୁଙ୍କର ଏହି ଗଦାର ଆକାର ଏକ ବେଣ୍ଟ ଥିବା କଇଁ ବା ପଦ୍ମ ସଦୃଶ ଆକାର ଏବଂ ଶୁଭ୍ର, ଉଜ୍ଜ୍ୱଳ ଧାତୁରେ ନିର୍ମିତ ହୋଇ ଥିବାରୁଏହାକୁ କୌମୋଦକୀ ନାମରେ ନାମିତ କରାଯାଇଥିଲା। ପ୍ରକୃତି ଦୃଷ୍ଟିରୁ ଦେଖିଲେ ଯଦି ଶଙ୍ଖ ସଦୃଶ କୃଷ୍ଣା ବର୍ଣ୍ଣ ଏବଂ କେନ୍ଦ୍ରରେ ବିଷ୍ଣୁଙ୍କ ନାଭି ହୋଇଥାଏ,ଏଥିରୁ ପ୍ରଜାପତି ମଣ୍ଡଳ ବା ବ୍ରହ୍ମା ସୃଷ୍ଟି ହୋଇଥିଲେ, ସେ ବସିଥିବା ପଦ୍ମକୁ ଏକ ପଦ୍ମ କଳ୍ପ ସମୟ, ନକ୍ଷତ୍ର ମାନଙ୍କ ଗତିକୁ ଚକ୍ରର ପ୍ରତୀକ ଧରାଯାଏ, ତେବେ ସ୍ତୁପିକୃତ ନୀଳ ପର୍ବତ ବା ଶୁଭ୍ର ପର୍ବତ ମାନେ ହିଁ ତାଙ୍କର ଗଦା ସ୍ୱରୂପ। ଏହି ପର୍ବତ ମେଘ ମାନଙ୍କୁ ବାଧା ଦେବାରୁ ବର୍ଷା ହୋଇ ଥାଏ । ଅନ୍ୟ ପ୍ରକାର ଚିନ୍ତା କଲେ, ମନ୍ଦିର ଅବା ଯଜ୍ଞ ବେଦୀ ନିକଟ ରେ ବହୁ ଲୋକ ବା ଲୋକ ସମୂହ ଏକତ୍ରିତ ହୋଇ ଥାନ୍ତି ।ଏଠାରେ ଲୋକ ସମୂହ ଗଦାର ଦଣ୍ଡ ଓ ଦେବତା ହିଁ ଭାରକେନ୍ଦ୍ର। ଏହି ମନ୍ଦିର ବା ଯଜ୍ଞ ବେଦୀ ବହୁତ ଉଚ୍ଚ ହୋଇ ଥାଏ। ହିରଣା । ରାକ୍ଷସର ଦେବତାଙ୍କ ପ୍ରତି ଅତ୍ୟାଚାରରେ ବହୁ ସନ୍ଥ ଏକତ୍ର ଭାବେ ତାର ମୃତ୍ୟୁ ପାଇଁ ବିଷ୍ଣୁଙ୍କୁ ପ୍ରାର୍ଥନା କରିଥିଲେ ଓ ହୁଏତ ଏହା ଏକ ଗଦା ସଦୃଶ କାର୍ଯ୍ୟ କରିଥିଲା।

ଶେଷରେ ବିଷ୍ଣୁ ତାଙ୍କର ଦକ୍ଷିଣ ତଳ ହସ୍ତରେ ଗଦା ଧାରଣ କରିଥାନ୍ତି। କାରଣ ଗଦା ପରି ଏକ ଅସ୍ତ୍ରକୁ ଧାରଣ କରିବା ଓ ଚାଳନା ପାଇଁ ଦକ୍ଷିଣ ହସ୍ତର ଶକ୍ତି ପ୍ରୟୋଜନ। ଏହି ପାର୍ଶ୍ୱରେ ପିଙ୍ଗଳ। ବା ହଳଦୀ ବର୍ଣ୍ଣର ସୂର୍ଯ୍ୟ ନାଡୀ ଥାଏ । କିନ୍ତୁ ସୂର୍ଯ୍ୟ ନାଡୀ ଦେଇ ଯାଇଥିବା ଶକ୍ତି ବାମ ଅଙ୍ଗକୁ ହିଁ ପ୍ରଭାବିତ କରିଥାଏ। ବାମ ଅଙ୍ଗ ଦେଇ ଯାଇଥିବା ନାଡୀ ଦକ୍ଷିଣ ଅଙ୍ଗକୁ ପ୍ରଭାବିତ କରିଥାଏ। ଯେପରି ଦକ୍ଷିଣ ମସ୍ତିସ୍କରେ ଆଘାତ ହେଲେ ବାମ ଅଙ୍ଗରେ ହିଁ ପକ୍ଷାଘାତ ହୋଇଥାଏ।

ତେଣୁ ବିଷ୍ଣୁଙ୍କ ଗଦାର ନାମ ବାମ ଚନ୍ଦ୍ର ନାଡୀ ଅନୁସାରେ କୌମୋଦକୀ ବା ଚନ୍ଦ୍ରିକା ବା କୁମୁଦର ନାମ ନାମ ଧାରଣ କରିଥିବା ସଂଭବ। କାରଣ ଆମେ ଯଦି ସୁଷୁମ୍ନା ବା ମେରୁଦଣ୍ଡକୁ ଏକ ଦଣ୍ଡ ଏବଂ ମସ୍ତକକୁ ଏକ ଭାଣ୍ଡ ରୂପେ ଗ୍ରହଣ କରିବା ଏହା ଠିକ୍ ଏକ ଗଦା ସଦୃଶ ହୋଇ ଥାଏ।

କିନ୍ତୁ ପ୍ରଶ୍ନ ଉଠେ ଯେ, ଏକ ବରାହ କଣ କେବେ ଗଦା ଧାରଣ କରି ଯୁଦ୍ଧ କରିପାରନ୍ତି ? ନାଁ। କିନ୍ତୁ ମାନବ ଶରୀର ପରି ପ୍ରାଣୀ ମାନଙ୍କ ଶରୀରରେ ମଧ୍ୟ ବିବିଧ ଚକ୍ର ଓ ମେରୁଦଣ୍ଡ ରହିଥାଏ। ଗଦାର ଅନ୍ୟ ଅର୍ଥ ମାନସିକ ଦୃଢ଼ତା ବା ଏକାଗ୍ରତା। ବରାହଙ୍କ ଦ୍ୱାରା ହିରଣାକ୍ଷକୁ ବଧ କରିବା ପାଇଁ ବିଷ୍ଣୁ ଶକ୍ତି ତାହା ମଧ୍ୟରେ ଅବତରଣ କରିଥିଲେ। ଦାନବ ତାଙ୍କୁ ବିରକ୍ତ କରିବାରୁ ସେ ନିଜ ମସ୍ତକର ସମସ୍ତ ଶକ୍ତି ଲଗାଇ ଦାନ୍ତ ସାହାଯ୍ୟରେ ତାର ମୁଣ୍ଡ ବା ମୂର୍ଦ୍ଧନାକୁ ଆଘାତ କରିଥିଲେ, ଯେଉଁ ଠାରେ ଆଘାତ ଲାଗିଲେ କି ମୃତ୍ୟୁ ସୁନିଶ୍ଚିତ ହୋଇଥାଏ ! ଏହି ମୃତ୍ୟୁ ରାତିରେ ହୋଇ ଥିବା ସଂଭବ କାରଣ ବରାହ ମାନେ ରାତିରେ ବେଶି ଉଜାଗର ହୋଇଥାନ୍ତି। ଏବେ ବ୍ୟାସ ଦେବ ବିଷ୍ଣୁ ଧୃତ୍ ପଦ୍ମ ବିଷୟରେ ଚିନ୍ତା କଲେ।...........

(ଏହି ସମସ୍ତ ବିଷୟରେ ମୋର ସମ୍ୟକ୍ ଜ୍ଞାନ ନାହିଁ। ଏହା ପୁସ୍ତକ ପଠିତ ଜ୍ଞାନ ଅଟେ)।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

## ମୁଁ ଭଲପାଏ ତମକୁ....

### ଡ. ଦୀପ୍ତିମୟୀ ବେହେରା



ମୁଁ ଭଲପାଏ ତମକୁ
ତମେ ଭଲପାଅ
ଆଉ କାହାକୁ....
ଯେଉଁଦିନ ଅନୁଭବ କରିବ
ମୋ ଭଲ ପାଇବାକୁ
ସେଦିନ ନିଶ୍ଚୟ ବୁଝିଯିବ
ତୁମ ପ୍ରତି ଥିବା ମୋର
ଅସରନ୍ତି ପ୍ରେମପ୍ରୀତିକୁ ।

ଯଦି ତୁମେ ଦେଖିଥିବ
ସୁନୀଳ ସାଗରକୁ
ମାପିଥିବ ମନ ମଧ୍ୟେ
ତା'ର ଗଭୀରତାକୁ
ତା'ଠୁ ଅଧିକ ହେବ
ତୁମ ପ୍ରତି ଥିବା
ମୋର ସ୍ନେହଶ୍ରଦ୍ଧାକୁ ।

ଯଦି ତୁମେ ଦେଖିଥିବ
ସୁନ୍ଦର ଆକାଶକୁ
ଗଣିଥିବ ତା' ମଧ୍ୟେ ଥିବା
ଛୋଟଛୋଟ ତାରାକୁ
ତା'ଠୁ ଢେର ଗୁଣ ନିଶ୍ଚେ
ହେବ ମୋ ହୃଦେ
ଫୁଟିଥିବା ପ୍ରୀତିଫୁଲକୁ ।

କେବେ ଚେଷ୍ଟା କରିନ
ତମେ ମତେ ବୁଝିବାକୁ
ତମ ପ୍ରତି ଥିବା ମୋ
ଅକୁହା ମନର ବ୍ୟଥାକୁ
ତମେ ଥରେ ଫେରି ଚାହଁ
ଦେଖ ମୋ ଆଖିର ଲୁହକୁ
ଲୁହଭିଜା ଆଖି କହିଦଉଛି
ମୁଁ ଭଲପାଏ କେତେ ତମକୁ ।

+ମହାପୁରୁଷ ଅଚ୍ୟୁତାନନ୍ଦ
ମହାବିଦ୍ୟାଳୟ,କଟକ
ମୋ:୭୫୦୪୮୭୭୫୧୭

## ଆଞ୍ଜୁଳାଏ ପ୍ରେମ

### ପୁଷ୍ପାଞ୍ଜଳି ପଣ୍ଡା



ଲୋଡେନି ଜୀବନେ
ରାଜ ସୁଖ ଭୋଗ
ଦାଣ୍ଡର ଭିକାରୀ ସାଜି
ହାତେ ହାତ ଛନ୍ଦି
ଚାଲି ଯାଇପାରେ
ରାଜଜେମା ହୋଇ ରାଜି।

ପ୍ରେମର ଋତୁରେ
ଆଖିକୁ ଦିଶେନି
ଗୋଲାପ ଦେହରେ କଣ୍ଟା
ହସକାନ୍ଦ ଭରା
ସଂସାରୀ ଜୀବନେ
ଭାଙ୍ଗି ଯାଉ ପଛେ ଅଣ୍ଟା ।

ସୁନ୍ଦର ଲାଗଇ
ସେ ଦୂର ପାହାଡ଼
ପାଖେ ଗଲେ ମିଛ ହୁଏ
ଟାଙ୍ଗରା ଭୂଇଁରେ
ଦୁବ କଁଅଳେନା
ସବୁ ଶେଷ ହେଉଥାଏ ॥

ନିଆଁ ରୁ ଆରମ୍ଭ
ନିଆଁ ରେ ଯେ ଶେଷ
ମଝିରେ ଜୀବନ ଗୀତ
ଅତିକ୍ରାନ୍ତ ବେଳେ
ଈଶ୍ୱର ଉଣ୍ଡାଳେ
ପ୍ରେମ ଥାଏ ସମାଧିସ୍ଥ ।।

ଦଗାଦିଆ ଏଇ
ଆୟୁଷ ଗାରରେ
ପଛକୁ ଫେରେନା କେହି
ସମୟ ମିଳେନା
ନିଜ ଶବ ସହ
ନିଜେ ଯାଏ ପ୍ରେମ ନେଇ ॥

+କେନ୍ଦ୍ରାପଡ଼ା

## ମାଆର ପଣତକାନି

### ଶୁଭ୍ରାଙ୍ଗୀ ପ୍ରିୟବାଦିନୀ



ମାଆର ପଣତକାନି,
ଯେଉଁଠି ଥାଏ ସୁଖର ଆମଦାନୀ
ଏବଂ ଦୁଃଖର ରପ୍ତାନୀ,

ପ୍ରତି ପିଲାର ତାହା ସୁରକ୍ଷା ଖଣି
ପଇସାରେ ତାହା କିଣି ହୁଏନି,

ମାଆ ଥିଲେ ପାଖରେ
ପିଲାର ଖୁସି ନସରେ,
ପଣତକାନିରେ କୋଳେଇ ନିଏ
ନାନାବାୟା ଗୀତ ଗାଇ ଶୁଆଇ ଦିଏ,

ଦୁଧଭାତ ଖୋଇ ଦିଏ
ହାତଧରି ଚ଼ାଲି ଶିଖାଏ,
ଜୀବନର ହରଣ ଗୁଣନ
ମିଶାଣ, ଫେଡ଼ାଣ
ସବୁ ଶିଖାଏ ନକରି ବାରଣ,
ମାଆର ପଣତକାନି
ବିପଦକୁ ପଶିବାକୁ ଦିଏନି
ମେଘନାଦ ପାଚେରୀ ପରି
ଥାଏ ସେ ଘେରି,

ବିପଦକୁ କରି ବାହାର
ସଂପଦ ପରି କରେ ସେ ନିଜର...

+ଭୁବନେଶ୍ୱର
ମୋ: ୭୦୦୮୧୦୯୯୮୦

# ନାଗାବଳୀ ନଦୀ ପଠାରୁ ବେଆଇନ ବାଲି ଆନ୍ଧ୍ରକୁ ଚାଲାଣ

## ନିରବଦ୍ରଷ୍ଟା ସାଜିଛି ପ୍ରଶାସନ, ସରକାରଙ୍କର ଲକ୍ଷାଧିକ ଟଂକା ରାଜସ୍ୱ ହାନି



ରାୟଗଡା, ୧୪/୨ (ନି.ପ୍ର): ଚିରଶ୍ରୋତା ନାଗାବଳୀ ପଠାରୁ ହେଉଛି ବେଆଇନ ବାଲି ଉଠାଣ। ନିର୍‌ଦ୍ରଷ୍ଟା ସାଜିଛି ପ୍ରଶାସନ। ବେଆଇନ ଭାବେ ବିନା ଚାଲାଣ ଫର୍ମରେ ଆନ୍ଧ୍ରପ୍ରଦେଶକୁ ହେଉଛି ବାଲିର ଚୋରାଚାଲାଣ। ରାଜନୈତିକ ଦଳର ନେତା ସାଜିଛନ୍ତି ବାଲି ଚଲାଣର ସୂତ୍ରଧାର। ଦୈନିକ ନଦୀ ମଧ୍ୟରୁ ଜେସିବି ଦ୍ୱାରା ଶତାଧିକ ଟ୍ରାକ୍ଟର ଓ ଟ୍ରିପରରେ ବାଲି ଉଠାଣ କରି ଚୋରା ଚାଲାଣ କରାଯାଉଛି। ଅନେକ ବାଲିଘାଟ ଜିଲ୍ଲା ସଦର ମହକୁମାରେ ଥିଲେ ମଧ ହାତ ଗୁଞ୍ଜାନେଇ କେବଳ ଦୁଇଟି ଘାଟକୁ କେଫର୍ମ ଯୋଗାଇଛି ପ୍ରସାସନ।ବାଲି ଘାଟରେ କେ ଫର୍ମ ନଥିବା କାରଣରୁ ବାଲି ଟ୍ରାକ୍ଟର ଗୁଡିକ ଜବଦ କରି ମୋଟା ଆକାରରେ ଜୋରିମାନା ଆଦାୟ କରିବା ଫଳରେ ଜିଲ୍ଲାର ଟ୍ରାକ୍ଟର ସଙ୍ଘ ଏବେ ଧର୍ମଘଟ ରେ ବସିଛି। ଜିଲ୍ଲାରେ ସମସ୍ତ ସରକାରୀ ଓ ବେସରକାରୀ ନିର୍ମାଣଧୀନ କାର୍ଯ୍ୟ ବନ୍ଦ ପଡିଛି। ଏହା ଫଳରେ ଅନେକ ଖଟିଖିଆଙ୍କ ଦାନା ପାଣି ମଧ ବନ୍ଦ ହୋଇଛି। ଯାହାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ଆଣିଛନ୍ତି ଟ୍ରାକ୍ଟର ୟୁନିୟନ ଓ ନିର୍ମାଣ ଶ୍ରମିକ ସଭାପତି। କିଛି ଦିନ ତଳେ ଉପଜିଲ୍ଲାପାଳ ଏବଂ ତହସିଲଦାରଙ୍କ ନେତୃତ୍ୱରେ ଚଢାଉ କରାଯାଇ ମାତ୍ର ହାତଗଣତି ଟ୍ରାକ୍ଟରଏବଂ ଗୋଟିଏ ଟ୍ରକକୁ ଜବଦ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁଥିଲେ ହେଁ ବାଲି ମାଫିଆଙ୍କ ଦୌରାତ୍ମ୍ୟ ବନ୍ଦ ହେବାର ନାଁ ନେଉନାହିଁ। ଅନେକ ବାଲିଘାଟର ନିଲାମ ଅବଧି ସରିଥିବା ପରେ ଏବଂ ଅନେକ ବାଲି ଘାଟରେ ନିଲାମ ନଥାଇ ବେଧଡ଼କ ଭାବେ ବାଲି ମାଫିଆମାନେ ବାଲିର ହରିଲୁଟ କରୁଛନ୍ତି। କିନ୍ତୁ ଜଣେ ଗରିବ ଲୋକ ଆବାସ ଗୃହ ନିର୍ମାଣ କରିବା ନିମନ୍ତେ ଚଢ଼ା ଦରରେ ବାଲି କ୍ରୟ କରିବାକୁ ପଡୁଛି। ଅନ୍ୟଦିଗରେ ଟ୍ରକ ଟ୍ରକ ବାଲି ବିନା ଚାଲାଣ ଫର୍ମରେ ପଡୋଶୀ ଆନ୍ଧ୍ରପ୍ରଦେଶକୁ ଚୋର ଚାଲାଣ କରୁଛନ୍ତି ବାଲି ମାଫିଆ ବୋଲି ନିର୍ମାଣ ଶ୍ରମିକ ସଭାପତି ଉମା ଶଂକର ରାଓ ପ୍ରକାଶକରିଛନ୍ତି। ପ୍ରକାଶ ଥାଉକି ରାୟଗଡା ବ୍ଲକରେ ୫ଟି ବାଲି ଘାଟ ଅଛି। କିନ୍ତୁ କୌଣସି ବି ଘାଟରେ ଲାଗିନୀ ଫଳକ। ବିଶେଷ ଭାବେ ହଂସା ବାଲି ଘାଟରେ ବେନିୟମ ଭାବେ ନଦୀ ଗର୍ଭରୁ ଜେସିବି ଦ୍ୱରା ବାଲି ଉଠାଣ ଦ୍ୱରା ନଦୀ ଗର୍ଭ ଏବଂ ପଠା ମାନଙ୍କରେ ବଡ଼ ବଡ଼ ଗର୍ତ ସୃଷ୍ଟି କରୁଛି, ଯାହା ଫଳରେ ପର୍ଯ୍ୟାୟକ୍ରମେ ନଦୀ ଏହାର ଦିଗ ପରିବର୍ତ୍ତନ କରୁଥିବା ବେଳେ କୂଳଲଙ୍ଘି ଜନବସତି ଆଡକୁ ମୁହାଉଛି ଏବଂ ଅନେକ ଲୋକଙ୍କ ଚାଷ ଜମି ନଷ୍ଟ ହେଉଛି।ନଦୀ ପଠାରୁ ଦୈନିକ ଶତାଧିକ ଟ୍ରିପ ବାଲି ମେଶିନ ଜରିଆରେ ଉତ୍ତୋଳନ କରାଯାଇ ଭାରି ଯାନ ଦ୍ୱାରା ବାହାର ରାଜ୍ୟକୁ ଚାଲାଣ ହେଉଛି। ପଡୋଶୀ ଆନ୍ଧ୍ର ବ୍ୟବସାୟୀ ରାୟଗଡାରେ ଡେରା ପାକାଇ ବେଆଇନ ବାଲି ଉତ୍ତୋଳନ କରି ପଡୋଶୀ ଆନ୍ଧ୍ରକୁ ଚୋରା ଚାଲାଣ କରୁଛନ୍ତି, ଯାହାଫଳରେ ଓଡିଶା ସରକାର ଲକ୍ଷାଧିକ ଟଙ୍କା ରାଜସ୍ୱ ହରାଉଥିବାବେଳେ ଆନ୍ଧ୍ର ବାଲି ମାଫିଆ ମାଲାମାଲ ହେଉଛନ୍ତି। ବାହାର ରାଜ୍ୟକୁ ବାଲି ଚାଲାଣ ହେବା ନିୟମ ନଥିଲେ ମଧ ଆନ୍ଧ୍ର ପ୍ରଦେଶର କିଛି ବାଲି ମାଫିଆ ସ୍ଥାନୀୟ ଆଦିବାସୀଙ୍କ ନାଁ ରେ ବାଲି ଘାଟ ନିଲାମ ନେଇ ଲୋକଙ୍କୁ ହାତ କରି ଓଡିଶାରୁ ବାଲି ଚୋରା ଚାଲାଣ କରି ମାଲାମାଲ ହେଉଛନ୍ତି। ଜିଲ୍ଲାର ଲକ୍ଷ ଲକ୍ଷ ଟଙ୍କାର ରାଜସ୍ୱ ନଷ୍ଟ ହେଉଛି। ଏଥିସହ ପୁଲିସ ଓ ପ୍ରସାସନ ସବୁ ଜାଣିଶୁଣି ଚୁପ ଥିବା ସାଧାରଣରେ ଅଭିଯୋଗ ହୋଇଛି।

# ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ବାର୍ଷିକ ଉତ୍ସବରେ କବି ଦମ୍ପତିଙ୍କ ଦୁଇଟି କବିତା ବହି ଲୋକାର୍ପିତ



କଟକ, ୧୪/୨ (ନି.ପ୍ର): ଗତ ୧୧ତାରିଖ ରବିବାର ଦିନ କଟକ ସ୍ଥିତ ଶ୍ରୀରାମ ଚନ୍ଦ୍ର ଭବନ ବାଣୀପୀଠ ଠାରେ ରାଜ୍ୟର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଅନ୍ତରୀକ୍ଷ ଚାରିଟେବୁଲ ଟ୍ରଷ୍ଟର ଷଷ୍ଠ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଅଛି। ଏହି ଉତ୍ସବରେ ଅନ୍ତରୀକ୍ଷ ପତ୍ରିକାର ବାର୍ଷିକ ସଂଖ୍ୟା ଉନ୍ମୋଚନ ହେବା ସହିତ କବି ଆନନ୍ଦ କୁମାର ମାଇତି ଙ୍କ କବିତା ବହି ଅହଂକାରୀ ଅପରିଚିତା ଓ କବୟିତ୍ରୀ ଲକ୍ଷ୍ମୀପ୍ରିୟା ମାଇତିଙ୍କ କବିତା ବହି ଚନ୍ଦ୍ରରେଖରୁ ଚନ୍ଦ୍ରାବଳୀ କୁ ଉନ୍ମୋଚନ କରାଯାଇଥିଲା। ସଭାରେ ନଗେନ୍ଦ୍ର ନାଥ ସ୍ୱାଇଁ ସଭାପତିତ୍ୱ କରିଥିବା ବେଳେ ଶଶଧର ପଣ୍ଡା ମୁଖ୍ୟ ଅତିଥି ଜିବାନନ୍ଦ ଅଧିକାରୀ , ଶୌରମୋହନ ଉଦଗତା, ମୁଖ୍ୟବକ୍ତା ବୈଜୟନ୍ତୀ ଶତପଥୀ , ସଂଜିତ କୁମାର ପଟ୍ଟନାୟକ ଆଦି ଯୋଗଦେଇଥିଲେ। ସେବା , ସାହିତ୍ୟ , ସଂସ୍କୃତି , କ୍ଷେତ୍ରରେ ସୁନାମ ଅର୍ଜନ କରୁଥିବା ତିରିଶ ଜଣ ପ୍ରତିଭା ଧାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶତାଧିକ କବି କବିତା ଆବୃତ୍ତି କରୁଥିଲେ , କବିତା ଆସରର ସଂଯୋଜନା କରିଥିଲେ ପ୍ରଶାନ୍ତ କୁମାର ସେଠୀ ଓ ମମତା କୁମାରୀ ସୁଆର ଓ ଅନୁଷ୍ଠାନର ସମ୍ପାଦିକା ଲକ୍ଷ୍ମୀପ୍ରିୟା ମାଇତି ସଂପାଦକୀୟ ବିବରଣୀ ପାଠ କରିବା ସହିତ ଅନୁଷ୍ଠାନର ସ୍ଥାୟୀ ସଭାପତି ଆନନ୍ଦ କୁମାର ମାଇତି ସ୍ୱାଗତ ଭାଷଣ ଦେଇ ଅନୁଷ୍ଠାନର ଆଭିମୁଖ୍ୟ ବିଷୟରେ ସମ୍ପୂର୍ଣ୍ଣ ବକ୍ତବ୍ୟ ରଖିଥିଲେ । ସୁକୁମାର ସାମଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ଦେଶି ମଦ ଚାଲାଣ ବେଳେ ଚଢାଉ: ୩ ଗିରଫ

ଜୟପୁର, ୧୪/୨ (ନି.ପ୍ର): ଦେଶୀ ମଦ ଚାଲାଣ ବେଳେ ଜୟପୁର ଅବକାରୀ ଥାନା ଆଜି ଚଢାଉ କରି ୨ଟି ମାମଲା ରୁଜୁ କରି ୩ ଅଭିଯୁକ୍ତକୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ମାନେ ହେଲେ ପରଜାଗୁଡା ଗ୍ରାମର ତ୍ରିପତି ଜାନୀ , ଲିମା ଗ୍ରାମର ଜଗଦିଶ ବାରିକ ଓ ଦେବାଶିଷ ଚୌଧୁରୀ । ଜୟପୁର ଅବକାରୀ ଥାନା ସୂଚନା ଅନୁଯାୟୀ ଦେଶି ମଦ ଚାଲାଣ ହେଉଥିବା ସୂଚନା ପାଇ ପରଜା ଗୁଡାରେ ଚଢାଉ କରି ଜଣେ ଅଭିଯୁକ୍ତକୁ ଗିରଫ କରି ୧୨ ଲିଟର ଦେଶି ମଦ ଜବତ କରିଛି । ସେହିପରି ଏକ ବାଇକରେ ଦୁଇ ଅଭିଯୁକ୍ତ ଦେଶି ମଦ ଚାଲାଣ କରୁଥିବା ବେଳେ ଗାଗନାପୁଟ ମାଟିଗୁଡା ଗ୍ରାମ ରାସ୍ତାରେ ଚଢାଉ କରି ୫୭ ଲିଟର ଦେଶି ମଦ ଓ ବାଇକକୁ ଜବତ କରିଛି।

# ମହୁଲି ମଦ ଜବତ: ବେପାରୀ ଗିରଫ

କୋରେଇ, ୧୪/୨ (ନି.ପ୍ର): ପାଣିକୋଇଲି ପୁଲିସ ଚୋରା ଦେଶୀ ମହୁଲି ମଦ ବିକ୍ରି କରୁଥିବା ବେଳେ ମଦ ସହ ଜଣଙ୍କୁ ଗିରଫ କରିଛି । ପ୍ରକାଶଯେ ଗାଁ ଗହଳୀରେ ମଦର ଚୋରା କାରବାର ବୃଦ୍ଧି ପାଉଥିବା ବେଳେ ପାଣିକୋଇଲି ପୁଲିସ ତା ଉପରେ ତୀକ୍ଷ୍ଣ ନଜର ରଖିଛି । ସନ୍ଧ୍ୟା ପୋଟ୍ରୋଲିଙ୍ଗ ସମୟରେ ଚୋରା ମଦ ବିକ୍ରିର ଖବର ପାଇ ପୁଲିସ ଶଙ୍ଖଚିଲା ଫାଣ୍ଡି ଅନ୍ତର୍ଗତ ତଣ୍ଡରା ଛକରେ ଚଢାଉ କରିଥିଲା । ଚଢାଉ ସମୟରେ ସନ୍ଦେହ ଜନକ ଅବସ୍ଥାରେ ଜଣେ ବ୍ୟକ୍ତିଙ୍କୁ ଧରିବା ପରେ ତା ନିକଟରୁ ଦୁଇଟି ଧଳା ଜାରରେ ୧୦ ଲିଟର ଦେଶୀ ମହୁଲି ମଦ ଥିବାଦେଖି ତାକୁ ଧରିଥିଲା । ମଦ ର ବା ବିକ୍ରିର କୌଣସି କାଗଜାଦି ଦେଖାଇ ନପାରିବାରୁ ସେ ତଣ୍ଡରା ଗ୍ରାମର ସ୍ୱର୍ଗତ ନବଘନ ଦଳାଇଙ୍କ ପୁଅ ବାବୁଲି ଓରଫ ଶିଶିର ଦଲେଇ(୪୦) ବୋଲି ନାମ ପ୍ରକାଶ କରିବା ପରେ ତାକୁ ଗିରଫ କରି ଥାନାକୁ ଆଣି ଥିଲା । ପରେ ଦଫା ୫୨(ଏ) ଓଡିଶା ଏକ୍ସାଇଜ ଆକ୍ଟରେ ଏକ ମାମଲା ୯୨/୨୪ ରୁଜୁ କରାଯାଇଥିବା ତଦନ୍ତାଧିକାରୀ ଏଏସଆଇ ସୁଜିତ କୁମାର ମଲ୍ଲିକ ସୂତ୍ରରୁ ପ୍ରକାଶ ।

# ଚତୁର୍ଦ୍ଦଶ ବନଜ୍ୟୋସ୍ନା ସାହିତ୍ୟ ସଂସଦ ପୁସ୍ତକ ମେଳା ଓ ସାଂସ୍କୃତିକ ଉତ୍ସବ ଉଦ୍‌ଘାଟିତ

କନ୍ଧମାଳ, ୧୪/୨ (ନି.ପ୍ର): ଜିଲ୍ଲା ତଥା ରାଜ୍ୟରେ ପ୍ରସିଦ୍ଧି ଲାଭ କରିଥିବା, ଫୁଲବାଣୀ ର ସାହିତ୍ୟ ଅନୁଷ୍ଠାନ ବନଜ୍ୟୋସ୍ନା ସାହିତ୍ୟ ସଂସଦର ଚତୁର୍ଦ୍ଦଶ ପୁସ୍ତକ ମେଳା ଫୁଲବାଣୀ ମାଷ୍ଟରପଡା ସ୍ଥିତ ବି ଟିମ୍ ପଡିଆରେ ଉଦଘାଟିତ ହୋଇଯାଇଛି। ଉତ୍ସବରେ ଉଦଘାଟିକା ଭାବେ କନ୍ଧମାଳ ଜିଲ୍ଲା ପରିଷଦ ଅଧକ୍ଷା ସୁଶ୍ରୀ ନନ୍ଦିନୀ ମଲ୍ଲିକ ଯୋଗ ଦେଇ ଦିର୍ଘ ୧୨ ଦିନ ଧରି ହେବାକୁ ଥିବା ଏହି ମେଳାକୁ ଉଦ୍ଘାଟନ କରିଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଫୁଲବାଣୀ ବିଧାୟକ ଅଙ୍ଗଦ କହଁର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପ୍ରେସ କ୍ଲବ ସଭାପତି ସୁନୀଲ ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆରମ୍ଭରେ ଫୁଲବାଣୀ କୋମଲ ଗାନ୍ଧାର ସଂଗୀତ ଓ ସାଂସ୍କୃତିକ ଅନୁଷ୍ଠାନର କଳାକାର ମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ପ୍ରଶାନ୍ତ କୁମାର ବେହେରା ସଭାରେ ଅଧକ୍ଷତା କରି ନିଜ ଅଭିଭାଷଣରେ ବନଜ୍ୟୋସ୍ନା ସାହିତ୍ୟ ସଂସଦ ଅନୁଷ୍ଠାନ ଦିର୍ଘ ୧୩ ବର୍ଷ ଧରି ନାନା ବାଧାବିଘ୍ନ ସତ୍ୱେ ଏହାର ସକ୍ରୀୟ କର୍ମକର୍ତା ମାନଙ୍କ ସହଯୋଗ ରେ ଏହି ମେଳା ର ଆୟୋଜନ କରି ଆସୁଛି। ସେହିଭଳି ଚଳିତ ବର୍ଷ ଚତୁର୍ଦ୍ଦଶ ପୁସ୍ତକ ମେଳା ରେ ମଧ ଜିଲ୍ଲାର ବିଶିଷ୍ଟ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ମାନଙ୍କୁ ସମାଜରେ ସେମାନଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ପୁରସ୍କୃତ କରାଯିବ। ଆମ ଅନୁଷ୍ଠାନ, ଫୁଲବାଣୀ ତଥା ସମଗ୍ର କନ୍ଧମାଳ ଜିଲ୍ଲାର ସର୍ବାଧିକ ଥର ରକ୍ତଦାନ କରିଥିବା ରକ୍ତଦାତା ଏବଂ ଭିନ୍ନକ୍ଷମ ଓ ମହିଳା ରକ୍ତଦାତା ମାନଙ୍କୁ ପ୍ରତି ବର୍ଷ ସମ୍ବର୍ଦ୍ଧିତ କରି ଆସୁଛି। ଏହାଦ୍ୱାରା ଅନ୍ୟ ଯୁବକ ଯୁବତୀ ମାନେ ମଧ ରକ୍ତଦାନ କରିବାକୁ ଆଗ୍ରହୀ ହେବେ। ସେହିପରି ଜିଲ୍ଲାର ବିଭିନ୍ନ ବିଦ୍ୟାଳୟ କୁନିକୁନି ଛାତ୍ର ଛାତ୍ରୀ ମାନଙ୍କ ଠାରୁ କଲେଜରେ ପଢୁଥିବା ଛାତ୍ରଛାତ୍ରୀମାନଙ୍କ ମଧରେ ଚିତ୍ରାଙ୍କନ, ପ୍ରବନ୍ଧ ଲିଖନ, ବକ୍ତୃତା, କ୍ୱିଜ୍ ଏବଂ ଆଧୁନିକ ଗୀତ, ଭଜନ ଭଳି ବିଭିନ୍ନ ପ୍ରତିଯୋଗୀତା ମାନ କରାଯିବା ସହ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ ମଧ କରାଯାଉଛି। ଏହା ସମେତ ମେଳାରେ ୩୫ ରୁ ଅଧିକ ପୁସ୍ତକ ପ୍ରକାଶନ ସଂସ୍ଥା ଓ ବିକ୍ରେତାଙ୍କ ଷ୍ଟଲ ଖୋଲାଯାଇଛି। ଏଥିରେ ପିଲାମାନଙ୍କ ପାଠ ପଢା ବହି ସମେତ ପ୍ରସାଶନିକ ସେବା, ଆଇନ ସମ୍ପର୍କିତ ବିଭିନ୍ନ ପ୍ରକାର ପୁସ୍ତକ ସମେତ ସମାଜରେ ସବୁ ବର୍ଗର ଲୋକଙ୍କ ପାଇଁ ଉପାୟ ପୁସ୍ତକ ଉପଲବ୍ଧ ହେବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବରେ ଫୁଲବାଣୀର ବରିଷ୍ଠ ସାମ୍ବାଦିକ ଡ଼ଃ. ଅରୁପ କୁମାର ଜେନା ତାଙ୍କ ବକ୍ତବ୍ୟରେ ପୁସ୍ତକ ପଢିବା ଆବଶ୍ୟକ ଉପରେ ଯୁବ ପିଢି ଗୁରୁତ୍ୱ ଦେବା ଉଚିତ୍ ଏବଂ ବନଜ୍ୟୋସ୍ନା ସାହିତ୍ୟ ସଂସଦର ଦିର୍ଘବର୍ଷର ଏହି ନିରନ୍ତର ପ୍ରୟାସରେ ଫୁଲବାଣୀ ରେ ଏହିଭଳି ଗୋଟିଏ ଭବ୍ୟ ମେଳାର ଆୟୋଜନ ନିଶ୍ଚିତ ଭାବେ ପ୍ରଶଂସନୀୟ ବୋଲି କହିଥିଲେ । ଅନୁଷ୍ଠାନର ମୁଖ୍ୟ ସମ୍ପାଦକ ଡଃ. କାହ୍ନୁଚରଣ ଶତପଥୀ ମଂଚ ପରିଚାଳନା କରିଥିଲେ। ଏହି ଅବସରରେ ଅତିଥିମାନଙ୍କ ଦ୍ୱାରା ଅନୁଷ୍ଠାନର ସ୍ମରଣୀକା ବନଜ୍ୟୋସ୍ନା ପୁସ୍ତକ ମେଳା ସଂଖ୍ୟା ଓ କାହ୍ନୁଚରଣ ଶତପଥୀଙ୍କ ରଚିତ ପୁସ୍ତକ ନିଦ୍ରାହୀନ ରାତ୍ରି ଓ ତାରାବିହୀନ ଆକାଶ ଓ ବିପ୍ଳବର ମହାନାୟକ ନେତାଜୀ ସୁଭାଷ ଉନ୍ମୋଚନ ହୋଇଥିଲା। ପରେ ପରେ ଅତିଥି ମାନଙ୍କ ଦ୍ୱାରା ପୁର୍ବରୁ ଅୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତିତ୍ୱ ଅର୍ଜନ କରିଥିବା ବିଭିନ୍ନ ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା।



ଶ୍ରୀରାମଚନ୍ଦ୍ର ଭବନରେ କବୟିତ୍ରୀ ଲକ୍ଷ୍ମୀପ୍ରିୟା ମାଇତିଙ୍କ କବିତା ବହି 'ଚାନ୍ଦ୍ରରେଖରୁ ଚନ୍ଦ୍ରାବଳୀ' ଲୋକାର୍ପିତ



ଆନନ୍ଦ କୁମାର ମାଇତିଙ୍କ କବିତା ବହି 'ଅହଂକାରୀ ଅପରିଚିତା' ବାଣୀପୀଠ ଠାରେ ଲୋକାର୍ପିତ

# ମାଲକାନଗିରି ମହାବିଦ୍ୟାଳୟର ୪୩ ତମ ବାର୍ଷିକ ଉତ୍ସବ

ମାଲକାନଗିରି, ୧୪/୨ (ନି.ପ୍ର): ମାଲକାନଗିରି ମହାବିଦ୍ୟାଳୟ ପ୍ରାଙ୍ଗଣରେ ଆଜି ୪୩ତମ ବାର୍ଷିକ ଉତ୍ସବ ଅଧକ୍ଷ ଲିଙ୍ଗରାଜ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଅତିଥି ରୂପେ ପୂର୍ବତନ ବିଧାୟକ ମାନସ ମାଡକାମୀ ଯୋଗଦାନ କରି ଛାତ୍ର ଛାତ୍ରୀଙ୍କୁ ଭଲପାଠ ପଢି ସୁନାଗରିକ ହେବା ପାଇଁ ଉପଦେଶ ଦେଇଥିଲେ। ସମ୍ମାନିତ ଅତିଥି ମାଲକାନଗିରି ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ଡକ୍ଟର ଉଦୟନାଥ ଖରା ଯୋଗଦାନ କରି ଛାତ୍ରଛାତ୍ରୀ ମାନଙ୍କୁ ଦେଶର ସମ୍ପତି କହି ଉଦବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ମାଲକାନଗିରି ମହାବିଦ୍ୟାଳୟ ଛାତ୍ର ସଂସଦ ଉପଦେଷ୍ଟା ଡକ୍ଟର ରଞ୍ଜନ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ସଭା ପ୍ରାରମ୍ଭରେ ଜଗନ୍ନାଥଙ୍କ ପ୍ରତିମୂର୍ତିରେ ପୁଷ୍ପମାଲ୍ୟ ସହିତ ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ସହକାରୀ ଉପଦେଷ୍ଟା ଗୌତମ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରିୟଦର୍ଶିନୀ ପ୍ରଧାନ ଏବଂ ଅନ୍ୟାନ୍ୟ ଛାତ୍ର ଛାତ୍ରୀଙ୍କ ଦ୍ୱାରା ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରିଥିଲେ। ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗିତାରେ ଉତୀର୍ଣ୍ଣ ହୋଇଥିବା ଛାତ୍ର ଛାତ୍ରୀ ମାନଙ୍କୁ ମାନପତ୍ର ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଛାତ୍ରଛାତ୍ରୀ ମାନଙ୍କ ତରଫରୁ ଅତିଥି ମାନଙ୍କୁ ମାଲକାନଗିରି ମହାବିଦ୍ୟାଳୟକୁ ସରକାରୀ ମାନ୍ୟତା ପ୍ରଦାନ କରାଯିବା ନିମନ୍ତେ ଦାବୀ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଏକ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗଦେଇ ସଭା କାର୍ଯ୍ୟକୁ ଆଗେଇ ନେଇଥିଲେ।

# କେନ୍ଦୁଝରରେ ୫ ଆନ୍ତଃରାଜ୍ୟ ଡକାୟତଙ୍କୁ ଗିରଫ କଲା ଝୁମ୍ପୁରା ପୋଲିସ

କେନ୍ଦୁଝର , ୧୪/୨ (ନି.ପ୍ର): କେନ୍ଦୁଝର ଜିଲ୍ଲା ଝୁମ୍ପୁରା ଥାନା ପୋଲିସ ୫ ଜଣ ଆନ୍ତରାଜ୍ୟ ଡକାୟତଙ୍କୁ ଗିରଫ କରିବା ରେ ସଫଳ ହୋଇଛି । ସୋମବାର ବିଳମ୍ବିତ ରାତ୍ରିରେ ଏମାନେ ଡକାୟତ କରିବାକୁ ଯୋଜନା କରୁଥିବା ବେଳେ ସେମାନଙ୍କୁ ପୋଲିସ ଧରିଛି । ଗିରଫ ଲୁଟେରା ମାନେ ହେଲେ ମୟୂରଭଞ୍ଜ ଜିଲ୍ଲାର କରଞ୍ଜିଆ ଥାନା ମହାଦେବ ଦେଉଳି ଗ୍ରାମର ଏ ମ.ଡି.ମୁସ୍ତାକିନ , ଏସ. କେ ଆଦିଲ , ଚଢେଇଭୋଳର ଅବଦୁଲ ଜାବର , ଇନ୍ତିଆଜ ହୁସେନ , ଝାରଖଣ୍ଡ ମଝିଗାଁ ଥାନା ଖାଲପଶି ଗ୍ରାମର ରିଆଜ ହୁସେନ । ଝପୁମ୍ପୁରା ପୋଲିସ ଏମାନଙ୍କୁ ଗିରଫ କରିବା ସହ ସେମାନଙ୍କ ଠାରୁ ଗୋଟିଏ ବୋଲେର ସହ ଅନେକ ମାରଣାସ୍ତ୍ର , ଅଫୁଟା ବୋମା ଓ ମୋବାଇଲ ଜବଦ କରିଛଏହି ଗ୍ୟାଙ୍ଗ ଜିଲ୍ଲାର ବିଭିନ୍ନ ଥାନା ଅଂଚଳରେ ଚୋରି , ଡକାୟତି , ଛିନତାଇ କରି କରୁଥିବା ବେଳେ ଝୁମ୍ପୁରା ଥାନା କଟଲପଶି ଜଙ୍ଗଲରେ ଡକାୟିତି କରିବା ଲାଗି ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ଝୁମ୍ପୁରା ପୋଲିସ ସେମାଙ୍କ ଉପରେ ଚଡାଉ କରି ମାଡି ବସିଥିଲା । ସମସ୍ତ ଡକାୟତଙ୍କୁ କାବୁ କରି ପୋଲିସ ସେମାନଙ୍କୁ କୋର୍ଟ ଚାଲାଣ କରିଛି ।

# ସହରାଂଚଳ ବିକାଶ ସଂପର୍କରେ ସଚେତନତା ଶିବିର

କେନ୍ଦ୍ରାପଡ଼ା, ୧୪/୨ (ନି.ପ୍ର): ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଅଧିନରେ ରାଜ୍ୟ ସରକାରଙ୍କର ସଂକଳ୍ପ ହେଉଛି ସହରାଂଚଳର ବିକାଶ । କେନ୍ଦ୍ରାପଡା ପୌରସଂସ୍ଥାର ବିଭିନ୍ନ ୱାର୍ଡରେ ସହରାଂଚଳ ବିକାଶ ସଂପର୍କରେ ସଚେତନତା କାର୍ଯ୍ୟକ୍ରମ ପୌର ଅଧକ୍ଷା ସରିତା ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି । ପୌର ପରିଷଦ ଅଧିନରେ ଥିବା ୱାର୍ଡ ଗୁଡିକର ଉନ୍ନତିକରଣ କରିବାକୁ ନିଆ ଯାଉଥିବା ଜନ ହିତକର କାର୍ଯ୍ୟକ୍ରମ ଗୁଡିକ ବିଷୟରେ ସଚେତନତା ସୃଷ୍ଟି କରାଯାଇ ଥିଲା । ମଙ୍ଗଳବାର ୧, ୩, ୬, ୭, ୮, ୯ରେ ଏହି ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌର ଉପାଧକ୍ଷା ଆକବରୀ ଖାତୁନ, ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର, ବ୍ଲକର ବିଏସ୍ଏସ୍ଓ, ଜନସ୍ୱାସ୍ଥ୍ୟ ବିଭାଗ ଅଧିକାରୀ, କାଉନସିଲର ପ୍ରଦିପ୍ତ କୁମାର ଜେନା, ଜୟନ୍ତୀ ପାଣି, ତୁଳସୀ ହେମ୍ବରମ, ପୁଷ୍ପଲତା ବେହେରା, ଶୃତି ସେନାପତି ପ୍ରମୁଖଙ୍କ ସମେତ ଅନ୍ୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ବିରାଶାଳ ଏୟାରଷ୍ଟ୍ରିପ୍ ବଜେଟ୍‌କୁ ବର୍ଷେ: ସ୍ୱପ୍ନର ଉଡ଼ାଣରେ ବ୍ରେକ୍

## ଆରମ୍ଭ ହୋଇନି ଜମି ଅଧିଗ୍ରହଣ, ଛାତ୍ରାବାସ ନାହିଁ, ଭଡ଼ାଘର ଭରସା




ଅନୁଗୁଳ, ୧୪/୨ (ନି.ପ୍ର): ବିଶ୍ୱରେ ସୁନାମ ଅର୍ଜନ କରିବ ବିରାଶାଳ ଏୟାରଷ୍ଟ୍ରିପ୍। ଆକାଶମାର୍ଗରେ ଲେଖିବ ନୂଆ ଇତିହାସ। ବିଜୁ ପଟ୍ଟନାୟକଙ୍କ ନାମରେ ନାମିତ ହେବ ଏହି ବିମାନ ପ୍ରଶିକ୍ଷଣ କେନ୍ଦ୍ର। ଏହା ଭାରତର ସବୁଠାରୁ ବଡ଼ ବିମାନ ପ୍ରଶିକ୍ଷଣ କେନ୍ଦ୍ର ହେବ। ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍‌ରେ ଥିବା ବିରାଶାଳ ଏୟାରଷ୍ଟ୍ରିପ୍‌କୁ ନେଇ ଠିକ୍ ବର୍ଷେ ତଳେ ଏମିତି କିଛି ସ୍ୱପ୍ନ ଦେଖାଇଥିଲେ ରାଜ୍ୟ ସରକାର। ବଜେଟ୍‌ରେ ୨୭୫ କୋଟି ଟଙ୍କାର ଅନୁମୋଦନ ପରେ ଆଦିବାସୀପଡ଼ାରୁ ସ୍ୱପ୍ନର ଉଡ଼ାଣ ଭରିବାକୁ ଆଶା ବାନ୍ଧି ବସିଥିଲେ ବହୁ ଭବିଷ୍ୟତ ବିମାନ ଚାଳକ। କିନ୍ତୁ, ବର୍ଷେ ପରେ ବି ସେଭଳି କିଛି ଆଖିଦୃଶିଆ ପ୍ରଗତି ଦେଖିପାରିଲାନି ବିରାଶାଳ ଏୟାରଷ୍ଟ୍ରିପ୍। ଯାହାକୁ ନେଇ ସାଧାରଣରେ ନାନା ପ୍ରଶ୍ନ ଉଠିଛି। ବିରାଶାଳ ଏୟାରଷ୍ଟ୍ରିପ୍‌କୁ ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମି ନାଁରେ ନାମିତ କରିବା ସହ ବିଶ୍ୱସ୍ତରୀୟ ପାଇଲଟ୍ ଟ୍ରେନିଂ ସେଣ୍ଟର ଭାବେ ଗଢ଼ି ତୋଳିବାକୁ ରାଜ୍ୟ ସରକାର ଦେଖିଥିବା ସ୍ୱପ୍ନରେ ଏବେ ବ୍ରେକ୍ ଲାଗିଛି। ବିଶ୍ୱସ୍ତରୀୟ ପାଇଲଟ୍ ଟ୍ରେନିଂ ସେଣ୍ଟର ପାଇଁ ଆବଶ୍ୟକ ଭିତ୍ତିଭୂମି ଏହି ବର୍ଷକ ଭିତରେ ଆଶାନୁରୂପକ ଭାବେ ପ୍ରସ୍ତୁତ କରାଯାଇ ପାରିନାହିଁ। ଏଥିପାଇଁ ଆବଶ୍ୟକ ମୁତାବକ ଜମି ଅଧିଗ୍ରହଣ ଆରମ୍ଭ ହୋଇ ନଥିବାରୁ ପ୍ରକଳ୍ପ ଆଗେଇବା ନାଁ ଧରିନି। ରାଜସ୍ୱ ବିଭାଗର ତଥ୍ୟ ଅନୁସାରେ ରନ୍‌ୱେଠାରୁ ନେଇ ଏୟାରଷ୍ଟ୍ରିପ୍ ନବୀକରଣ ପାଇଁ ପ୍ରାୟ ୨୫୦ ଏକର ଜମି ଆବଶ୍ୟକ ରହିଛି। ଯେଉଁଥିରେ କେବଳ ଜଙ୍ଗଲ ଜମି ରହିଛି ପ୍ରାୟ ୧୯୯ ଏକର। ସେହିପରି ୨.୨୦ ଏକର ଅଣ-ଜଙ୍ଗଲ ଜମି ଓ ୨୮ଏକର ବ୍ୟକ୍ତିଗତ ଜମି ରହିଛି। କିନ୍ତୁ ୨୫୦ ଏକର ଜମିରୁ ଇଞ୍ଚେ ଜମି ମଧ ଅଧିଗ୍ରହଣ ହୋଇନାହିଁ। ଜଙ୍ଗଲ ଜମି ବାବଦରେ ରିପୋର୍ଟ ପ୍ରସ୍ତୁତ କରି କଙ୍କଡ଼ାହାଡ଼ ତହସିଲ୍ ଗତ ମାସକ ତଳେ ଡିଏଫ୍‌ଓଙ୍କ ପାଖକୁ ପଠାଇଛି। ସେଠାରୁ ଅନୁମୋଦନ ଆସିବା ପରେ ଜମିର କିସମ ବଦଳିବା ପ୍ରକ୍ରିୟା ଆରମ୍ଭ ହେବ। ତେବେ ୨୮ ଏକର ବ୍ୟକ୍ତିଗତ ଜମି ଅଧିଗ୍ରହଣ ପାଇଁ ଜିଲ୍ଲା ପ୍ରଶାସନ କୌଣସି ନିଷ୍ପତ୍ତି ଏପର୍ଯ୍ୟନ୍ତ ନେଇନାହିଁ। କେବଳ ଅଣ-ଜଙ୍ଗଲ ଜମିକୁ ତହସିଲ୍ କର୍ତ୍ତୃପକ୍ଷ ପ୍ରଦାନ କରିବାକୁ ପ୍ରସ୍ତୁତ କରି ରଖିଥିବା ଜଣାପଡ଼ିଛି। ଅନ୍ୟପଟେ ରନ୍‌ୱେ, ହ୍ୟାଙ୍ଗର ଓ ଏଟିସି ନିର୍ମାଣ ସରିଥିବା ପୂର୍ତ୍ତ ବିଭାଗ ସୂତ୍ରରୁ ସୂଚନା ମିଳିଛି। ଏଠାରେ ୪ ହଜାର ଫୁଟ୍ ଲମ୍ବା ରନ୍‌ୱେ ଥିବାବେଳେ ୧୦ଟି ପ୍ରଶିକ୍ଷଣ ବିମାନ ରହିବାକୁ ହ୍ୟାଙ୍ଗର ନିର୍ମାଣ ହୋଇଛି। କିନ୍ତୁ ଏଥିପାଇଁ ଡିଜିସିଏ ଅନୁମତି ମିଳି ନଥିବା ବିଶ୍ୱସ୍ତ ସୂତ୍ରରୁ ଜ ସୂଚନାଯୋଗ୍ୟ, ୧୯୭୧ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କ ବିମାନ ଏହି ଏୟାରଷ୍ଟ୍ରିପ୍‌ରେ ଅବତରଣ କରିଥିଲା। ଗତବର୍ଷ ଫେବ୍ରୁଆରି ମାସରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ସେହିମାସ ୨୫ ତାରିଖରେ ଏହାର ନାଁ ବଦଳି ବିଜୁ ପଟ୍ଟନାୟକ ଏରୋସ୍ପେସ୍ ଏକାଡେମି ନାଁରେ ନାମିତ ହୋଇଥିଲା।

# ସରକାରୀ ଯୋଜନା ସଚେତନତା ଶିବିର ଅନୁଷ୍ଠିତ



ବାସୁଦେବପୁର, ୧୪/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିଷ୍ମତ କୃଷ୍ଣପୁର, ଚୂଡ଼ାମଣି ଓ ଶାଶୂ ଭୁଆସୁଣୀ ପଞ୍ଚାୟତର ଆମ ଓଡ଼ିଶା ଓ ନବୀନ ଓଡ଼ିଶା ପକ୍ଷରୁ ପଞ୍ଚାୟତ ସ୍ତରୀୟ ସରକାରୀ ଯୋଜନା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ବାସୁଦେବପୁର ର ମାନ୍ୟବର ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ ଏହୀ କାର୍ଯ୍ୟ କ୍ରମ ରେ ଯୋଗ ଦେଇ ପଞ୍ଚାୟତର ଉନ୍ନତି ଓ ରାଜ୍ୟ ସରକାରଙ୍କ ସଫଳ ଯୋଜନା ଓ ପ୍ରୟାସ କୁ ଆଲୋଚନା କରିଥିଲେ । ପଞ୍ଚାୟତର ବିକାଶ ପୁସ୍ତିକା ଏହି ଅବସରରେ ଉନ୍ମୋଚିତ ହୋଇଥିଲା । ଏହି ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, କିସ୍ମତ କୃଷ୍ଣପୁର ସରପଞ୍ଚ ସନ୍ଧ୍ୟା ରାଣୀ ବାରିକ, ବ୍ଲକ ଉପାଧ୍ୟକ୍ଷ ଙ୍କ ପ୍ରତିନିଧି ଚିନ୍ମୟ ବାରିକ୍,ରାମ ଚନ୍ଦ୍ର ବାରିକ୍ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାରେ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ସାମିଲ ହୋଇଥିଲେ । ଶାଶୂ ଭୁଆସୁଣୀ ପଞ୍ଚାୟତର ଅନୁଷ୍ଠିତ ହୋଇଥିବା ଏହି ଶିବିର ରେ ବିଧାୟକ ବିଷ୍ଣୁ ବ୍ରତ ରାଉତରାୟ, ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ,ସରପଞ୍ଚ ରାମ ଚନ୍ଦ୍ର ଗିରି ସମିତି ସଭ୍ୟ ନନ୍ଦ କିଶୋର ମଲିକ, ପି ଇ ଓ ଶ୍ରୀଧର ମାଝୀ, ଜି ଆର ଏସ ଯୋଗେନ୍ଦ୍ର ନାୟକ ପ୍ରମୁଖ ଏହି ଶିବିର ରେ ଯୋଗ ଦେଇଥିଲେ ଓ ବକ୍ତବ୍ୟ ରଖିଥିଲେ ।

# ନୂତନ ଚକ୍ଷୁ ହସ୍ପିଟାଲର ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବ

ଧର୍ମଶାଳା, ୧୪/୨ (ନି.ପ୍ର): ଯାଜପୁର ବ୍ଲକ ମହେଶ୍ୱରପୁର ପଂଚାୟତସ୍ଥ ବ୍ରାହ୍ମଣବାଛୁପୁର ମୌଜା ଢିହସାହି ଗୋପିନାଥପୁରଠାରେ ଏକ ନୂତନ ଚକ୍ଷୁ ହସ୍ପିଟାଲ ସ୍ଥାପନ ନିମନ୍ତେ ଭିତିପ୍ରସ୍ତର ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀଶ୍ରୀ ଗୋପିନାଥଜୀଉ ହସ୍ପିଟାଲ ଟ୍ରଷ୍ଟ ଆନୁକୂଲ୍ୟରେ ଏହି ଗୋପିନାଥପୁରଠାରେ ଅଭିନାଶ ଚକ୍ଷୁ ହସ୍ପିଟାଲ ନାମରେ ଏକ ନୂତନ ଚକ୍ଷୁ ହସ୍ପିଟାଲ ନିର୍ମାଣ ହେବ । ଏ ନେଇ ଆଜି ପବିତ୍ର ଶ୍ରୀପଂଚମୀ ଅବସରରେ ଟ୍ରଷ୍ଟର ମୁଖ୍ୟ ତଥା ଚକ୍ଷୁ ବିଭାଗ ମୁଖ୍ୟ ଡ. ଅମୂଲ୍ୟ ନାଥ ସାହୁଙ୍କ ତ୍ୱତବଧାନରେ ଏହାର ଶୁଭଶିଳାନ୍ୟାସ କରିଥିଲେ । କାର୍ଯ୍ୟକ୍ରମରେ ଗ୍ରାମର ବରିଷ୍ଠ ମୁରବୀ ଦୁର୍ଯ୍ୟୋଧନ ସାହୁ ଓ ଟ୍ରଷ୍ଟର ସଭାପତି କୈଳାସ ଚନ୍ଦ୍ର ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ପରେ ଚନ୍ଦନ ମଣ୍ଡପ ପରିସରରେ ଏକ ସଭା ଅନୁଷ୍ଠିତ ହୋଇଥିଲା । ଟ୍ରଷ୍ଟର ସଭାପତି କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥିଭାବେ ବରିଷ୍ଠ ଡାକ୍ତର ଡ. ଅମୂଲ୍ୟ ନାଥ ସାହୁ, ସମ୍ମାନୀତ ଅତିଥିଭାବେ ମୁରବୀ ଦୁର୍ଯ୍ୟୋଧନ ସାହୁ,ମନୋଜ କୁମାର ସାହୁ,ମନମୋହନ ମହାନ୍ତି ଓ ଶିବ ପ୍ରସାଦ ସାହୁ ପ୍ରମୁଖ ଯୋଗ ଦେଇ ଏହି ନୂତନ ହସ୍ପିଟାଲର ଆଭିମୁଖ୍ୟ ଓ ଗ୍ରାମାଚଂଳରେ ଚକ୍ଷୁ ହସ୍ପିଟାଲର ଆବଶ୍ୟକତା ରହିଛି ବୋଲି ମତବ୍ୟକ୍ତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଅଂଚଳର ମୁରବୀ ବୈକୁଣ୍ଠ ନାଥ ସାହୁ,ବ୍ରଜ କିଶୋର ପାଢୀ,ରବିନ୍ଦ୍ର ନାଥ ସାହୁ,ଚିତ ରଂଜନ ସାହୁ,ସରପଂଚ ସୁଜିତ ରାୟ,ଦିନବନ୍ଧୁ ମଲ୍ଲିକ,ସୁରେଶ ରାଉତ,ମଦନ ମୋହନ ପୃଷ୍ଟି,ରାଜ କିଶୋର ସାହୁ,ନଟବର ପଣ୍ଡା,ଉପେନ୍ଦ୍ର ପାତ୍ର ଓ ପ୍ରସନ୍ନ ନାୟକ ପ୍ରମୁଖ ଉପସ୍ଥିତ ରହି ଚକ୍ଷୁ ହସ୍ପିଟାଲ ପରେ ଏଠାରେ ଏକ ମଲ୍ଟି ସ୍ପେଶାଲ ହସ୍ପିଟାଲ ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଥିଲେ । ଟ୍ରଷ୍ଟର ସମ୍ପାଦକ ବସନ୍ତ କୁମାର ସାହୁ ଅତିଥି ପରିଚୟ ପରିଚୟ ପ୍ରଦାନ ଓ କୁନିକଳାକାରମାନଙ୍କ ଦ୍ୱାରା ସ୍ୱାଗତ ସଂଗୀତ ଗାନ କରାଯାଇଥିଲା । ଶେଷରେ ଟ୍ରଷ୍ଟର ସହ-ସମ୍ପାଦକ ଅନୀଲ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟରେ ଜାତୀୟ ସେବା ଶିବିର ଉଦ୍‌ଯାପିତ

ଖୋର୍ଦ୍ଧା, ୧୪/୨ (ନି.ପ୍ର): ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ଜାତୀୟ ସେବା ଯୋଜନାରେ ଶିତକାଳୀନ ଶିବିର ଆଜି ଉଦଯାପିତ ହୋଇଯାଇଛି । ପ୍ରାଧାପିକା ପୁଷ୍ପାଞ୍ଜଳି ଶ୍ରୀଚନ୍ଦନଙ୍କ ଉଦ୍ଘାଟନ ରେ ଏହି ଉତ୍ସବ ରେ ଆସମା ଟ୍ରଷ୍ଟ ମୁଖ୍ୟ ଦେବାଶିଷ ମହାନ୍ତି, ଡ଼ ମନ୍ଦାକିନି ତ୍ରିପାଠୀ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କ ଶୃଙ୍ଖଳା ଜ୍ଞାନ, ତଥା ନିଃସ୍ୱାର୍ଥପର ସେବା ମନୋବୃତି କୁ ପ୍ରଶଂସା କରିଥିଲେ । ସେହିପରି ଏହି ଶିବିରରେ ଭାରତ ସରକାର ଙ୍କ ଯୁବ ବ୍ୟାପାର,ଓ କ୍ରୀଡା ମନ୍ତ୍ରଣାଳୟ ଅଧିନ ରେ ଥିବା ଓଡିଶା ସରକାରଙ୍କ ରାଷ୍ଟ୍ରୀୟ ସେବା ଯୋଜନାର ଆଂଚଳିକ ନିର୍ଦ୍ଦେଶକ ଡ଼ ସରିତା ପଟେଲ,ଏବଂ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ର ଏନଏସଏସ କାର୍ଯ୍ୟକ୍ରମ ର ସଂଯୋଜକ ସୁଶାନ୍ତ କୁମାର ପଟ୍ଟନାୟକ,ଏହି ଶିବିର ପରିଦର୍ଶନ କରି ସ୍ୱେଚ୍ଛାସେବୀ ମାନଙ୍କର ସମାଜ ପ୍ରତି ଥିବା କର୍ତବ୍ୟବୋଧ ସମ୍ପର୍କରେ ସଚେତନ କରାଇଥିଲେ । ଉଦଯାପନୀ ଅବସରେ ଶ୍ରେଷ୍ଠ ସ୍ୱେଚ୍ଛାସେବୀ ଭାବେ ପୂଜା ଅରିଶଲ ବିବେଚିତ ହୋଇଥିବାବେଳେ ଶ୍ରେଷ୍ଠ କର୍ମୀ ଭାବେ ସୁଚିସ୍ମିତା ପାତ୍ର, ସଂଗୀତା ଦାସ, ବିଜୟଲକ୍ଷ୍ମୀ ନାୟକ, ଲକ୍ଷ୍ମୀପ୍ରିୟା ସେଠି, ବିଶ୍ୱ କଲ୍ୟାଣୀ ପାତ୍ର, ସୋନାଲି ସେଠି, ନୃତ୍ୟ ପ୍ରତିଯୋଗିତାରେ କାମିନୀ ଦଳେଇ, ପୂଜା ଅରିଶଲ, ପୂଜା ରାଉତ ଙ୍କୁ ପୁରସ୍କୃତ କରାଯାଇଥିଲା । ପୋଗ୍ରାମ ଅଫିସର ଡ଼ ପ୍ରବୀଣ କୁମାର ମିଶ୍ର ଏହି ଶୀତକାଳୀନ ସେବା ଶିବିର କୁ ପରିଚାଳନା କରିଥିବାବେଳେ ବିଭୂତି ଭୂଷଣ ଦାସ, ବାସୁଦେବ ମିଶ୍ର, ବେଣୁଧର ସାହୁ ଏଥିରେ ସହଯୋଗ କରିଥିଲେ। ଏହି ଶିବିର ରେ ୫୦ ଜଣ ସ୍ୱେଚ୍ଛାସେବୀ ଯୋଗ ଦେଇ ଥିଲେ।

# ହାତିଆଡିହା ଶିବମୁନି ଯୋଗାଶ୍ରମରେ ଶୁଭ ଜନ୍ମଦିନ ପାଳିତ



ହାତିଆଡିହା, ୧୪/୨ (ନି.ପ୍ର): ହାତିଆଡିହା ଶିବମୁନି ଯୋଗାଶ୍ରମରେ, ଆଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ଙ୍କ କନିଷ୍ଠା କନ୍ୟା ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକଙ୍କ ୪୩ ତମ ଶୁଭ ଜନ୍ମଦିନ, ଆଶ୍ରମର କୋଷାଧ୍ୟକ୍ଷ ଆତ୍ମଜ୍ଞାନୀ ଯୋଗୀ ଭିକାରି ଚରଣ ମୁନି ଜୀ ଙ୍କ ଅଧ୍ୟକ୍ଷତାରେ ମହା ସମାରୋହରେ ପାଳିତ ହୋଇଯାଇଛି ।ମଞ୍ଚାସୀନ ଥିଲେ ଆଶ୍ରମର ଯୋଗଶିକ୍ଷୟତ୍ରୀ ଆତ୍ମଜ୍ଞାନୀ କଳ୍ପନା ମିସ୍ତ୍ରୀ ମହୋଦୟା, ସେ ଶିବ ବଚନାମୃତ ପାଠ କରିଥିଲେକ । କଣ୍ଠଶିଳ୍ପୀ ଯୋଗଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମହୋଦୟା ଶୁଭ ଜନ୍ମଦିନ ସଙ୍ଗୀତ ଗାନ କରିଥିଲେ। ପ୍ରଥମେ ସମୂହ ପ୍ରଣବ, ଶୁଭ ଭାବନା, ବେଦ ପାଠ, ଶାନ୍ତି ପାଠ କରାଯାଇ ଆୟୁଷ୍ମତୀ ମୁନିମତୀ ସନ୍ତୋଷିନୀ ବାରିକଙ୍କୁ, ଶୁଭ ସମୂହ ଦୀର୍ଘ ନୀରୋଗ ନିରାମୟ ଆନନ୍ଦମୟ ଯୋଗମୟ ଜୀବନ ଯାପନ ସହିତ, ଶାରିରୀକ, ପାରିବାରିକ, ମାନସିକ, ଆର୍ଥିକ ତଥା ସାମାଜିକ ଜୀବନର ଶୁଭ ଆଶିର୍ବାଦ ପ୍ରଦାନ କରାଯାଇଥିଲା। ଜଣେ ପ୍ରତିଦିନ ଯୋଗ ସାଧନ କରି କରି ଚାଲିଲେ ଦିନେ ସେ ନିଶ୍ଚୟ ଆତ୍ମ ଦର୍ଶନ କରି ପାରିବ ବୋଲି ବକ୍ତାମାନେ ବକ୍ତବ୍ୟରେ ମତପ୍ରକାଶ କରିଥିଲେ ।ଉପସ୍ଥିତ ଥିଲେ ମୁନିମତୀ ବାସନ୍ତୀ ମହାଲିକ, ମୁନିମତୀ ଶକୁନ୍ତଳା ପରିଡ଼ା, ମୁନିମତୀ ଜାହ୍ନବୀ ଗିରି, ମୁନି ମତୀ ଜୟନ୍ତି ଗିରି, ମୁନିମତୀ ସରସ୍ୱତୀ ନନ୍ଦ, ମୁନିମତୀ ଯମୁନା ବର, ମୁନିମତୀ ପ୍ରଭାସିନୀ ବର, ମୁନି ସତ୍ୟ ସେନାପତି, ମୁନି ମତୀ ପୂର୍ଣ୍ଣିମା ବର, ମୁନିକୁମାରୀ ପ୍ରିୟାନଶୀ ପ୍ରିୟଦର୍ଶିନୀ ବେହେରା ପ୍ରମୁଖ। ଶେଷରେ ପିତା ଯୋଗୀ ପରମାନନ୍ଦ ମୁନି ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ଏକାତ୍ମ ସ୍ୱାଦିଷ୍ଟ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ।

## ଦେଉଳଟାଙ୍ଗି କ୍ରିକେଟ ଟୁର୍ଣ୍ଣାମେଂଟ: ସୁଆଙ୍ଗ ଚମ୍ପିଆନ

ଖୋର୍ଦ୍ଧା, ୧୪/୨ (ନି.ପ୍ର): ଖୋର୍ଦ୍ଧା ବ୍ଲକ କାଇପଦର ଗ୍ରାମପଂଚାୟତ ଅନ୍ତର୍ଗତ ଦେଉଳଟାଙ୍ଗି ମା'ବଘେଇ କ୍ରିକେଟ ଆସୋସିଏସନ୍ ଆନୁକୂଲ୍ୟରେ କ୍ରିକେଟ ଟୁର୍ଣ୍ଣାମେଂଟ ର ଆଜି ଥିଲା ଉଦଯାପନୀ ଦିବସ। ଆଜି ପଳାସପୁର ଓ ସୁଆଙ୍ଗ (ଭୁବନେଶ୍ୱର) ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା । ପ୍ରଥମେ ପଳାସପୁର ଦଳ ବ୍ୟାଟିଂ କରି ୧୬.୧ ଓଭର ଖେଳି ସମସ୍ତ ଓ୍ୱିକେଟ୍ ବିନିମୟରେ ୧୦୫ ରନ୍ କରିଥିଲା । ଦଳ ତରଫରୁ ରାଜେଶ ମହାରଣା ୨୮ ବଲରୁ ୩୬ ରନ୍ କରିଥିଲେ । ଜବାବରେ ସୁଆଙ୍ଗ ଦଳ ୭ଓଭର ଖେଳି ୨ଓ୍ୱିକେଟ ହରାଇ ୧୧୬ରନ୍ କରିଥିଲା । ଫଳରେ ସୁଆଙ୍ଗ ଦଳ ୮ ଓ୍ୱିକେଟ ରେ ବିଜୟୀ ହୋଇ ଚମ୍ପିୟାନ ହେଇଥିଲା । ସୁଆଙ୍ଗ ଦଳର ସୂର୍ଯ୍ୟକାନ୍ତ ବଡ଼ଜେନା ୨୩ ବଲରୁ ୭୬ରନ କରି ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଥିଲେ । ଖେଳ ପରିଚାଳନା ଦାୟିତ୍ୱରେ ଥିଲେ ପ୍ରକାଶ ସିଂ ଓ ଝଜ ସାମନ୍ତରାୟ । ସ୍କୋରର ଜିତେନ୍ଦ୍ର ପ୍ରଧାନ, ନିତୁ ବଳିୟାରସିଂହ, ଭାଷ୍ୟକାର ଆଦିତ୍ୟ କୁମାର ବଳିୟାରସିଂହ । ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ସରପଂଚଙ୍କ ପ୍ରତିନିଧି ବିଜୟ କୁମାର ଅରିସଲ, ଅଶୋକ କୁମାର ବାରିକ, ଅବକାଶ ବଡ଼ଜେନା, ରବିନ୍ଦ୍ର ମାର୍ଥା, ବିପିନ ମହାପାତ୍ର, ମନୋଜ କୁମାର ସ୍ୱାଇଁ, ସତ୍ୟରଞ୍ଜନ ଜେନା, ନାଏବ ସରପଂଚ ସମ୍ୟରଞ୍ଜନ ସ୍ୱାଇଁ ଉପସ୍ଥିତ ଥିଲେ ।

# ବସ୍ତାରେ ସରସ୍ୱତୀ ପୂଜା ଅନୁଷ୍ଠିତ

ବସ୍ତା , ୧୪/୨ (ନି.ପ୍ର): ବସ୍ତାଅଞ୍ଚଳ ସମେତ ସରକାରୀ ବେସରକାରୀ ଅନୁଷ୍ଠାନ କ୍ଲବ ଯୁବକ ସଂଘ ସବୁଠି ବିଦ୍ୟାଦାତ୍ରୀ ମା ସରସ୍ୱତୀ ଙ୍କ ପୂଜା ଯଥାବିଧି ଅନୁଷ୍ଠିତ ହୋଇ ଅଛି । ସେହିପରି ବସ୍ତା ବିବେକାନନ୍ଦ ଶିକ୍ଷାକେନ୍ଦ୍ର ବସ୍ତା ରେ ଅଧ୍ୟକ୍ଷ ଶ୍ରୀପତି ଚରଣ ପାତ୍ରଙ୍କ ପ୍ରତ୍ୟେକତତ୍ତ୍ୱାବଧାନରେ ଏକ ସଭାର ଆୟୋଜନ ହୋଇଥିଲା। ସ୍ଥାୟୀ ସଭାପତି ମାନଗୋବିନ୍ଦ ମହାନ୍ତି ସଭାପତିତ୍ୱରେ ଶିକ୍ଷାକେନ୍ଦ୍ରର ପ୍ରାଣ ପ୍ରତିଷ୍ଠାତା ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଯୋଗଦେଇ ବିଦ୍ୟାଦାତ୍ରୀମା ସରସ୍ୱତୀଙ୍କ ଅପାର କରୁଣା ଲଭିଲେ ମୋହା ମୂର୍ଖବି ପଣ୍ଡିତ ବୋଲାଇ ବାସହିତ ସମାଜର ଜଣେ ସୁନାଗରିକ ହୋଇପାରିବ ବୋଲି ମତବ୍ୟକ୍ତ କରିଥିଲେ । ଅତିଥିଭାବେ ସୂର୍ଯ୍ୟନାରାୟଣ ସାହୁ, ଯୋଗ ଦେଇଥିବାବେଳେ ଗୁରୁମାସୁଶ୍ରୀ ରଞ୍ଜିତା ପାଢୀ, କୋଷାଧ୍ୟକ୍ଷ ପଦୀପ ପରିଡା, ପୁଷ୍ପଲତା ପଟନାୟ,ସୁଚିନ୍ତିଲତା ବେହେରା, ନମିତାଦାସ ସମେତ ସମସ୍ତ ଗୁରୁମା ଓ ଗୁରୁଜୀପ୍ରଶାନ୍ତ ଗିରି, ସରୋଜ ପାତ୍ର, ଅଞ୍ଜନ ସାହୁ, ଯୋଗ ଦେଇଥିଲେ । ସେହିପରି ନଳବାହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ଅଧ୍ୟକ୍ଷ ମିନତୀ ମହାପାତ୍ରଙ୍କ ପୌର ହିତ୍ୟରେ ଏକ ସଭାର ଆୟୋଜନ ହୋଇଥିଲା। ସଭାପତି ରତିକାନ୍ତ ମହାନ୍ତି ଗୁରୁମା ସଂଯୁକ୍ତା ପରିଡା, ଉପସଭାପତି ଚକ୍ରଧର ସେଠୀ, ସମ୍ପାଦକ ସୁବ୍ରତ ପରିଡା, କୋଷାଧ୍ୟକ୍ଷ ରାମ ଚନ୍ଦ୍ର ନାୟକ, ଗୁରୁମା କମଳ କାମିନୀ ଆଚାର୍ଯ୍ୟ,ଶାନ୍ତିଲତା ନାୟକ , ଅଞ୍ଜଳୀନାୟା, ଗୀତାଞ୍ଜଳୀ ମହାନ୍ତି, କଳ୍ପନା ରାଉଳ, ସବିତାସାହୁ, ମମତାରାଣୀ ପରିଡା, ସ୍ୱର୍ଣ୍ଣଲତା ରାଉଳ, ଗୁରୁଜୀ ବରେନ୍ଦ୍ର ସାହୁ, ଲକ୍ଷିଧର ଜେନା,ପିତାମ୍ବର ନାୟକ, ସରସ୍ୱତୀ ମାଝୀ, ଦେବସ୍ମିତା ରାଉଳ, ଛାତ୍ରଛାତ୍ରୀ ସମସ୍ତ ଅବିଭାବକ ଉପସ୍ଥିତ ଥିଲେ ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ପିତୃ ମାତୃ ଦିବସ ପାଳନ



ବଡ଼ସାହି , ୧୪/୨ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲା ବଡ଼ସାହିର ଅଗ୍ରଣୀ ଶିକ୍ଷା ଅନୁଷ୍ଠାନ ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ଭାଲେନ୍ଟାଇନ ଡେ ପରିବର୍ତ୍ତେ ସରସ୍ୱତୀ ପୂଜା ଅବସରରେ ପିତୃମାତୃ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ କିଛି ପିତାମାତାଙ୍କ ସହିତ ଗୁରୁଜୀ ଗୁରୁମା ଉପସ୍ଥିତ ଥିଲେ। ପିଲାମାନେ ଯଥାରିତି ସହିତ ପୂଜା ଅର୍ଚ୍ଚନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଗୁରୁଜୀ କାର୍ତ୍ତିକ ସେଠୀ, ଦୀପକ ଦାସ ଓ ଶୁଭଜିତ ଶୁଭଙ୍କର ରାଉତ ପରିଚାଳନା କରିଥିଲେ। ଡକ୍ଟର ସୁଇଟି ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗଦାନ କରି ଭାରତୀୟ ସଂସ୍କୃତି ଓ ଉତ୍କଳୀୟ ସଂସ୍କୃତି ପରମ୍ପରାରେ କିଭଳି ଭାବେ ପିତାମାତାଙ୍କୁ ପୂଜନ କରାଯାଏ ଏବଂ ଏହି ପିତାମାତାଙ୍କୁ କିଏ ପୂଜାକରି କଣ ଫଳ ପାଇଛନ୍ତି ସେ ସଂପର୍କରେ ବୁଝାଇବା ସହିତ ପ୍ରତିଦିନ ସକାଳେ ପିତାମାତା ଓ ଗୁରୁଜୀ ଗୁରୁମାଙ୍କୁ ପ୍ରଣାମ କରିବା ପାଇଁ ପରାମର୍ଶ ଦେଇଥିଲେ। ଏଥିରେ ଶିକ୍ଷାକେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟା ସୂର୍ଯ୍ୟକାନ୍ତି ରାଉତ ସଭାପତିତ୍ୱ କରିଥିବାବେଳେ ମୁଖ୍ୟବକ୍ତା ଭାବରେ ଅତୁଳ୍ୟ ସୁନ୍ଦର ଭଞ୍ଜବାବୁ ଯୋଗଦାନ କରି ପିତା ମାତା ଓ ଗୁରୁଜୀ ଗୁରୁମା ଜୀବନ୍ତ ଦେବତା ତାଙ୍କର ପରାମର୍ଶ ତଥା ଅଦର୍ଶକୁ ମାନି ଯେଉଁମାନେ ଆଗକୁ ଆଗାନ୍ତି ସେମାନେ ଦିନେ ବିଶ୍ୱବିଜୟୀ ହୁଅନ୍ତି ବୋଲି ମତବ୍ୟକ୍ତ କରିଥିଲେ। ସର୍ବଶେଷରେ ସନାକ୍ଷି ଦଣ୍ଡପାଟ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ଗଞ୍ଜାମ ଜିଲ୍ଲାର ବିଭିନ୍ନ ...

ପିଲାମାନଙ୍କ ଖୁସି ଓ ଲୋକଙ୍କ ଖୁସି ଦେଖି ସେ ବି ଆନନ୍ଦିତ ବୋଲି କହିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶେରଗଡ଼ ଗ୍ରାମପଞ୍ଚାୟତକୁ ଏନ୍.ଏ.ସି ଭାବେ ଘୋଷଣା କରିଥିଲେ ଏବଂ ହିଞ୍ଜିଳି-ଶେରଗଡ଼ର ବିକାଶକୁ ଏକ ନୂଆ ସୋପାନରେ ପହଞ୍ଚାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଶୀତଳାପଲ୍ଲୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ସରସ୍ୱତୀ ପୂଜାର ଶୁଭ ଅବସରରେ ଗଞ୍ଜାମ ଜିଲ୍ଲା ପାଇଁ ୫ ହଜାର କୋଟିରୁ ଅଧିକ ଟଙ୍କାର ଜଳସେଚନ ପ୍ରକଳ୍ପ, ପାନୀୟ ଜଳ ପ୍ରକଳ୍ପ ଆରମ୍ଭ କରାଗଲା। ସେହିପରି ଗୋପାଳପୁର ଇଣ୍ଡଷ୍ଟ୍ରିଆଲ ପାର୍କରେ ଏସିଏମଇ ଓ ଆଭାଡ଼ା ଦ୍ୱାରା ଗ୍ରୀନ୍ ଫୁଏଲ୍ ପ୍ରକଳ୍ପ ଏବଂ ଗୋପାଳପୁରଠାରେ ଇଡକୋର ୟୁଟିଲିଟି କରିଡ଼ର ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ହେଲା। ଏହା ଦ୍ୱାରା ଜିଲ୍ଲାରେ ଶିଳ୍ପ ବିକାଶ ସହିତ ନିଯୁକ୍ତି ପାଇଁ ନୂଆ ସୁଯୋଗ ସୃଷ୍ଟି ହେବ ବୋଲି କହିଥିଲେ। ଆଜି ଓଡ଼ିଶା ପୁଞ୍ଜିନିବେଶ କ୍ଷେତ୍ରରେ ଦେଶରେ ଦ୍ୱିତୀୟ ସ୍ଥାନରେ ଅଛି। ଦେଶର ସାଧାରଣ ବଣ୍ଟନ ବ୍ୟବସ୍ଥାକୁ ଓଡ଼ିଶା ଖାଦ୍ୟ ଯୋଗାଉଛି। ରାଜ୍ୟରେ ମା'ମାନେ ଆଜି ଉଦ୍ୟୋଗୀ ହେବା ପାଇଁ ଆଗଭର ହେଲେଣି। ଚାଷୀମାନଙ୍କ ପାଇଁ ମା'ମାନଙ୍କ ପାଇଁ ଓ ଯୁବଗୋଷ୍ଠୀ ପାଇଁ ବିନାସୁଧରେ ଋଣ ବ୍ୟବସ୍ଥା ସେମାନଙ୍କ ପାଇଁ ସୁଯୋଗ ଆଣିଦେଉଛି। ଛାତ୍ରଛାତ୍ରୀଙ୍କ ପାଇଁ ନୂଆ-ଓ ଛାତ୍ରବୃତ୍ତି ଆରମ୍ଭ ହେବାକୁ ଯାଉଛି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ଆଜି ଦେଶରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ବୋଲି କହି ଆଗାମୀ ଦିନରେ ଓଡ଼ିଶାକୁ ବିକାଶର ନୂଆ ସୋପାନରେ ପହଞ୍ଚାଇବାକୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ ମୁଖ୍ୟମନ୍ତ୍ରୀ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶୀତଳାପଲ୍ଲୀଠାରେ ନବନିର୍ମିତ ୨୦୦ ଶଯ୍ୟାବିଶିଷ୍ଟ ସମ୍ ସୁପରସ୍ପେସିଆଲିଟି ହସପିଟାଲକୁ ଲୋକାର୍ପିତ କରିବା ସହିତ ଘରପାଖରେ ଆପଣମାନେ ଏହା ମାଧ୍ୟମରେ ଭଲ ଚିକିତ୍ସା ସୁବିଧା ପାଇବେ ବୋଲି କହିଥିଲେ।

## ଓଏଏସ୍ ବଦଳି: ଗଙ୍ଗାଧର ....

ସେହିପରି କଟକସ୍ଥିତ ଲ୍ୟାଣ୍ଡ ରେକର୍ଡସ ଆଣ୍ଡ ସର୍ଭେ ଅତିରିକ୍ତ ନିର୍ଦ୍ଦେଶକ ପୂର୍ଣ୍ଣ ଚନ୍ଦ୍ର ମିଶ୍ରଙ୍କୁ ଓଡ଼ିଶା ଓ୍ୱାକଫ୍ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ରାଜ୍ୟ ହଜ୍ କମିଟିର ନିର୍ବାହୀ ଅଧିକାରୀ ଭାବେ ଅତିରିକ୍ତ ଦାୟିତ୍ୱ ନ୍ୟସ୍ତ ହୋଇଛି । ସେ ପରବର୍ତ୍ତୀ ନିର୍ଦ୍ଦେଶ ପର୍ଯ୍ୟନ୍ତ ଏହି ଦୁଇଟି ଅତିରିକ୍ତ ଦାୟିତ୍ୱରେ ରହିବେ। ସ୍ୱତନ୍ତ୍ର ରିଲିଫ କମିଶନରଙ୍କ କାର୍ଯ୍ୟାଳୟରେ ଯୁଗ୍ମ ଏସଆରସି ଭାବେ କାର୍ଯ୍ୟରତ ଲିପିକା ଦାସଙ୍କୁ ଓଡ଼ିଶା ସବଅର୍ଡିନେଟ୍ ଷ୍ଟାଫ ସିଲେକ୍ସନ କମିଶନଙ୍କ ଯୁଗ୍ମ ସଚିବ ଭାବେ ବଦଳି ହୋଇଛି । ସେହିପରି ଗଞ୍ଜାମ ଡିୟୁଡିଏ ପ୍ରକଳ୍ପ ନିର୍ଦ୍ଦେଶକ ସୁଧାଂଶୁ କୁମାର ଭୋଇଙ୍କୁ ଗଞ୍ଜାମ ଅତିରିକ୍ତ ଜିଲ୍ଲାପାଳ ଓ ନୂଆପଡ଼ା ଉପଜିଲ୍ଲାପାଳ ସୁବାସ ଚନ୍ଦ୍ର ରାଇତିଆଙ୍କୁ ନୂଆପଡ଼ାର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । ସେହିପରି ବୌଦ୍ଧ ଉପଜିଲ୍ଲାପାଳ ରବୀନ୍ଦ୍ରନାଥ କହଁରଙ୍କୁ ସୁବର୍ଣ୍ଣପୁର ଅତିରିକ୍ତ ଜିଲ୍ଲାପାଳ ଭାବେ ବଦଳି ହୋଇଛି । କାଶୀନଗର ବିଡିଓ ଅନୁପ ପଣ୍ଡାଙ୍କୁ ବୌଦ୍ଧ ଉପଜିଲ୍ଲାପାଳ ଓ ଟେଷ୍ଟବୁକ୍ ପ୍ରଡକ୍ସନ ଆଣ୍ଡ ମାର୍କେଟିଂ ପର୍ସେନାଲ ଅଫିସର ଯୋଗେନ୍ଦ୍ର ମାଝୀଙ୍କୁ ନୂଆପଡ଼ା ଉପଜିଲ୍ଲାପାଳ ଭାବେ ବଦଳି ହୋଇଛି । ପଶ୍ଚିମଓଡ଼ିଶା ବିକାଶ ପରିଷଦର ଓଏସଡି ରବୀନ୍ଦ୍ର କୁମାର ପଟେଲଙ୍କୁ ଗଞ୍ଜାମ ଜିଲ୍ଲା ସହରାଂଚଳ ବିକାଶ ପ୍ରାଧିକରଣର ପ୍ରକଳ୍ପ ନିର୍ଦ୍ଦେଶକ ଭାବେ ବଦଳି ହୋଇଛି ।

## ନେତା ଗଲେ ମଧ ...

ଆମ ପାଖକୁ ବିଜେଡି ଓ ବିଜେପିରୁ ମଧ ନେତା ଆସୁଛନ୍ତି ବୋଲି ଶରତ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ ଯେ କେନ୍ଦ୍ରାପଡ଼ା ଜିଲ୍ଲାର ଟାଣୁଆ କଂଗ୍ରେସ ନେତା ହେଉଛନ୍ତି ଅଂଶୁମାନ ମହାନ୍ତି। ୨୦୧୪ ସାଧାରଣ ନିର୍ବାଚନରେ ସେ ରାଜନଗର ନିର୍ବାଚନମଣ୍ଡଳୀରୁ ବିଜୟୀ ହୋଇ ବିଧାନସଭାରେ ପହଂଚିଥିଲେ। ୨୦୧୯ ନିର୍ବାଚନରେ ବିଜେଡିର ଧ୍ରୁବ ସାହୁଙ୍କଠାରୁ ସେ ହାରି ଯାଇଥିଲେ। ସେହିପରି ନିହାର ମହାନନ୍ଦ ହେଉଛନ୍ତି ଅନୁଗୋଳ ଜିଲ୍ଲାରେ ଜଣେ ଟାଣୁଆ କଂଗ୍ରେସ ନେତା। ପୂର୍ବରୁ ଅନୁଗୋଳ ଜିଲ୍ଲା କଂଗ୍ରେସ ସଭାପତି ହୋଇଥିଲେ। ଦଳରେ ଅଣଦେଖା କରାଯାଉଥିବା ଅଭିଯୋଗ ଆଣି ସେ ମଙ୍ଗଳବାର ଇସ୍ତଫା ଦେଇଛନ୍ତି।

## ଚାଷୀଙ୍କ ବିଶାଳ...

ଅଟକାଇବାକୁ ଚେଷ୍ଟା କରିଥିଲା। ପୁଲିସ୍ ପକ୍ଷରୁ ଲୁହ ବୁହା ଗ୍ୟାସ, ପାଣି ମାଡ଼ ସହ ଅନ୍ୟାନ୍ୟ ପଦକ୍ଷେପ ନିଆଯାଇଥିଲା। ଏହାକୁ ନେଇ ଦୁଇ ପକ୍ଷ ମଧ୍ୟରେ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ଏଥିରେ ଚାଷୀ ଓ ପୁଲିସ୍ କର୍ମଚାରୀମାନେ ଆହତ ହୋଇଛନ୍ତି। ପୁଲିସ୍ କହିଛି ଯେ ୨୪ ଜଣ କର୍ମଚାରୀ ଆହତ ହୋଇଛନ୍ତି। ଚାଷୀଙ୍କ କହିବା କଥା ୬୦ ଜଣ ବିକ୍ଷୋଭକାରୀ ପୁଲିସ୍ ଆକ୍ରମଣରେ ଆହତ ହୋଇଛନ୍ତି। ଆନ୍ଦୋଳନ ତୀବ୍ର ହେଉଥିବାରୁ ଆସନ୍ତାକାଲି କେନ୍ଦ୍ର ସରକାର ଚାଷୀ ନେତାଙ୍କ ସହ ତୃତୀୟ ରାଉଣ୍ଡ ବୈଠକ କରିପାରନ୍ତି। କାଲି ସନ୍ଧ୍ୟା ୫ଟାରେ ବୈଠକ ହେବାର ଅଛି। ପୁଲିସ୍ ସହ ବିବାଦ ଲାଗି ରହିଥିବାରୁ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ପୁଲିସ୍ ବିକ୍ଷୋଭ ରୋକିବାକୁ ଉଦ୍ୟମ ବନ୍ଦ କରିବା ଯାଏ କେନ୍ଦ୍ର ସରକାରଙ୍କ ସହ ଆଲୋଚନା କରାଯାଇ ପାରିବ ନାହିଁ ବୋଲି ଚାଷୀ ନେତା ଜଗଜିତ ସିଂହ ଡାଲ୍ଲେୱା କହିଛନ୍ତି।

## କଳାକାରମାନଙ୍କ ସହାୟତା...

କଳାକାରମାନେ ସହାୟତା ରାଶି ବୃଦ୍ଧି ନିମିତ୍ତ ଅନୁରୋଧ ମଧ କରିଥିଲେ । ପୂର୍ବରୁ ଏହି ଯୋଜନାର ୫୦,୦୦୦ କଳାକାର ମାନଙ୍କୁ ମାସିକ ଟ୧୨୦୦/-ଙ୍କା(ବାରଶହ) ଆଧାରରେ ସହାୟତା ରାଶି ପ୍ରଦାନ କରାଯାଉଥିଲା । ମାତ୍ର ବର୍ତ୍ତମାନ ଏହି ଯୋଜନାର ଧାର୍ଯ୍ୟ ଲକ୍ଷ୍ୟ ୮୦,୦୦୦ କୁ ବୃଦ୍ଧି କରାଯାଇଅଛି ଯାହାଦ୍ୱାରା ଆହୁରି ରାଜ୍ୟର ୩୦,୦୦୦ କଳାକାର ଏଥିରେ ଉପକୃତ ହୋଇପାରିବେ । ଏହି କ୍ରମରେ ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନା ନିୟମାବଳୀର ନିୟମ ୪, ଉପ ନିୟମ (ସସ)ରେ ଉଲ୍ଲେଖଥିବା କଳାକାରମାନଙ୍କର ବାର୍ଷିକ ଆୟର ସୀମାକୁ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ନିର୍ବିଶେଷରେ ଏକ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଅଛି । ଅଶି ବର୍ଷ ପର୍ଯ୍ୟନ୍ତ କଳାକାରମାନଙ୍କର କଳାକାର ସହାୟତା ରାଶି ଟ୧୨୦୦/-ଙ୍କା (ବାରଶହ ଟଙ୍କା)ରୁ ଟ୨୦୦୦/-ଙ୍କା (ଦୁଇ ହଜାର ଟଙ୍କା)କୁ ଓ ଅଶି ବର୍ଷରୁ ଉର୍ଦ୍ଧ୍ୱ କଳାକାରମାନଙ୍କର କଳାକାର ସହାୟତା ରାଶି ଟ୧୨୦୦/-ଙ୍କା (ବାରଶହ ଟଙ୍କା)ରୁ ଟ୨୫୦୦/-ଙ୍କା (ଦୁଇ ହଜାର ପାଞ୍ଚଶହ ଟଙ୍କା)କୁ ବୃଦ୍ଧି କରାଯାଇଅଛି । ଉକ୍ତ ବର୍ଦ୍ଧିତ ସହାୟତା ରାଶି ଚଳିତ ଫେବୃଆରୀ ମାସରୁ ଲାଗୁ କରାଯିବ ଏବଂ ଡିବିଟି ମାଧ୍ୟମରେ ଫେବୃଆରୀ ମାସ ୨୦ତାରିଖରୁ ୨୫ତାରିଖ ମଧ୍ୟରେ ପ୍ରଦାନ କରାଯିବ । ଏହି ଯୋଜନାରେ ସହାୟତା ରାଶି ବୃଦ୍ଧି ଯୋଗୁଁ ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଅନେକ କଳାକାରମାନେ ଉପକୃତ ହେବେ । ଏହା ଦ୍ୱାରା ଆମର କଳାର ସଂରକ୍ଷଣ, ବିକାଶ, ପ୍ରଚାର ଓ ପ୍ରସାର ହେବା ସହିତ ଓଡ଼ିଶାର କଳା ଓ ସଂସ୍କୃତିକୁ ଏହା ଋଦ୍ଧିମନ୍ତ କରିବ ।

## ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରୁ ପୁଣି ...

ମସିହା ଜୁଲାଇ ମାସରେ ମୋଦି ସରକାରଙ୍କ କ୍ୟାବିନେଟ୍ ଅଦଳବଦଳରେ ଅଶ୍ୱିନୀ ବୈଷ୍ଣବଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରାଯାଇଥିଲା। ଏଥିରେ ସେ କ୍ୟାବିନେଟ ମନ୍ତ୍ରୀ ଭାବେ ଶପଥ ନେଇଥିଲେ। ଏଥିସହ ତାଙ୍କୁ ଗୁରୁତ୍ୱପୂର୍ଣ୍ଣ ରେଳ ତଥା ଇଲେକଟ୍ରୋନିକ, ସୂଚନା ପ୍ରଯୁକ୍ତି ଓ ଯୋଗାଯୋଗ ମନ୍ତ୍ରଣାଳୟର ଦାୟିତ୍ୱ ଦିଆଯାଇଥିଲା। ଦେଶର ରେଳ କ୍ଷେତ୍ରରେ ଉନ୍ନତିକରଣ ପାଇଁ ଚେଷ୍ଟା କରି ଆସୁଛନ୍ତି ଅଶ୍ୱିନୀ। ଖାସ କରି ତାଙ୍କ କାର୍ଯ୍ୟକାଳରେ ଓଡ଼ିଶାକୁ ସବୁଠାରୁ ଅଧିକ ରେଳ ଅନୁଦାନ ମିଳିଛି। ୨୦୨୩-୨୪ ବଜେଟରେ ପ୍ରଥମ ଥର ଲାଗି ଓଡ଼ିଶାର ଅନୁଦାନ ପରିମାଣ ୧୦ ହଜାର କୋଟି ଟପିଥିଲା। ରାଜ୍ୟର ୫୮ଟିଷ୍ଟେସନର ଆଧୁନିକୀକରଣ କାମ ଚାଲିଛି। ପୁରୀ, ଭୁବନେଶ୍ୱର ବିଶ୍ୱସ୍ତରୀୟ ଷ୍ଟେସନରେ ପରିଣତ କରିବା ଲାଗି ଅଶ୍ୱିନୀଙ୍କ ସମୟରେ କାମ ଆରମ୍ଭ ହୋଇଛି। ଅନୁଗୁଳ-ସୁକିନ୍ଦା, ହରିଦାସପୁର-ପାରାଦୀପ ରେଳ ଲାଇନ କାମ ସମ୍ପୂର୍ଣ୍ଣ ହୋଇଛି। । ବହୁ ପ୍ରତୀକ୍ଷିତ ଖୋର୍ଦ୍ଧା-ବଲାଙ୍ଗିର ରେଳ ଲାଇନ କାମ ତ୍ୱରାନ୍ୱିତ ହୋଇଯାଇଛି। ଖୋର୍ଦ୍ଧା ପଟରୁ ଦଶପଲ୍ଲା ଓ ବଲାଙ୍ଗିର ପଟୁ ସୋନପୁର ପର୍ଯ୍ୟନ୍ତ ଆରମ୍ଭ ହୋଇଛି ରେଳ ଚଳାଚଳ। ସେହିପରି ଓଡ଼ିଶାରୁ ୨ଟି ବନ୍ଦେ ଭାରତ ଏକ୍ସପ୍ରେସ୍ ଚାଲିଛି। ସେହିପରି ଯୋଗାଯୋଗ କ୍ଷେତ୍ରରେ ଦେଖିଲେ ରାଜ୍ୟରେ ୫ଜି ସେବା ଆରମ୍ଭ ହେବା ସହ ବହୁ ସଂଖ୍ୟାରେ ମୋବାଇଲ ଟାୱାର ସ୍ଥାପନ କରାଯାଇଛି। ଅନ୍ୟପକ୍ଷରେ ଗତକାଲି ମଧ ବିଜେଡି ନିଜର ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ବହୁ ବିଧାୟକଙ୍କ ଉପସ୍ଥିତିରେ ୨ଜଣ ପ୍ରାର୍ଥୀଙ୍କ ନାମାଙ୍କନ ପତ୍ର ଦାଖଲ କରିଛି । ସୂଚନାଯୋଗ୍ୟ, ବିଜେଡି ସାଂସଦ ପ୍ରଶାନ୍ତ ନନ୍ଦ ଓ ଅମର ପଟ୍ଟନାୟକଙ୍କ ସମେତ ବିଜେପି ସାଂସଦ ଅଶ୍ୱିନୀ ବୈଷ୍ଣବଙ୍କ ରାଜ୍ୟସଭା କାର୍ଯ୍ୟକାଳ ଚଳିତବର୍ଷ ଏପ୍ରିଲ ୨ତାରିଖରେ ଶେଷ ହେଉଛି। ଏହି ୩ଟି ଆସନ ପାଇଁ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି ଓ ୧୫ତାରିଖ ନାମାଙ୍କନ ପତ୍ର ଦାଖଲର ଶେଷ ଦିନ ରହିଛି। ବିଧାନସଭାରେ ବିଜେପିର ମାତ୍ର ୨୨ଜଣ ବିଧାୟକ ଥିବାବେଳେ ଜଣେ ପ୍ରାର୍ଥୀଙ୍କ ଜିତିବା ପାଇଁ ସର୍ବନିମ୍ନ ୩୭ଜଣ ବିଧାୟକଙ୍କ ସମର୍ଥନ ଜରୁରୀ।

## ଅଶ୍ୱିନୀଙ୍କୁ ବିଜେଡିର ସମର୍ଥନ ...

ପଟ୍ଟନାୟକ ତାହା କରିବାକୁ ବାଧ୍ୟ। ଓଡ଼ିଶାବାସୀଙ୍କୁ ଯେଉଁ ଧକ୍କା ଦିଆଯାଇଛି ତା଼କୁ କେବେ ସେମାନେ ବରଦାସ୍ତ କରିବେନି। ଏପରି ଓଡ଼ିଶାରେ କେବେ ହୋଇନଥିଲା। ବିଜେପି ଓ ବିଜେଡି ମଧ୍ୟରେ ବିବାହ ପରେ ଏବେ ଜଣେ ପୌଷ୍ୟପୁତ୍ର ପହଞ୍ଚି ଗଲେଣି। ୨୦୨୪ରେ ଓଡ଼ିଶାବାସୀ ବିଜେପି ଓ ବିଜେଡିକୁ କଡ଼ା ଜବାବ ଦେବେ ବୋଲି ଶରତ ପଟ୍ଟନାୟକ କହିଛନ୍ତି। ସୂଚନାଯୋଗ୍ୟ, ଓଡ଼ିଶାର ୩ଟି ରାଜ୍ୟସଭା ସିଟ୍ ପାଇଁ ନିଜ ସଂଖ୍ୟା ଥିବା ବିଜେଡି ଦୁଇ ଜଣଙ୍କୁ ନାଁ ଘୋଷଣା କରିଥିଲା। ତୃତୀୟ ଟିକଟରେ କିଏ ରାଜ୍ୟସଭା ଯିବ ବୋଲି କଳ୍ପନାଜଳ୍ପନା ଚାଲିଥିବା ବେଳେ ହଠାତ୍ ବିଜେପି ଘୋଷଣା କରିଥିଲା ରେଳ ମନ୍ତ୍ରୀ ଶ୍ୱିନୀ ବୈଷ୍ଣବଙ୍କ ନାଁ। ପରେ ପରେ ତାଙ୍କୁ ସମର୍ଥନ କରିଥିଲା ବିଜେଡି।

## ୟୁଏଇ ମାଟିରେ ଖୋଲିଲା...

ବିଏପିଏସ ସ୍ୱାମୀନାରାୟଣ ସଂସ୍ଥା ୧୯୯୭ର ମନ୍ଦିର ନିର୍ମାଣ ପାଇଁ କଳ୍ପନା କରିଥିଲେ ଓ ୨୦୧୯ରେ ମନ୍ଦିରର ଆଧାରଶିଳା ରଖାଯାଇଥିଲା । ୫ବର୍ଷ ପରେ ନିର୍ମାଣ କାମ ଶେଷ ହୋଇଛି । ମନ୍ଦିର ଉଦଘାଟନ ପୂର୍ବରୁ ମୋଦୀ ପ୍ରବାସୀ ଭାରତୀୟଙ୍କୁ ଭେଟିବା ସହ ସମ୍ବୋଧିତ କରିଥିଲେ । ବିଦେଶ ମାଟିରେ ଭାରତର ସଫଳତା, ଉପଲବ୍ଧି ବଖାଣିଥିଲେ । ୟୁଏଇ ଓ ଭାରତ ମଧ୍ୟରେ ଦ୍ୱିପାକ୍ଷୀକ ଆଲୋଚନା କରାଯିବା ସହ ରୁପେ କାର୍ଡ ଲଂଚ କରାଯାଇଛି । ଅର୍ଥାତ ଭାରତର ରୂପେ କାର୍ଡ ୟୁଏଇରେ ମଧ କାମ କରିବ । ୟୁଏଇକୁ ଭାରତର ପ୍ରକୃତ ବନ୍ଧୁ କହିବା ସହ ଆଗାମୀ ଦିନରେ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ସହଯୋଗଭିତିରେ ବଢ଼ିବା ନେଇ ଆଶା ରଖିଛନ୍ତି ପ୍ରଧାନମନ୍ତ୍ରୀ ।

ଧ୍ୱନି ପ୍ରତିଧ୍ୱନି

# ଡାଙ୍ଗପିଟା ମନମୟୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

ଲଙ୍ଗଳେଶ୍ୱର , ୧୪/୨ (ନି.ପ୍ର): ସଂସ୍କାର ଭାବନା ଛାତ୍ର ଛାତ୍ରୀଙ୍କୁ ଭଲ ଓ ବଡ ମଣିଷ କରେ। ଦେଶ ଜାତି ପାଇଁ ତାକୁ ତାର କର୍ତ୍ତବ୍ୟ କରିବା ପାଇଁ ପ୍ରେରଣା ଦେଇଥାଏ ବୋଲି ବୁଧବାର ବାଲିଆପାଳ ବ୍ଲକ ଡାଙ୍ଗପିଟା ଉଚ୍ଚ ପ୍ରାଥମିକ ସରକାରୀ ବିଦ୍ୟାଳୟର ବାର୍ଷିକ ଉତ୍ସବରେ ଅତିଥି ମାନେ ଯୋଗ ଦେଇ ଉପରୋକ୍ତ ମତ ବ୍ୟକ୍ତ କରିଛନ୍ତି। ପ୍ରଧାନ ଶିକ୍ଷକ ବୃଷକେତୁ ଗୋଚ୍ଛାୟତଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ଶିକ୍ଷାବିତ ତଥା ସୁ ସାହିତ୍ୟିକ ଡଃ ସୁକାନ୍ତ କୁମାର ଗିରି ମୁଖ୍ୟ ଅତିଥି, ଧ୍ରୁବ ଚରଣ ସଂସ୍କୃତ କଲେଜର ଅଧକ୍ଷ ପଣ୍ଡିତ ପ୍ରିୟବ୍ରତ ପଣ୍ଡା ମୁଖ୍ୟ ବକ୍ତା, ସମ୍ମାନିତ ଅତିଥି ଭାବରେ ମନ୍ମଥ କୁମାର ରାଉତ, ହରେକୃଷ୍ଣ ରାଉତ, ମହେନ୍ଦ୍ର ପଢିଆରୀ, କାର୍ତ୍ତିକ ଚନ୍ଦ୍ର ଜେନା, ରବୀନ୍ଦ୍ର କୁମାର ବିଶ୍ୱାଳ, ପ୍ରମୋଦ କୁମାର ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ସହକାରୀ ଶିକ୍ଷକ ନଳିନୀ କାନ୍ତ ପାଢ଼ୀ ଅତିଥିଙ୍କୁ ମଞ୍ଚକୁ ଆହ୍ୱାନ, ସରୋଜ କୁମାର ବିଶ୍ୱାଳ ବିବରଣୀ ପାଠ କରିଥିଲେ। ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ର ଛାତ୍ରୀଙ୍କୁ ପୁରସ୍କାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏହାକୁ ଅଞ୍ଜନ ଦତ୍ତ, ପରିଚାଳନା କମିଟିର ସଦସ୍ୟ ଓ ଗ୍ରାମବାସୀ ପରିଚାଳନା କରିଥିଲେ। ଶିକ୍ଷୟତ୍ରୀ ପ୍ରିୟଙ୍କା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



# ମହାବୀର ପୂଜା କମିଟିର ୬ ବର୍ଷ ସରସ୍ୱତୀ ପୂଜା




ବାରିପଦା , ୧୪/୨ (ନି.ପ୍ର): ବାରିପଦା ସହର ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଦୀର୍ଘ ୦୬ ବର୍ଷ ହେବ ଏହି ସରସ୍ୱତୀ ପୂଜା ବଜାୟ ରଖିଛି । ମା' ସରସ୍ୱତୀ ଆବାହନ ମନ୍ତ୍ରରେ ପରିବେଶ ପ୍ରକମ୍ପିତ ହେଉଥିବା ବାରିପଦାରେ ଅଧିକ ଭକ୍ତିମୟ କରି ତୋଳିଥାଏ। ଏହି ପରମ୍ପରା କାଳକ୍ରମେ ହଜି ଯାଇଥିଲେ ବି ବାରିପଦା ଗାନ୍ଧୀ ମାର୍କେଟ ଛକ ମହାବୀର ପୂଜା କମିଟି ଏହାକୁ ଉଜ୍ଜୀବିତ କରିରଖିଛି। ୨୦୧୮ ମସିହାରେ ୩ ରୁ ୪ ଜଣ ସଦସ୍ୟ ସଙ୍ଗଠିତ ହୋଇ ୫ ହଜାର ଟଙ୍କା ବ୍ୟୟ ଅଟକଳରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ। ବର୍ଷକୁ ବର୍ଷ ଏହି ପୂଜାର ଆକର୍ଷଣ ବଢ଼ିବା ସହ ବର୍ତ୍ତମାନ ବଜେଟ ୧ ଲକ୍ଷ ଟଙ୍କାକୁ ଛୁଇଁଛି। ପୂଜା କମିଟି ସମ୍ପାଦକ ବିଶ୍ୱାଷ ମହାନ୍ତି ସୂଚନା ମୁତାବକ ଗତ ୬ ବର୍ଷ ହେଲା ସ୍ଥାୟୀ ଭାବେ ମା' ସରସ୍ୱତୀଙ୍କ ପୂଜା ପାଇ ଆସୁଛନ୍ତି। ବର୍ତ୍ତମାନ କମିଟିରେ ୫୦ରୁ ଉର୍ଦ୍ଧ୍ୱ ସଦସ୍ୟ ଅଛନ୍ତି। ସମସ୍ତଙ୍କ ସହଯୋଗରେ ଏହି ପୂଜା ଶାନ୍ତିଶୃଙ୍ଖଳାର ସହ ହେଉଥିବା କମିଟି ସଭାପତି ଦେବବ୍ରତ ଦେ ସୂଚନା ଦେଇଛନ୍ତି। କମିଟିର କର୍ମକର୍ତ୍ତା ଜୟେଷ ପାତ୍ର, ଚନ୍ଦନ ପାଣି, ଅଭିଶେକ ଦେ, ଲକ୍ଷ୍ମାନ ସାହୁ, ଅଜୟ ବାରିକ ଓ କୁମର ରାକେଶ ପୂଜା ସମ୍ପାଦନରେ ପ୍ରମୁଖ ଦାୟିତ୍ୱ ତୁଲାଉଛନ୍ତି। ଚଳିତ ବର୍ଷ କମିଟି ପକ୍ଷରୁ ଏକ କାଳ୍ପନିକ ମନ୍ଦିର ସଦୃଶ ତୋରଣ ନିର୍ମାଣ କରାଯାଉଛି। କମିଟି ପକ୍ଷରୁ ସାଜସଜ୍ଜା ପାଇଁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି।

# ଥାନେଶ୍ୱରୀ ପାଣି ପଂଚାୟତ ପ୍ରକଳ୍ପ ଅଚଳ: ପଡ଼ିଆ ପଡୁଛି ୨୦ହେକ୍ଟରରୁ ଅଧିକ ଜମି

ଉଦଳା , ୧୪/୨ (ନି.ପ୍ର): ଓଡ଼ିଶା ସରକାରଙ୍କର ଜଳସମ୍ପଦ ବିଭାଗ ତରଫରୁ ଉଠା ଜଳ ସେଚନ ଆନୁକୁଲ୍ୟରେ ଉଦଳା ବ୍ଲକର ଖଲାଡ଼ି ପଂଚାୟତ ଅନ୍ତର୍ଗତ ରାଇଦାଣ୍ଡିଆ ଗ୍ରାମରେ ଗତ ୨୦୧୬ ମସିହାରୁ କାର୍ଯ୍ୟକାରି ହୋଇ ଆସୁଥିଲା ଥାନେଶ୍ୱରୀ ପାଣିପଂଚାୟତ ପ୍ରକଳ୍ପ । ଏହାଦ୍ୱାରା ପ୍ରାୟ ୨୦ ହେକ୍ଟରରୁ ଅଧିକ ଜମି ବର୍ଷସାରା ଚାଷ ହେବା ସହିତ କୃଷକ ମାନେ ବେଶ ଭଲ ଦୁଇ ପଇସା ରୋଜଗାର କରୁଥିଲେ । କିନ୍ତୁ ଯାନ୍ତ୍ରୀକ ତୃଟି ଯୋଗୁଁ ଆଉ ଚାଷ ଜମିକୁ ପାଣିମଡ଼ାଯାଇ ପାରୁନଥିବାର କଥା କୃଷକ ପ୍ରଫୁଲ ମଢ଼େଇ,




ପୂର୍ଣ୍ଣଚନ୍ଦ୍ର ଡ଼ାକୁଆ, ରାମଚନ୍ଦ୍ର ଡ଼ାକୁଆ, ସାରମଣି ଡ଼ାକୁଆ, ବସନ୍ତ ଡ଼ାକୁଆ, ଉମାକାନ୍ତ ମଳିକ ପ୍ରମୁଖ ଜଣାଇଛନ୍ତି । ଗତ ୨୦୧୯ ମସିହା ଠାରୁ ଏହା ଅଚଳ ଅବସ୍ଥାରେ ପଡ଼ି ରହିଛି । ପୁଣି ଥରେ ଏହାକୁ ମରାମତି କରି ଚାଷ ଜମିକୁ ପାଣି ମଡ଼ାଯିବାର ବ୍ୟବସ୍ଥା କରାଯାଉ ବୋଲି ଗ୍ରାମବାସି ମାନେ ବାରମ୍ବାର ଦାବି ଜଣାଇଛନ୍ତି । କିନ୍ତୁ କେହି କର୍ଣ୍ଣପାତ କରୁନଥିବାର କଥା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ପ୍ରକାଶ ଥାଉକି ଆଜକୁ ୫ ବର୍ଷରୁ ଅଧିକ ହେବ ଏଥିପାଇଁ ୨୦ହେକ୍ଟରରୁ ଅଧିକ ଜମି ଖରାଦିନେ ପଡ଼ିଆ ପଡୁଛି ।

# ପୌରାଞ୍ଚଳରେ ମନ୍ତ୍ରୀଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ ଓ ରେସନ ହିତାଧିକାରୀଙ୍କୁ ବ୍ୟାଗ୍ ବଣ୍ଟନ

ଜଳେଶ୍ୱର , ୧୪/୨ (ନି.ପ୍ର): ରାଜ୍ୟ ସରକାର ରେସନଧାରୀଙ୍କ ଲାଗି ୨ଟି ବ୍ୟାଗ୍ ଓ ୧ହଜାର ସହାୟତା ଦେବାର ବ୍ୟବସ୍ଥା କରିଛନ୍ତି । ତେଣୁ ଆଜି ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ ପାତ୍ର ଜଳେଶ୍ୱର ମ୍ୟୁନିସିପାଲଟିର ୧ନଂ, ୧୬ନଂ ୱାର୍ଡରେ ରେସନଧାରୀଙ୍କୁ ୨ଟି ଲେଖାଏଁ ଝୋଟ ବ୍ୟାଗ୍ ବଣ୍ଟନ କରିଥିବା ଜଣାଯାଇଛି । ନିର୍ମାଣାଧିନ କଲ୍ୟାଣ ମଣ୍ଡପ, ମଣିପାଟଣା ଗାଁକୁ ରାସ୍ତାନିର୍ମାଣ ସହିତ ଆୟୋଜିତ ସଭାରେ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ସଚେତନ କରିଥିଲେ । ଏସବୁ କାର୍ଯ୍ୟକ୍ରମରେ ତାଙ୍କ ସହିତ ନଗରପାଳ ପ୍ରତୀପ ପ୍ରଧାନ, ଟାଉନ୍ ସଭାପତି ସୁରଜିତ ଘୋଷ, ମନ୍ତ୍ରୀ ପ୍ରତିନିଧି ସତ୍ୟରଂଜନ ଦାସମହାପାତ୍ର, ସଂଜିବ ପାଳ, ରାଜେଶ ଦେ, ନିଲୁ ସାହୁ, ସେକ୍ ଅବଦୁଲ ରହିମ, ଦୀପୁ ସାମନ୍ତ, ଲକ୍ଷ୍ମଣ ସରେନ୍, ସେକ୍ ସଇଫୁଦ୍ଦିନ ପ୍ରମୁଖ ଉପସ୍ଥିତ ଥିଲେ ।

# ବୃନ୍ଦାବତୀ ବିହାର ବିକାଶ ପରିଷଦ ତରଫରୁ ଡ. ଉପେନ୍ଦ୍ରନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା



ବାଲେଶ୍ୱର, ୧୪/୨ (ନି.ପ୍ର): ବାଲିଆ ପଞ୍ଚାୟତର ବୃନ୍ଦାବତୀ ବିହାର ବିକାଶ ପରିଷଦ ତରଫରୁ ଡ. ଉପେନ୍ଦ୍ରନାଥ ପାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଗତ ଫେବୃଆରୀ ୩ ତାରିଖ ଦିନ ଜର୍ମାନ୍‌ସ୍ଥିତ ପ୍ରାଚୀନ ଯୋଗ ସଂସ୍କୃତ ବିଶ୍ୱବିଦ୍ୟାଳୟ ତରଫରୁ ଶ୍ରୀ ପାତ୍ରଙ୍କୁ ଡକ୍ଟରେଟ୍ ଉପାଧି ପ୍ରଦାନ କରାଯାଇଥିଲା। ସାଧାରଣ ସଂପାଦକ ଶ୍ୟାମସୁନ୍ଦର ଜେନା ମଞ୍ଚ ଆହ୍ୱାନ କରି ପ୍ରାରମ୍ଭିକ ସୂଚନା ପ୍ରଦାନ କରିବା ପରେ ପରିଷଦର ଉପସଭାପତି ପୀତାମ୍ବର ଦାସ ସଭା ପରିଚାଳନା କରିଥିଲେ। ଅତିଥିଭାବେ ମେଡିକାଲ୍ କଲେଜ୍ କ୍ରିୟାନୁଷ୍ଠାନ କମିଟିର ସଭାପତି ନିରଞ୍ଜନ ପରିଡ଼ା ଓ ସମ୍ମାନିତ ଅତିଥିଭାବେ ଗୌରାଙ୍ଗ ପାଣିଗ୍ରାହୀ ପରିଷଦ ପକ୍ଷରୁ ଶ୍ରୀ ପାତ୍ରଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ଅତିଥିମାନେ ଶ୍ରୀଯୁକ୍ତ ପାତ୍ରଙ୍କର ବିଭିନ୍ନ ସାମାଜିକ କାର୍ଯ୍ୟ ଓ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନ ସର୍ବୋପରି ସ୍ଥାନୀୟ ଅଞ୍ଚଳରେ ସରସ୍ୱତୀ ବିଦ୍ୟାମନ୍ଦିର ପ୍ରତିଷ୍ଠା କରିବାରେ ତାଙ୍କର ଭୂମିକା ଅତୁଳନୀୟ ବୋଲି ମତବ୍ୟକ୍ତ କରିଥିଲେ। ସଭାରେ କୋଷାଧକ୍ଷ ଡ. ଯଶୋବନ୍ତ ମହାନ୍ତି, ରତିକାନ୍ତ ବାଗୁଡ଼ାଇ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲାବେଳେ ଡ. ପାତ୍ରଙ୍କ ପତ୍ନୀ ଶ୍ରୀମତୀ କାଞ୍ଚନବାଳା ପାତ୍ର ବିକାଶ ପରିଷଦର କାର୍ଯ୍ୟାବଳୀକୁ ପ୍ରଶଂସା କରି କୃତଜ୍ଞତା ଜଣାଇଥିଲେ। ହରେକୃଷ୍ଣ ଗିରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

# ଖଇରା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ କର୍ମଚାରୀ ମରୁଡି: କାମ ପାଇଁ ଜନତାଙ୍କ ଲମ୍ବା ଧାଡି

ଖଇରା, ୧୪/୨ (ନି.ପ୍ର): ଖଇରା ବ୍ଲକ ଅଧୀନ ଖଇରା ଉପ ନିବନ୍ଧକଙ୍କ କାର୍ଯ୍ୟାଳୟରେ ସହ ନିବନ୍ଧକ ପଦବୀ ତଥା କର୍ମଚାରୀ ମରୁଡି । ଏହାର କୁପାରିଣାମ କାମପାଇଁ ଆସୁଥିବା ସାଧାରଣ ଲୋକଙ୍କୁ ଭୋଗିବାକୁ ପଡୁଛି । ସେପଟେ ଦାୟିତ୍ୱ ପ୍ରଦାନ କରାଯାଇଥିବା ଖଇରା ତହସିଲଦାର ଅନ୍ୟାନ୍ୟ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ରହି ଅପରାହ୍ନରେ ଆସୁଥିବାରୁ ବୁଢୀବୁଢା ମାନଙ୍କୁ ଜମି କାମରେ ସୂର୍ଯୋଦୟରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡୁଛି । ଏଭଳି ମାନସିକ ନିର୍ଯ୍ୟାତନା ଦେବା ଅପେକ୍ଷା ଖଇରା କାର୍ଯ୍ୟାଳୟକୁ ବନ୍ଦ କରିଦେବା ଅପେକ୍ଷାକୃତ ଭଲ ହେବ ବୋଲି ବିଭିନ୍ନ ସଙ୍ଗଠନ ତରଫରୁ ଅଭିଯୋଗ କରାଯାଇଛି । ଏହି କାର୍ଯ୍ୟାଳୟରେ କାର୍ଯ୍ୟରତ ଉପ ନିବନ୍ଧକ ପ୍ରଶାନ୍ତ କୁମାର ପୁହାଣଙ୍କର ଜାନୁଆରୀ ୩୧ ତାରିଖରେ ଅନ୍ୟତ୍ର ବଦଳୀ ହୋଇଥିଲା । ପରେ ଅତିରକ୍ତ ତହସିଲଦାର କିମ୍ବା ସେହି କ୍ୟାଡରର ଅନ୍ୟ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯିବା ପରିବର୍ତ୍ତେ ସବ ସମୟରେ ବ୍ୟସ୍ତ ରହୁଥିବା ଖଇରା ତହସିଲଦାର ପ୍ରଶାନ୍ତ କୁମାର ମହାରଣାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରଯାଇଥିଲା । ସେପଟେ ବର୍ତ୍ତମାନ ଉକ୍ତ କାର୍ଯ୍ୟାଳୟର ମୁଖ୍ୟ କିରାଣୀ,ଏକ କନିଷ୍ଠ କିରାଣୀକୁ ଅନ୍ୟତ୍ର ଡେପୁଟେଶନରେ ବଦଳି କରାଯାଇଥିବା ଯାଇଥିବା ବେଳେ ପିଅନ,ରାତ୍ରୀ ଜଗୁଆଳି ପଦବୀ ଦୀର୍ଘଦିନରୁ ଖାଲି ପଡିଛି । ଏହି ଅବ୍ୟବସ୍ଥାକୁ ଦେଖିଲେ ଜମି କିଣାବିକା କାମରେ ଆସୁଥିବା ଲୋକ ବିଶେଷ ଭାବେ ବରିଷ୍ଠ ନାଗରିକ ମାନଙ୍କୁ ଦିର୍ଘ ସମୟ ଅପେକ୍ଷା କରିବାକୁ ପଡୁଛି । ଏଭଳିକି ଦିନେ ଦିନେ ପୂର୍ବାହ୍ନ ୧୦ଟାରୁ ଆସି ୫ପର୍ଯ୍ୟନ୍ତ କାମପାଇଁ ବସି ରହୁଛନ୍ତି । ୧୩ଦିନ ଧରି ଲୋକମାନଙ୍କର ଏଭଳି ହିନସ୍ତା ସମ୍ପର୍କରେ ଜିଲା ନିବନ୍ଧକ,ଅତିରିକ୍ତ ଜିଲାପାଳ (ରାଜସ୍ୱ),ଜିଲାପାଳଙ୍କୁ ବିଭିନ୍ନ ମହଲରୁ ଅବଗତ କରାଯାଉଥିଲେ ହେଁ ଏ ସମ୍ପର୍କରେ ସମସ୍ତେ ମଉନ ରହିବା ଲୋକଙ୍କୁ ମାନସିକ ଯନ୍ତ୍ରଣାକୁ ଦୁଇଗୁଣ ବଢାଇ ଦେଇଛି । ଏଣୁ ଯନ୍ତ୍ରଣା ଲାଘବ ପାଇଁ ଜଣେ ନିୟମିତ ଉପ ନିବନ୍ଧକ କିମ୍ବା ଅତିରିକ୍ତ ତହସିଲାଦାରଙ୍କୁ ଦାୟିତ୍ୱ ପ୍ରଦାନ କରାଯିବାକୁ ଖଇରା ବ୍ଲକର ୩୬ପଞ୍ଚାୟତର ଜନସାଧରାଣ ଦାବୀ କରିଛନ୍ତି । ଅତିରିକ୍ତ ତହସିଲଦାର ଙ୍କୁ ଉପନିବନ୍ଧ ଦାୟିତ୍ୱ ନେବାକୁ ସାଧାରଣରେ ଦାବି ହେଉଛି ।ଏ ସମ୍ପର୍କରେ ଅତିରିକ୍ତ ଜିଲାପାଳ ପ୍ରିୟଦର୍ଶନୀ ମଲ୍ଲିକଙ୍କୁ ଯୋଗାଯୋଗ କରାଯିବାରେ ଏଥିପାଇଁ ବିକଳ୍ପ ବ୍ୟବସ୍ଥା କରାଯାଉଥିବା କଥା କହିଛନ୍ତି ।

## ମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଚୋରୀ

ଜଳେଶ୍ୱର , ୧୪/୨ (ନି.ପ୍ର): ଜଳେଶ୍ୱର ଥାନା ଅନ୍ତର୍ଗତ ନାମ୍ପୋ ଫାଣ୍ଡି ଅଧିନରେ ଥିବା ବାଗପୁଞ୍ଜି ଗାଁର ଶିବମନ୍ଦିରରୁ ଲକ୍ଷାଧିକ ଟଙ୍କାର ଅଳଙ୍କାର ଓ ଆସବାପତ୍ର ଚୋରୀ ହୋଇ ଯାଇଛି । ଆଜି ସକାଳେ ମନ୍ଦିର ନିକଟରେ ୨ଟି ତାଲା ଭଂଗାହୋଇ ପଡିଥିବା ଦେଖିବାକୁ ମିଳିଥିଲା । ସ୍ଥାନୀୟ ଲୋକେ ପୂଜକଙ୍କୁ ଖବର ଦେବାରୁ ପୂଜକ ମନ୍ଦିରରେ ଥିବା ବିଭିନ୍ନ ଅଳଙ୍କାର ମଧ୍ୟରେ ରୂପାନାଗ, ପିତଳ ଓ ତମ୍ବାର କେତେକ ଅଳଙ୍କାର, କଂସାବାସନ, ମାଇକସେଟ ଇତ୍ୟାଦି ଚୋରୀ ହୋଇଥିବାରୁ ପୂଜକ ଥାନାରେ ଅଭିଯୋଗ କରିଛନ୍ତି । ଏ ସଂପର୍କରେ ଜଳେଶ୍ୱର ପୁଲିସ୍ ତଦନ୍ତ ଜାରି ରଖିଛି ।

# ବେଆଇନ ଗୋରୁ ବୋଝେଇ ପିକଅପ ଭ୍ୟାନ ଜବତ: ଚାଳକ ଗିରଫ




ବେତନଟୀ , ୧୪/୨ (ନି.ପ୍ର): ବେତନଟୀ ଥାନା ଅଧୀନ ବୁଢିଖମାରୀ ଛକରେ ଚଢ଼ାଉକରି ବେଆଇନ ଗୋରୁ ବୋଝେଇ ପିକଅପ ଭ୍ୟାନ ଜ୍ବତ ଓ ଚାଳକକୁ ଗିରଫ କଲା ବେତନଟୀ ପୁଲିସ । ଚାଳକ ଜଣଙ୍କ ହେଉଛନ୍ତି ଗୁଡ଼ିଆଲବନ୍ଧ ଗ୍ରାମର ରାଜେଶ କୁମାର ମହାନ୍ତ ବୋଲି ଜଣାପଡିଛି । ଘଟଣା ରୁ ପ୍ରକାଶ ଓଡି -୦୧୩୩ ନମ୍ବର ବିଶିଷ୍ଟ ପିକଅପ ଭ୍ୟାନ ଯୋଗେ ବେଆଇନ ଗୋରୁ ଚାଲାଣ ନେଇ ବିଶ୍ୱସ୍ତସୂତ୍ରରୁ ଖବର ମିଳିବା ପରେ ବେତନଟୀ ପୁଲିସ ପେଟ୍ରୋଲିଂ ଟିମ ବୁଢୀଖମାରୀ ଅଞ୍ଚଳରେ ଚଢ଼ାଉ କରିଥିଲା । ଚଢ଼ାଉ ସମୟରେ ବେଆଇନ ଗୋରୁ ବୋଝେଇ ପିକଅପ ଭ୍ୟାନ କୁ ଜବତ କରିବା ସହିତ ଚାଳକକୁ ଗିରଫ କରିଥିଲା । ଏନେଇ ବେତନଟୀ ପୁଲିସ ଏକ ମାମଲା ରୁଜୁକରି ପିକଅପ ଭ୍ୟାନକୁ ଜବତ କରି ଚାଳକ ରାଜେଶଙ୍କୁ କୋର୍ଟ ଚାଲାଣ କରିଥିଲା । ଜାମିନ ନାମଞ୍ଜୁର ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି । ଏପଟେ ଜବତ ପିକଅପ ଭ୍ୟାନରୁ ଉଦ୍ଧାର ୧୫ଟି ଗୋରୁଗାଈଙ୍କୁ ବାଲେଶ୍ୱରସ୍ଥିତ ମା ଭାରତୀ ଗୋ ସେବାକେନ୍ଦ୍ରକୁ ହସ୍ତାନ୍ତର କରାଯାଇଥିବା ନେଇ ବେତନଟୀ ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି ।

# ବାଲେଶ୍ୱର ଜିଲ୍ଲାକୁ ସଂପୂର୍ଣ୍ଣ ସ୍ୱାକ୍ଷର କରିବା ପାଇଁ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱର ଏବଂ ଜିଲ୍ଲା ପ୍ରଶାସନ ଦାୟିତ୍ୱ ନେଲେ




ବାଲେଶ୍ୱର, ୧୪/୨ (ନି.ପ୍ର): ଦାୟିତ୍ୱ ସ୍ତରରେ ନିରକ୍ଷରତା ହାର ୨୬ ପ୍ରତିଶତ ଥିଲା ବେଳେ ବାଲେଶ୍ୱର ଜିଲ୍ଲାସ୍ତରରେ ଏହା ୨୦୧୧ ପ୍ରତିଶ୍ରୁତି ଅଟେ । ରୋଟାରୀ ଇଣ୍ଡିଆ ଲିଟେରେସି ମିଶନର ଜାତୀୟ ସ୍ତରରେ ସଂପୂର୍ଣ୍ଣ ସ୍ୱାକ୍ଷରତା ଅଭିଯାନ ଅଂଶ ଭାବେ ରୋଟାରୀ କ୍ଲବ ଅଫ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟ ମିଳିତ ପ୍ରୟାସରେ ନୀଳଗିରି ଓ ରେମୁଣା ବ୍ଲକ୍‌ର ୬ଟି ଗ୍ରାମର ୬୫୫ ହିତାଧିକାରୀଙ୍କୁ ନେଇ ୧୮ଟି ସେଣ୍ଟରରେ ସଂଧ୍ୟାରେ ବିଭିନ୍ନ ସରକାରୀ ସ୍କୁଲ ଅଂଗନବାଡ଼ି କେନ୍ଦ୍ର, ଗ୍ରାମ୍ୟ କ୍ଲବ ଓ କମ୍ୟୁନିଟି ସେଣ୍ଟରରେ ଅକ୍ଷର ସାଥୀଙ୍କ ସାଧାରଣରେ ଆରସିଏମ ଦ୍ୱାରା ବିଶେଷ ଭାବରେ ଡିଜାଇନ୍ କରାଯାଇଥିଲା । ୨ଟି ପୁସ୍ତକ ପଢ଼ିଥିବା ପାଇଁ ଅନ୍ୟାନ୍ୟ ଉପାଦେୟ ମେଟେରିଆଲ ଗୁଡ଼ିକ ମାଧ୍ୟମରେ କ୍ଲସ ଗୁଡ଼ିକ ଆରମ୍ଭ କରାଯାଇଥିଲା। ସମୟକ୍ରମେ ଜିଲ୍ଲା ପ୍ରଶାସନ ରୋଟାରୀ କ୍ଲବ ଅଫ୍ ବାଲେଶ୍ୱରକୁ ଏହି ମହତ କାମରେ ସାହାଯ୍ୟର ହାତ ବଢ଼ାଇବା ପାଇଁ ଆଗେଇ ଆସିଥିଲେ । ବାଲେଶ୍ୱର ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସିନ୍ଧେଙ୍କ ନେତୃତ୍ୱରେ ଆଜି ଜ୍ଞାନ ଓ ବିଦ୍ୟାର ଦେବୀ ସରସ୍ୱତୀ ପୂଜାରେ ଜିଲ୍ଲାପାଳଙ୍କ ମହାତ୍ମା ଗାନ୍ଧୀଙ୍କ କରଫନ୍ସ ହଲରେ ଏକ ତ୍ରିସ୍ତରୀୟ ବୁଝାମଣା ପତ୍ର ସ୍ୱାକ୍ଷର ହୋଇ ଯାଇଅଛି । ବାଲେଶ୍ୱର ରୋଟାରୀ କ୍ଲବ ପକ୍ଷରୁ ସଭାପତି ପ୍ରଦୀପ୍ତ କୁମାର ପଣ୍ଡା, ଜିଲ୍ଲା ପ୍ରଶାସନ ତରଫରୁ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀମତୀ ପ୍ରତିଭା ମଞ୍ଜରୀ ଦାସ ଓ ରୋଟାରୀ ଇଣ୍ଡିଆ ଲିଟେରେସି ମିଶନ ସଦସ୍ୟ, ଜାତୀୟ କମିଟି ପିଡିଜି ଶାନ୍ତନୁ କୁମାର ପାଢ଼ି ଏହି ବୁଝାମଣା ପତ୍ରର ସ୍ୱାକ୍ଷର କରିଥିଲେ। ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମରେ ଏହି ବାଲେଶ୍ୱରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ସୁଧାକର ନାୟକ, ରିଜିଓନାଲ ଡାଇରେକ୍ଟର ଇତିଶ୍ରୀ ଏଜୁକେଶନ, ଡ. ହେମନ୍ତ କୁମାର ଘଡ଼ୋଇ, ଫକୀର ମୋହନ ବିଶ୍ୱବିଦ୍ୟାଳୟର ଏନ୍ଏସଏସ ବିଭାଗର ମୁଖ୍ୟ ଡ. ଅମୂଲ୍ୟ ଆଚାର୍ଯ୍ୟ, ଦେବାଶିଷ ସ୍ୱାଇଁ, ଜିଲ୍ଲା ଶିକ୍ଷା ଅତିରିକ୍ତ ଅଧିକାରୀ ଓ ସ୍କିମ୍ ଓ ବାଲେଶ୍ୱର ସଦରର ବ୍ଲକ୍ ଶିକ୍ଷା ଅଧିକାରୀ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ । ରୋଟାରୀ କ୍ଲବ ତରଫରୁ କ୍ଲବର ମୁଖ୍ୟ ଉପଦେଷ୍ଟା ସୁବ୍ରତ କର ଓ ୨୫-୨୬ର ରୋଟାରୀ କ୍ଲବ ବାଲେଶ୍ୱରର ପୂର୍ବବର୍ଷର ସଭାପତି ଇଂ ସୌଭାଗ୍ୟ କୁମାର ବେହେରା ପ୍ରୋଜେକ୍ଟର ମାଧମରେ ଏହି କାର୍ଯ୍ୟକ୍ରମର ବିଭିନ୍ନ ଉପାଦେୟ ଉପସ୍ଥାପନା କରିଥିଲେ । ପୂର୍ବତନ ପ୍ରାନ୍ତପାଳ ତଥା ରୋଟାରୀ ଜିଲ୍ଲା ଲିଟିରେସି ମିଶନର ଜାତୀୟ କମିଟିର ସଦସ୍ୟ ଶାନ୍ତନୁ କୁମାର ମାଣି ମିଟିଂକୁ ପୌରହିତ୍ୟ କରି ସଂପୂର୍ଣ୍ଣ ସ୍ୱାକ୍ଷର ବାଲେଶ୍ୱରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ । ସଂପୂର୍ଣ୍ଣ ସ୍ୱାକ୍ଷର ବାଲେଶ୍ୱର ଅଭିଯାନର ଉପାଧକ୍ଷ ରୋଟାରୀ କ୍ଲବ ବାଲେଶ୍ୱରର ଆଜି ପର୍ଯ୍ୟନ୍ତ ରେମୁଣା ଓ ନୀଳଗିରି ବ୍ଲକରେ ୬ଟି ଗ୍ରାମରେ ବିଭିନ୍ନ ଉପସ୍ଥାପନା କରିଥିଲେ । ମାନ୍ୟବର ଜିଲ୍ଲାପାଳ ଏହି ପ୍ରୋଜେକ୍ଟର ବିଭିନ୍ନ ଦିଗ ଉପରେ ବିସ୍ତୃତ ଭାବେ ଆଲୋଚନା କରି ଏହି ମହତ ଉଦ୍ଦେଶ୍ୟ ପାଇଁ ଜିଲ୍ଲା ପ୍ରଶାସନର ସମସ୍ତ ବିଭାଗର ଯୋଗଦାନ କିପରି ରହିବ ତାହା ଉପରେ ଏକ ରୋଡ଼ମେପ ଉପସ୍ଥାପନ କରିଥିଲେ । ଶେଷରେ ରୋଟାରୀ କ୍ଲବ ଅଫ ବାଲେଶ୍ୱର ୨୫-୨୫ ବର୍ଷର ସଭାପତି କ୍ଷେତ୍ରମୋହନ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

# ବିଳମ୍ବିତ ରାତିରେ ଦୁଇ ଭାଇଙ୍କୁ ମରଣାନ୍ତକ ଆକ୍ରମଣ: ସ୍କୁଟି ଓ ୨୫ ହଜାର ଲୁଟିନେଲେ ଦୁର୍ବୃତ୍ତ

ବସ୍ତା,୧୪।୨(ନିପ୍ର): ବସ୍ତା ଥାନା ଅନ୍ତର୍ଗତ ଖୁଣ୍ଟା ଓ କୁଣ୍ଡପୁର ରାସ୍ତାର ମଧ୍ୟବର୍ତ୍ତୀ ହଳଦିଆପଡ଼ା ରାସ୍ତାରେ ମଙ୍ଗଳବାର ବିଳମ୍ବିତ ରାତିରେ ଦୁଇ ଭାଇଙ୍କ ଉପରକୁ ଦୁର୍ବୃତ୍ତ ମାନେ ଅତର୍କିତ ଆକ୍ରମଣ କରି ସ୍କୁଟିକୁ ଛଡ଼ାଇନେବା ସହ ଟଙ୍କା ପଇସା ଲୁଟ୍ କରିନେଇଥିବା ଥାନାରେ ଅଭିଯୋଗ ହୋଇଛି ।ଘଟଣାରୁ ପ୍ରକାଶ କୁଣ୍ଡପୁର ଗ୍ରାମର ଅଜୟ କୁମାର ବେହେରା ଓ ସାନ ଭାଇ ଅକ୍ଷୟ କୁମାର ବେହେରା ଗତକାଲି ରାତିରେ ବସ୍ତା ବଜାରରେ ଥିବା ଗ୍ରସୋରୀ ଦୋକାନକୁ ବନ୍ଦ କରି ନିଜର ସ୍କୁଟି (ଓଡ଼ି ୦୧ୟୁ ୫୧୪୦)ରେ ଖୁଣ୍ଟା ରେଳ ଫାଟକ ଦେଇ ଘରକୁ ଆସୁଥିବା ସମୟରେ ହଳଦିଆପଡ଼ା ରାସ୍ତାର ସ୍ୱର୍ଗତ ଲକ୍ଷ୍ମଣ ରାମଙ୍କ ପ୍ରତିମୂର୍ତ୍ତି ନିକଟରେ ପୂର୍ବରୁ ଛକି ରହିଥିବା ୬/୭ ଜଣ ଦୁର୍ବୃତ୍ତ ଦୁଇ ଭାଇଙ୍କ ଉପରକୁ ଠେଙ୍ଗାବାଡ଼ିରେ ଅତର୍କିତ ଆକ୍ରମଣ କରିଥିଲେ ।ଆକ୍ରମଣରେ ଦୁଇ ଭାଇଙ୍କୁ ଲହୁଲୁହାଣ କରି ସେମାନଙ୍କ ନିକଟରୁ ସ୍କୁଟି ସହ ଓପରବେଳା ବିକ୍ରି ଟଙ୍କା(୨୫ ହଜାର)କୁ ଛିନତାଇ କରି କୁଣ୍ଡପୁର ଦେଇ ସଂଯୋଗ କରୁଥିବା ୬୦ ନମ୍ବର ଜାତୀୟ ରାଜପଥ ଦେଇ ଫେରାର୍ ହୋଇଯାଇଥିଲେ। ପରେ ଦୁଇ ଭାଇଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଉଦ୍ଧାର କରାଯାଇ ପ୍ରଥମେ ବସ୍ତା ଓ ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା ।ମାତ୍ର ଆଜି ବସ୍ତା-ବାଲିଆପାଳ ରାସ୍ତାର ପେଜଗଳା ପୋଲ ନିକଟରେ ସ୍କୁଟିଟି ପଡ଼ିଥିବାର ଦେଖି ଲୋକେ ପୋଲିସକୁ ଖବର ଦେଇଥିଲେ। ପରେ ଅଭିଯୋଗ ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ସ୍କୁଟିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଥିବାର ଦେଖିବାକୁ ମିଳିଛି। ସୂଚନା ଥାଉକି କାଳୀଗିରି ଫାଟକ ଠାରୁ ପଥୁରିଆ, ହଳଦିଆପଡ଼ା, କୁଣ୍ଡପୁର ରାସ୍ତାରେ ଦିନକୁ ଦିନ ଚୋରି, ରାହାଜାନି ବୃଦ୍ଧି ପାଇବାରେ ଲାଗି ଲାଗିଛି। ସେହିଭଳି ମୁଳିଦା ରାସ୍ତା ଏବେ ନିଶାଡ଼ି ଓ ଦୁର୍ବୃତ୍ତ ମାନଙ୍କର ଚରାଭୂଇଁ ପାଲଟିଛି ।ଏହି ରାସ୍ତା ଦେଇ ପ୍ରତ୍ୟେକ ଦିନ ବିଭିନ୍ନ ମାଦକ ଦ୍ରବ୍ୟ,କାଠ ଚୋରା ଚାଲାଣ ସହ ବାଲି ଚୋରା ଚାଲାଣ ହୋଇ ଆସୁଥିବା ନଜିର ରହିଛି। ଯାହା ଫଳରେ ବିଳମ୍ବିତ ରାତିରେ ଉକ୍ତ ରାସ୍ତା ଦେଇ ସାଧାରଣ ଲୋକଟିଏ ଯାତାୟତ କରିବା ପାଇଁ ନିଜକୁ ଅସୁରକ୍ଷିତ ମଣୁଛି ।ମାତ୍ର ପୋଲିସର ନିଷ୍କ୍ରିୟତା ଯୋଗୁଁ ଦୁର୍ବୃତ୍ତ ମାନଙ୍କର ପ୍ରାଦୁର୍ଭାବ ଚରମସୀମା ଟପୁଛି ବୋଲି ସାଧାରଣରେ ଆଲୋଚ୍ୟ ବିଷୟ ସାଜିଛି।

# ଗୁଜରାଟରୁ ଜେପି ନଡ୍ଡା ରାଜ୍ୟସଭା ପ୍ରାର୍ଥୀ

ନୂଆଦିଲ୍ଲୀ, ୧୪/୨ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ଅଧକ୍ଷ ଜେପି ନଡ୍ଡାଙ୍କୁ ରାଜ୍ୟସଭା ନିର୍ବାଚନରେ ଗୁଜରାଟରୁ ଦଳ ପକ୍ଷରୁ ପ୍ରାର୍ଥୀ କରାଯାଇଛି । ବୁଧବାର ବିଜେପି ଗୁଜରାଟ ଓ ମହାରାଷ୍ଟ୍ର ସିଟ ପାଇଁ ପ୍ରାର୍ଥୀ ଘୋଷଣା କରିଛି। ମହାରାଷ୍ଟ୍ରରୁ ଅଶୋକ ଚୌହ୍ୱାନଙ୍କୁ ପ୍ରାର୍ଥୀ କରାଯାଇଛି । ଚୌହ୍ୱାଣ ମଙ୍ଗଳବାର ବିଜେପିର ସାମିଲ ହୋଇଥିଲେ। ବିଜେପି ପକ୍ଷରୁ ଜାରି ତାଲିକାରୁ ଗୁଜରାଟରୁ ପାର୍ଟିର ଅଧକ୍ଷ ଜେପି ନଡ୍ଡା, ଗୋବିନ୍ଦଭାଇ ଢୋଲକିଆ, ମୟଙ୍କଭାଇ ନାୟକ, ଜଶବନ୍ତ ସିଂହ ସଲାମସିଂହ ପରମାର ଅଛନ୍ତି । ମହାରାଷ୍ଟ୍ରରୁ ଅଶୋକ ଚୌହ୍ୱାଣ, ମେଧା କୁଲକର୍ଣ୍ଣି, ଅଜିତ ଗୋପଛଡେ ଅଛନ୍ତି ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo